# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 44 ♦ISSUE-88 ♦MONDAY ♦21 SEPTEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୮୮ ♦ସୋମବାର ♦୨୧ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ବଲିଉଡ୍‌ରେ ନୂଆ ରାବଣ

▶ପୃଷ୍ଠା ୧୧ ଦେଖନ୍ତୁ...





ସ୍କାନ୍ କରନ୍ତୁ | 10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111

*ନିୟମ ଏବଂ ସର୍ତ୍ତାବଳୀ ଲାଗୁ । ଉଲ୍ଲେଖିତ ESRPs, SD USD ସିଙ୍ଗଲ୍ ସିଟ୍ ଭେରିଆଣ୍ଟ ପାଇଁ ଅଟେ । ଷ୍ଟଣ୍ଟଗୁଡ଼ିକ ବିଶେଷଜ୍ଞମାନଙ୍କ ଦ୍ୱାରା, ପେଶାଦାର ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ବନ୍ଦ ପରିବେଶରେ, ସାଧାରଣ ଜନସାଧାରଣ କିମ୍ବା ସାର୍ବଜନୀନ ରାସ୍ତାଠାରୁ ଅଲଗା ରହି କରାଯାଇଛି । ଏହି ଷ୍ଟଣ୍ଟଗୁଡ଼ିକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

## ବିପଦରେ ସୁପର ପାୱାର

# ଚିନ୍ତାରେ ଆମେରିକା
# ଖର୍ଚ୍ଚ ହେଲାଣି ୪୫.୧ ବିଲିୟନ ଡଲାର; ତଥାପି ସରୁନି ଯୁଦ୍ଧ

ୱାସିଂଟନ, ୨୦।୯ (ଏଜେନ୍ସି): ଇରାନଯୁଦ୍ଧରେ ଆମେରିକାର ଖର୍ଚ୍ଚ କ୍ରମାଗତ ଭାବେ ବଢ଼ିଚାଲିଛି। ଟ୍ରମ୍ପ ପ୍ରଶାସନ ଏଯାଏଁ ପ୍ରାୟ ୪୫.୧ ବିଲିୟନ ଡଲାର ବ୍ୟୟ କରିଥିବା ପେଣ୍ଟାଗନ୍‌ର ଏକ ଆକଳନରୁ ଜଣାପଡ଼ିଛି। ଶୁକ୍ରବାର ଆମେରିକା କଂଗ୍ରେସକୁ ଏହି ଆକଳନ ଦିଆଯାଇଥିବା ସିଏନ୍‌ଏନ୍‌ର ଏକ ରିପୋର୍ଟରେ ଦୁଇ ଜଣ ସୂତ୍ରଙ୍କ ଉଦ୍ଧୃତି ଦେଇ କୁହାଯାଇଛି। ତେବେ ଏହି ରାଶିରେ ଯୁଦ୍ଧ ସମ୍ପର୍କିତ ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ଖର୍ଚ୍ଚ ସାମିଲ ନାହିଁ। ସିଏନ୍‌ଏନ୍ ଅନୁଯାୟୀ, ସେପ୍‌ଟେମ୍ବର ୩ ପର୍ଯ୍ୟନ୍ତ ଯୁଦ୍ଧ ସମ୍ପର୍କିତ ଖର୍ଚ୍ଚ ୪୩.୬ ବିଲିୟନ ଡଲାର ରହିଥିବା ବେଳେ ଅତିରିକ୍ତ ଇନ୍ଧନ ବାବଦରେ ଆଉ ୧.୫ ବିଲିୟନ ଡଲାର ବ୍ୟୟ ହୋଇଛି। ଏହି ଦୁଇଟି ରାଶିକୁ ମିଶାଇ ମୋଟ ଖର୍ଚ୍ଚ ୪୫.୧ ବିଲିୟନ ଡଲାରରେ ପହଞ୍ଚିଛି। ଏହି ନୂଆ ଆକଳନ ଆମେରିକାର କଂଗ୍ରେସନାଲ ବଜେଟ୍ ଅଫିସ୍ (ସିବିଓ)ର ପୂର୍ବ ଆକଳନଠାରୁ ଅଧିକ। ସିବିଓ ଗତ ୧୫ତାରିଖରେ ପ୍ରକାଶିତ ରିପୋର୍ଟରେ ଅଗଷ୍ଟ ୧ ସୁଦ୍ଧା ଯୁଦ୍ଧରେ ପ୍ରାୟ ୩୮ ବିଲିୟନ ଡଲାର ବ୍ୟୟ ହୋଇଥିବା ଆକଳନ କରିଥିଲା। ଜୁଲାଇରେ ପେଣ୍ଟାଗନ୍‌ର ଆକଳନ ଥିଲା ୩୭.୫ ବିଲିୟନ ଡଲାର। ସିବିଓର ଆକଳନରେ ସାମରିକ ଅଭିଯାନ, ଯୁଦ୍ଧ ସାମଗ୍ରୀ ଓ ଯନ୍ତ୍ରପାତିର ପୁନଃଭରଣ, ଯୁଦ୍ଧରେ ନଷ୍ଟ ହୋଇଥିବା ଉପକରଣର ବଦଳ, ବିମାନ ଉଡ଼ାଣ ଏବଂ ଅଧିକ ଇନ୍ଧନ ବ୍ୟୟ ଆଦି ସାମିଲ ରହିଛି। ତେବେ ପ୍ରତିରକ୍ଷା ବିଭାଗ ଆବଶ୍ୟକ ତଥ୍ୟ ଦେଇନଥିବାରୁ ସରକାରୀ ତଥ୍ୟଭଣ୍ଡାର ଓ ସାର୍ବଜନୀନ ରିପୋର୍ଟ ଆଧାରରେ ଏହି ଆକଳନ କରାଯାଇଥିବା ସଂସ୍ଥା କହିଛି। ତେଣୁ ଏଥିରେ ଯଥେଷ୍ଟ ଅନିଶ୍ଚିତତା ରହିଛି ବୋଲି ସିବିଓ ସତର୍କ କରାଇଛି। ଯୁଦ୍ଧର ତୀବ୍ରତା ଅନୁଯାୟୀ ଆଗକୁ ଖର୍ଚ୍ଚ ଆହୁରି ବଢ଼ିପାରେ। ମେ’ ଓ ଜୁନ୍ ମାସରେ ଯୁଦ୍ଧର ଯେଉଁ ତୀବ୍ରତା ଥିଲା, ତାହା ଜାରି ରହିଲେ ଆଉ ଏକ ମାସରେ ପ୍ରାୟ ୨ ବିଲିୟନ ଡଲାର ବ୍ୟୟ ହୋଇପାରେ। ଜୁଲାଇ ମାସର ତୀବ୍ରତାକୁ ଯୁଦ୍ଧ ଫେରିଲେ ମାସିକ ଖର୍ଚ୍ଚ ୩ ବିଲିୟନ ଡଲାର ଛୁଇଁପାରେ। ହିଂସା ବଢ଼ିଲେ ଏହି ଖର୍ଚ୍ଚ ଆହୁରି ଅଧିକ ହେବ ବୋଲି ସିବିଓ ଆକଳନ କରିଛି। ପେଣ୍ଟାଗନ୍‌ର ୪୫.୧ ବିଲିୟନ ଡଲାର ଆକଳନରେ କ୍ଷତିଗ୍ରସ୍ତ ସାମରିକ ଘାଟି ଓ କୋଠାବାଡ଼ିର ମରାମତି ଖର୍ଚ୍ଚ ସାମିଲ ନାହିଁ। ଏଥିସହ ସାମରିକ ଅଭିଯାନ ସହ ଜଡ଼ିତ କେତେକ ପରୋକ୍ଷ ବ୍ୟୟର ବିସ୍ତୃତ ହିସାବ ମଧ୍ୟ କଂଗ୍ରେସକୁ ଦିଆଯାଇନାହିଁ। ତେଣୁ ଯୁଦ୍ଧର ପ୍ରକୃତ ଆର୍ଥିକ ବୋଝ ଏହି ଆକଳନଠାରୁ ଅଧିକ ହୋଇପାରେ। ଯୁଦ୍ଧର ପ୍ରଭାବ କେବଳ ସାମରିକ ବ୍ୟୟରେ ସୀମିତ ନାହିଁ। ହର୍ମୁଜ୍ ପ୍ରଣାଳୀ ଦେଇ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍ ପରିବହନ ଏବଂ ଲୋହିତ ସାଗର ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବାରୁ ବିଶ୍ୱ ଶକ୍ତି ବଜାରରେ ମଧ୍ୟ ପ୍ରଭାବ ପଡ଼ିଛି। ଅଶୋଧିତ ତୈଳ ସହ ପେଟ୍ରୋଲ, ଡିଜେଲ ଓ ବିମାନ ଇନ୍ଧନର ଦର ବୃଦ୍ଧି ଉପଭୋକ୍ତା ମୁଦ୍ରାସ୍ଫୀତି ଉପରେ ଚାପ ସୃଷ୍ଟି କରୁଛି ବୋଲି ସିବିଓ କହିଛି।





# ଟ୍ରମ୍ପଙ୍କୁ ଇରାନର ଧମକ

## ୭ ସର୍ତ୍ତ ମାନ; ନଚେତ୍ ‘ନିର୍ଣ୍ଣାୟକ ଯୁଦ୍ଧ’ ପାଇଁ ପ୍ରସ୍ତୁତ ହୁଅ

ତେହରାନ,୨୦।୯ (ଏଜେନ୍ସି): ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆମେରିକା ସହ ଆଲୋଚନା ଆରମ୍ଭ କରିବା ଲାଗି ଇରାନ ୭ଟି ସର୍ତ୍ତ ରଖିଥିବା ଜଣାପଡ଼ିଛି। କାତାର ମଧ୍ୟସ୍ଥତାରେ ଏହି ସର୍ତ୍ତଗୁଡ଼ିକ ଆମେରିକା ନିକଟରେ ପହଞ୍ଚାଯାଇଥିବା ଇରାନର ସୁପ୍ରିମ୍ ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍‌ର ସଚିବ ମୋହସେନ ରେଜାଇ କହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ତରକୁ ତେହରାନ ଅପେକ୍ଷା କରିଥିବା ସେ କହିଛନ୍ତି। ରେଜାଇଙ୍କ ଅନୁସାରେ, ଇରାନର ପ୍ରମୁଖ ସର୍ତ୍ତ ମଧ୍ୟରେ ସବୁ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ, ବିଦେଶରେ ଅଟକି ରହିଥିବା ଇରାନୀ ପାଣ୍ଠି ମୁକ୍ତ କରିବା ଏବଂ ନୌସେନା ଅବରୋଧ ଶେଷ କରିବା ଅନ୍ତର୍ଭୁକ୍ତ। ସେ କହିଛନ୍ତି, ଆଲୋଚନା ଆରମ୍ଭ ପାଇଁ ଇରାନର ସର୍ତ୍ତ ନେଇ ତେହରାନର ଆଭିମୁଖ୍ୟ ସ୍ପଷ୍ଟ। ରେଜାଇ ଆମେରିକା ପକ୍ଷରୁ ପୁଣି ଆକ୍ରମଣର ସମ୍ଭାବନାକୁ ମଧ୍ୟ ଖଣ୍ଡନ କରିନାହାନ୍ତି। ତାଙ୍କ କହିବା ଅନୁସାରେ, ଇରାନୀ ସାମରିକ ଆକଳନରେ ଏପରି ପରିସ୍ଥିତିର ସମ୍ଭାବନା ରହିଛି ଏବଂ ତେହରାନ ଏଥିପାଇଁ ପ୍ରସ୍ତୁତ। ଆମେରିକା ପୁଣି ଆକ୍ରମଣ କଲେ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ସହ ଆମେରିକୀୟ ବାଣିଜ୍ୟିକ ସ୍ୱାର୍ଥ ଓ କମ୍ପାନୀଗୁଡ଼ିକ ମଧ୍ୟ ଇରାନୀ ପ୍ରତିକ୍ରିୟାର ଲକ୍ଷ୍ୟ ହୋଇପାରେ ବୋଲି ସେ ଚେତାବନୀ ଦେଇଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା ପୁନଃ ଆରମ୍ଭ କରିବା ପାଇଁ କାତାର ଓ ପାକିସ୍ତାନ ଉଦ୍ୟମ କରୁଥିବା ରିପୋର୍ଟରେ କୁହାଯାଇଛି। ରେଜାଇ କହିଛନ୍ତି, ବ୍ୟବହାରିକ ଭାବେ ଯୁଦ୍ଧ ଏବେ ବି ଜାରି ରହିଛି, କିନ୍ତୁ ଯଥାଶୀଘ୍ର ସଂଘର୍ଷର ଅବସାନ ପାଇଁ ତେହରାନ ରଣନୀତି ଅନୁସରଣ କରୁଛି। ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ରେଜାଇ କହିଛନ୍ତି, ଇରାନ ପରମାଣୁ ଅସ୍ତ୍ର ନିଷେଧ ସନ୍ଧିରୁ ବାହାରିବା ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ। ତେବେ ଆମେରିକାର ପଦକ୍ଷେପ ଇରାନକୁ ଏପରି ନିଷ୍ପତ୍ତି ଆଡ଼କୁ ଠେଲିପାରେ ବୋଲି ସେ ସତର୍କ କରିଛନ୍ତି। ଏଥିସହ ବାବ୍ ଅଲ୍-ମାନ୍ଦେବ ଜଳପଥ ବନ୍ଦ କରିବା ନେଇ ଚାଲିଥିବା ଚର୍ଚ୍ଚାକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି।

# ରୁଷ୍ ଉପରେ ଏକ ହଜାର ଡ୍ରୋନ୍ ଆକ୍ରମଣ

## ୟୁକ୍ରେନର ସବୁଠାରୁ ବଡ଼ ଆକ୍ରମଣ ଟାର୍ଗେଟରେ ତୈଳ ବିଶୋଧନାଗାର

ମସ୍କୋ,୨୦।୯ (ଏଜେନ୍ସି): ରୁଷର ସଂସଦୀୟ ନିର୍ବାଚନର ଶେଷ ଦିନ ରବିବାର ମସ୍କୋ ସମେତ ବିଭିନ୍ନ ଅଞ୍ଚଳରେ ଶତାଧିକ ଡ୍ରୋନ୍ ଆକ୍ରମଣ ହୋଇଛି। ଆକ୍ରମଣରେ ଅନ୍ତତଃ ୨ ଜଣଙ୍କ ମୃତ୍ୟୁ ହୋଇଥିବା ରୁଷ୍ ଅଧିକାରୀମାନେ କହିଛନ୍ତି। ମସ୍କୋର ଏକ ବଡ଼ ତୈଳ ବିଶୋଧନାଗାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍‌ଙ୍କ ଅନୁଯାୟୀ, ଶନିବାରଠାରୁ ରୁଷୀୟ ବାୟୁ ପ୍ରତିରକ୍ଷା ବାହିନୀ ୧,୬୦୦ରୁ ଅଧିକ ଡ୍ରେନ୍ ଧ୍ୱଂସ କରିଛି। ଏଥିରୁ ପ୍ରାୟ ୪୫୦ଟି ମସ୍କୋ ଅଭିମୁଖେ ଆସୁଥିଲା। ଏକ ଡ୍ରୋନ୍ ୨୧ ମହଲା ବିଶିଷ୍ଟ ଆବାସିକ କୋଠାରେ ଆଘାତ କରିବାରୁ ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୪୦୦ ଜଣଙ୍କୁ, ସେମାନଙ୍କ ମଧ୍ୟରେ ୭୦ ଶିଶୁଙ୍କୁ, ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ୨୦୨୨ ଫେବ୍ରୁଆରୀରେ ୟୁକ୍ରେନ ବିରୋଧରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆରମ୍ଭ ପରେ ଏହା ରୁଷର ପ୍ରଥମ ସଂସଦୀୟ ନିର୍ବାଚନ। ରୁଷ୍ ଅଧିକାରୀମାନେ ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗ ୟୁକ୍ରେନ୍ ଉପରେ ଲଗାଇଛନ୍ତି। ତେବେ ଅନଲାଇନ୍ ଭୋଟିଂ ବ୍ୟବସ୍ଥା ଉପରେ ସାଇବର ଆକ୍ରମଣ ପଛରେ ୟୁକ୍ରେନ୍‌ର ଭୂମିକା ଥିବା ନେଇ ସ୍ୱାଧୀନ ଭାବେ ପୁଷ୍ଟି ମିଳିନାହିଁ। ରଏଟର୍ସ ଅନୁଯାୟୀ, ୟୁକ୍ରେନ୍ ଯୁଦ୍ଧକୁ ବିରୋଧ କରୁଥିବା ଅଧିକାଂଶ ପ୍ରାର୍ଥୀ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଛନ୍ତି। ଶାସକ ‘ୟୁନାଇଟେଡ୍ ରୁଷିଆ’ ଦଳ ସଂସଦରେ ନିଜ ପ୍ରଭୁତ୍ୱ ବଜାୟ ରଖିବ ବୋଲି ଆକଳନ କରାଯାଇଛି।



## ପୁଲିସ ଅଧିକାରୀ ହତ୍ୟା ମାମଲା
# ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ଚଣ୍ଡୀଗଡ଼,୨୦।୯ (ଏଜେନ୍ସି): ପଞ୍ଜାବ ପୁଲିସର ସହକାରୀ ଉପନିରୀକ୍ଷକ ହରଜିତ ସିଂହଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଦୀପକ ସିଂହ ଏନକାଉଣ୍ଟରରେ ନିହତ ହୋଇଛି। ଏହି ମାମଲାରେ ତାର ପାକିସ୍ତାନର ଜଣେ ଆତଙ୍କବାଦୀ ସହ ସମ୍ପର୍କ ଥିବା ନେଇ ତଦନ୍ତ ଚାଲିଛି। ପୁଲିସ ଅନୁସାରେ, ଅମୃତସରର ମୁଲଚକ ଅଞ୍ଚଳର ଦୀପକ ଓ ଅନ୍ୟ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ବାଇକରେ ଆସି ଡ୍ୟୁଟିରେ ଥିବା ଏଏସଆଇ ହରଜିତ ସିଂହଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ତାଙ୍କ ସହଯୋଗୀ ମଧ୍ୟ ଥିଲେ। ସିସିଟିଭି ଫୁଟେଜ୍, ପ୍ରଯୁକ୍ତିଗତ ତଥ୍ୟ ବିଶ୍ଳେଷଣ ଓ ଗୁପ୍ତ ସୂଚନା ଆଧାରରେ ପୁଲିସ ଦୀପକଙ୍କୁ ଚିହ୍ନଟ କରିଥିଲା। ରାତି ପ୍ରାୟ ୯ଟା ୪୫ରେ ଏକ ଚେକ୍‌ପୋଷ୍ଟରେ ଦୁଇ ସନ୍ଦିଗ୍ଧଙ୍କୁ ଅଟକାଇବା ବେଳେ ସେମାନେ ପୁଲିସ ଉପରେ ଚାରି ରାଉଣ୍ଡ ଗୁଳି ଚଳାଇଥିବା ପୁଲିସ କହିଛି। ପାଲଟା ଗୁଳିରେ ୧୯ ବର୍ଷୀୟ ଦୀପକ ଆହତ ହୋଇଥିଲା। ଡାକ୍ତରଖାନାରେ ତାକୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରୁ ପିସ୍ତଲ, ଦୁଇ ମାଗାଜିନ୍, ୮ଟି ଜୀବନ୍ତ ଗୁଳି, ମୋବାଇଲ୍ ଫୋନ୍ ଓ ଏକ ସ୍କୁଟର ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତଲାସୀ ଜାରି ରହିଛି। ତଦନ୍ତରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ ପାଇଁ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିବା ତଥ୍ୟ ମିଳିଥିବା ପୁଲିସ କହିଛି।

# ଗୁରୁଗ୍ରାମ ପିଜିରେ ସେକ୍ସ ରାକେଟ୍

ଗୁରୁଗ୍ରାମ,୨୦।୯ (ଏଜେନ୍ସି): ହରିୟାଣାର ଗୁରୁଗ୍ରାମ ସେକ୍ଟର-୩୮ର ଏକ ପିଜିରେ ଚାଲିଥିବା ଦେହ ବ୍ୟବସାୟ ରାକେଟ୍‌ର ପୁଲିସ ପର୍ଦ୍ଦାଫାସ କରିଛି। ଗୁରୁଗ୍ରାମ ପୁଲିସ ଓ ହରିୟାଣା ରାଜ୍ୟ ମହିଳା ଆୟୋଗର ମିଳିତ ଚଢ଼ଉରେ ୧୩ ଜଣ ପୁରୁଷ ଓ ୮ ଜଣ ମହିଳାଙ୍କୁ ଅଟକ ରଖାଯାଇଛି। ଅଟକଙ୍କ ମଧ୍ୟରେ କିଛି ବିଦେଶୀ ନାଗରିକ ମଧ୍ୟ ଥିବା ଅଧିକାରୀମାନେ କହିଛନ୍ତି। ଶନିବାର ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ସେକ୍ଟର-୩୮ ସ୍ଥିତ ପିଜିରେ ଚଢ଼ଉ କରାଯାଇଥିଲା। ଏହି ମାମଲାରେ ଝର୍ସା ଗାଁର ସାହିଲ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି। ସାହିଲ ହିଁ ରାକେଟ୍‌ର ମୁଖ୍ୟ ପରିଚାଳକ ବୋଲି ପୁଲିସ କହିଛି। ତଦନ୍ତ ଅନୁଯାୟୀ, ସାହିଲ ହ୍ୱାଟ୍ସଆପ୍ ଓ କିଛି ୱେବସାଇଟ୍ ମାଧ୍ୟମରେ ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରାୟ ୧୦ରୁ ୧୨ ଜଣ ସହଯୋଗୀ ସାମିଲ ଥିବା ପୁଲିସ କହିଛି। ଉଦ୍ଧାର ନାବାଳିକାଙ୍କୁ ଝର୍ସାସ୍ଥିତ ଏକ ସ୍ଥାନରେ ଜୋରଜବରଦସ୍ତି ରଖାଯାଇଥିବା ଅଭିଯୋଗ ମଧ୍ୟ ରହିଛି।

# ପାପୁଆ ନ୍ୟୁ ଗିନିରେ ଭୂକମ୍ପ

ପୋର୍ଟ ମୋର୍ସବି,୨୦।୯ (ଏଜେନ୍ସି): ପାପୁଆ ନ୍ୟୁ ଗିନି ଅଞ୍ଚଳରେ ରବିବାର ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଜର୍ମାନ ଗବେଷଣା କେନ୍ଦ୍ର ଫର୍ ଜିଓସାଇନ୍‌ସେସ୍ (ଜିଏଫ୍‌ଜେଡ୍) ଅନୁଯାୟୀ, ଭୂକମ୍ପର ତୀବ୍ରତା ୬.୧୨ ରେକର୍ଡ ହୋଇଥିବା ବେଳେ ଏହାର ଉପ୍ତତ୍ତିସ୍ଥଳ ଭୂପୃଷ୍ଠଠାରୁ ପ୍ରାୟ ୧୧୪ କିଲୋମିଟର ଗଭୀରରେ ଥିଲା। ଭୂକମ୍ପ ପରେ ତୁରନ୍ତ କୌଣସି ମୃତାହତ କିମ୍ବା ବଡ଼ଧରଣର ସମ୍ପତ୍ତି କ୍ଷୟକ୍ଷତିର ଖବର ମିଳିନାହିଁ। ତେବେ ଭୂକମ୍ପର ପ୍ରଭାବ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରୁ ଅଧିକ ତଥ୍ୟ ଆସିବାକୁ ସମୟ ଲାଗିପାରେ। ପାପୁଆ ନ୍ୟୁ ଗିନି ଭୂକମ୍ପପ୍ରବଣ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅବସ୍ଥିତ। ଏଠାରେ ନିୟମିତ ଭାବେ ଭୂକମ୍ପ ରେକର୍ଡ ହୋଇଥାଏ। ଭୂକମ୍ପ ପରେ ସମ୍ଭାବ୍ୟ ପରବର୍ତ୍ତୀ ଝଟକା ଓ ବିଳମ୍ବିତ କ୍ଷୟକ୍ଷତି ଉପରେ ନଜର ରଖାଯାଉଛି।

# ନିର୍ବାଚନ ପୂର୍ବରୁ ‘ଆରେଷ୍ଟ’ ରାଜନୀତି
## କଂଗ୍ରେସ ପ୍ରାର୍ଥୀଙ୍କ ପରେ ଗିରଫ ହେଲେ ସ୍ୱାଧୀନ ପ୍ରାର୍ଥୀ

କୋଲକାତା,୨୦।୯ (ଏଜେନ୍ସି): ପଶ୍ଚିମବଙ୍ଗରେ ବିଧାନସଭାର ଦୁଇଟି ଆସନରେ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜ୍ୟ ସରକାର ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ନନ୍ଦୀଗ୍ରାମରେ ଚାପରେ ମମତାଙ୍କ ପ୍ରାର୍ଥୀ ଓହରିଯିବା ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ ମମତା। ମମତାଙ୍କ ସମର୍ଥନ ଘୋଷଣା ପରେ ପୁଲିସ କଂଗ୍ରେସ ପ୍ରାର୍ଥୀଙ୍କୁ ଗିରଫ କରିଥିଲା। ଏହାର ଦୁଇ ଦିନ ପରେ ଆଜି ରେଜିନଗର ଆସନର ସ୍ୱାଧୀନ ପ୍ରାର୍ଥୀ ସୈଫୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି। ୨୦୨୧ ବିଧାନସଭା ନିର୍ବାଚନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ରୁଜୁ ହୋଇଥିବା ଏକ ପୁରୁଣା ମାମଲାରେ ସେ ଗିରଫ ହୋଇଛନ୍ତି।





## ହୁମାୟୁନ କବିରଙ୍କୁ ନୋଟିସ

ବେରହାମପୁର ପୁଲିସର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୧ ନିର୍ବାଚନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ସେହି ମାମଲାରେ ସୈଫୁଲଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ, ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ପୁଲିସ ଏଜେୟୁପି ମୁଖ୍ୟ ହୁମାୟୁନ କବୀରଙ୍କୁ ନୋଟିସ୍ ଜାରି କରିଛି। ସେପ୍ଟେମ୍ବର ୨୧ରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ଏହା ସହ ଦଳର ରାଜ୍ୟ ସମ୍ପାଦକ ଆଶିକ ଇକବାଲଙ୍କୁ ନକଲି ନୋଟ୍ ଓ ବେଆଇନ ଅସ୍ତ୍ରଶସ୍ତ୍ର ସହ ଗିରଫ କରାଯାଇଥିବା ପୁଲିସ କହିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୬ରେ ନନ୍ଦୀଗ୍ରାମ ଓ ରେଜିନଗର ଆସନରେ ଉପନିର୍ବାଚନ ହେବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ସହ ଭବାନୀପୁର ଆସନରେ ବିଜୟୀ ହୋଇ ନନ୍ଦୀଗ୍ରାମ ଆସନ ଛାଡ଼ିଥିବାରୁ ସେଠାରେ ଉପନିର୍ବାଚନ ହେଉଛି।

# ଆବୁଧାବି ବିମାନ ବାତିଲ; ଦିଲ୍ଲୀ ବିମାନବନ୍ଦରରେ ୨୦୦ ଯାତ୍ରୀ ଅଟକ

ନୂଆଦିଲ୍ଲୀ,୨୦।୯ (ଏଜେନ୍ସି): ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଦିଲ୍ଲୀରୁ ଆବୁଧାବି ଯିବାକୁ ଥିବା ଏତିହାଦ୍ ଏୟାରୱେଜ୍‌ର ଏକ ବିମାନ ବାତିଲ ହୋଇଛି। ଫଳରେ ପ୍ରାୟ ୨୦୦ ଯାତ୍ରୀ ଦିଲ୍ଲୀ ବିମାନବନ୍ଦରରେ ଅଟକି ରହିଥିବା ଜଣାପଡ଼ିଛି। ଏତିହାଦ୍‌ର ଇୱାଇ୨୧୭ ବିମାନଟି ଶନିବାର ରାତି ୯ଟା ୧୫ରେ ଦିଲ୍ଲୀରୁ ଆବୁଧାବି ଅଭିମୁଖେ ଉଡ଼ାଣ ଭରିବାର ଥିଲା। ଯାତ୍ରୀମାନେ ବିମାନରେ ବସିବା ପରେ କର୍ମଚାରୀମାନେ ବିମାନରେ ଯାନ୍ତ୍ରିକ ସମସ୍ୟା ଥିବା ସୂଚନା ଦେଇଥିଲେ। ଓ ୨୦୦ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିଛି ଘଣ୍ଟା ଅପେକ୍ଷା ପରେ ବିମାନଟି ବାତିଲ କରାଯାଇଥିବା ଘୋଷଣା ହୋଇଥିଲା। ଏଥିରେ ଯାତ୍ରୀମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜିବାକୁ ବାଧ୍ୟ ହୋଇଥିଲେ। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍‌ରାଡାର୨୪ର ତଥ୍ୟ ଅନୁସାରେ, ଏହି ଉଡ଼ାଣ ପାଇଁ ବୋଇଂ ୭୮୭-୯ ବିମାନ ବ୍ୟବହାର ହେବାର ଥିଲା। ତେବେ ଯାନ୍ତ୍ରିକ ତ୍ରୁଟିର ପ୍ରକୃତି ସମ୍ପର୍କରେ ତୁରନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

# ନେପାଳ ବନ୍ୟା; ୪ ସପ୍ତାହ ପରେ ବି ୬ ହଜାରଙ୍କ ପତ୍ତା ମିଳୁନି

କାଠମାଣ୍ଡୁ,୨୦।୯ (ଏଜେନ୍ସି): ନେପାଳ-ତିବ୍ବତ ସୀମା ନିକଟରେ ଗତ ଅଗଷ୍ଟ ୨୬ରେ ହୋଇଥିବା ଭୟଙ୍କର ଆକସ୍ମିକ ବନ୍ୟା ନେପାଳରେ ବ୍ୟାପକ ସଂହାର କରିଛି। ନେପାଳ ପୁଲିସ ଅନୁଯାୟୀ, ଏହି



ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୧,୪୫୧ରେ ପହଞ୍ଚିଥିବା ବେଳେ ପ୍ରାୟ ୬,୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ପୁଣି ଚୀନ୍ ପାର୍ଶ୍ୱରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ଜଳ ପ୍ରଳୟରେ ଭୋଟେକୋଶୀ ନଦୀର ପ୍ରଖର ଜଳସ୍ରୋତ ଘରଦ୍ୱାର, ଯାନବାହନ, ରାସ୍ତାଘାଟ, ପୋଲ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଭସାଇ ନେଇଛି। ନଦୀପଥ, ଆବର୍ଜନା କ୍ଷେତ୍ର ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ ଉଦ୍ଧାର ଓ ସନ୍ଧାନ କାର୍ଯ୍ୟ ଜାରି ରହିଛି। ରସୁୱାର ଅପର ତ୍ରିଶୂଳୀ-୧ ଜଳବିଦ୍ୟୁତ୍ ପ୍ରକଳ୍ପର ଏକ ସୁଡ଼ଙ୍ଗରୁ ୧୭ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଗୁଡ଼ିକ ମାଟି ଓ ଜାଲି ଭିତରେ ଫସି ରହିଥିଲା। ସେଗୁଡ଼ିକୁ ଚିହ୍ନଟ କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। କାରଣ ପାଣି ଓ କାଦୁଅ ଯୋଗୁଁ ତଥା ଏତେ ଦିନ ବିତି ଯାଇଥିବାରୁ ମୃତଦେହ ଗୁଡ଼ିକ ଅତି ବିକୃତ ଅବସ୍ଥାରେ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୧୦ଟି ମୃତଦେହ ଚିହ୍ନଟ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାୟ ୧,୩୦୦ ମୃତଦେହର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇଛି। ପରେ ଅଚିହ୍ନା ଶବ ଗୁଡ଼ିକୁ ଅସ୍ଥାୟୀ ଭାବେ ସମାଧି ଦିଆଯାଇଛି। ତ୍ରିଶୂଳୀ କରିଡରରେ ଅନେକ ଝୁଲାପୋଲ ନଷ୍ଟ ହୋଇଛି। ତେଣୁ ସ୍ଥାନୀୟ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ସରକାର ୧୨ଟି ଝୁଲାପୋଲର ମରାମତି ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୩୩ଟି ପୋଲର ପାଇଁ ଟେଣ୍ଡର ଆହ୍ୱାନ କରିଛନ୍ତି।



# ଫ୍ଲାଏଓଭରରୁ ଓଲଟିଲା ଦ୍ରୁତଗାମୀ ବିଏମ୍‌ଡବ୍ଲ୍ୟୁ କାର୍; ୩ ମୃତ

ମୁମ୍ବଇ,୨୦।୯ (ଏଜେନ୍ସି): ମୁମ୍ବଇର କୋଷ୍ଟାଲ ରୋଡ୍‌ରେ ରବିବାର ଭୋରୁ ଏକ ଦ୍ରୁତଗାମୀ ବିଏମ୍‌ଡବ୍ଲ୍ୟୁ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ। ପୁଲିସ ସୂଚନା ଅନୁସାରେ, ଭୋର ପ୍ରାୟ ୫ଟା ୨୦ ମିନିଟ୍‌ରେ କାର୍‌ଟି ମେରାଇନ୍ ଡ୍ରାଇଭ୍‌ରୁ ହାଜି ଅଲୀ ଅଭିମୁଖେ ଯାଉଥିଲା। ଲାଲା ଲଜପତରାୟ କଲେଜ ସମ୍ମୁଖରେ ଲୋଟସ୍ ଜେଟି ନିକଟରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିବା କୋଷ୍ଟାଲ ରୋଡ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ପରେ କାର୍‌ରେ ଥିବା ସମସ୍ତ ୪ ଜଣଙ୍କୁ ତୁରନ୍ତ ନିକଟସ୍ଥ ନାୟର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ୩ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକଙ୍କ ମଧ୍ୟରୁ ୨୧ ବର୍ଷୀୟ ଶନାୟ ଗଜଲ ଏବଂ ୧୭ ବର୍ଷୀୟ ଧ୍ରୁର୍ଯ୍ୟା ସେଠ୍‌ଙ୍କ ପରିଚୟ ମିଳିଛି। ପ୍ରାୟ ୨୫ ବର୍ଷ ବୟସର ଅନ୍ୟ ଜଣେ ପୁରୁଷଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅନ୍ୟ ଜଣେ ପ୍ରାୟ ୨୦ ବର୍ଷୀୟ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲର ଟ୍ରମା ୱାର୍ଡରେ ଚିକିତ୍ସା କରାଯାଉଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ମୁମ୍ବଇର କୋଷ୍ଟାଲ ରୋଡ୍ ପ୍ରାୟ ୧୦.୫୮ କିଲୋମିଟର ଲମ୍ବା ଏକ ଦ୍ରୁତଗାମୀ ସଡ଼କ। ଏହା ଦକ୍ଷିଣ ମୁମ୍ବାଇର ମେରାଇନ୍ ଡ୍ରାଇଭ୍‌କୁ ବାନ୍ଦ୍ରା-ୱର୍ଲି ସି ଲିଙ୍କ୍‌ର ୱର୍ଲି ପ୍ରାନ୍ତ ସହ ସଂଯୋଗ କରେ।

# ଡିଭାଇଡର୍‌ରେ ପିଟିହେଲା କାର୍; ଜିଅନ୍ତା ଜଳିଗଲେ ନ୍ୟୁରୋ ସର୍ଜନ

ହାଇଦରାବାଦ, ୨୦।୯ (ଏଜେନ୍ସି): ତେଲଙ୍ଗାନାର ସୂର୍ଯ୍ୟାପେଟ ଜିଲ୍ଲାରେ ରବିବାର ସଡ଼କ ଦୁର୍ଘଟଣାରେ ଖମ୍ମାମର ଜଣେ ନ୍ୟୁରୋସର୍ଜନ ଜୀବନ୍ତ ଦଗ୍ଧ ହୋଇଛନ୍ତି। ପିଲ୍ଲାଲାମାରି ନିକଟରେ ଜାତୀୟ ରାଜପଥ-୩୬୫ ବିବିରେ ତାଙ୍କ କାର୍ ଡିଭାଇଡରରେ ପିଟି ହେବା ପରେ ହଠାତ୍ ନିଆଁ ଲାଗିଯାଇଥିଲା। ମୃତ ଡାକ୍ତରଙ୍କୁ କେ.ଜଗଦୀଶ ବାବୁ ବୋଲି ପୁଲିସ ଚିହ୍ନଟ କରିଛି। ସେ ଖମ୍ମାମର ଏକ ଘରୋଇ ମେଡିକାଲ କଲେଜର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଥିବା ସହ ନ୍ୟୁରୋସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ଅନୁଯାୟୀ, ସକାଳ ପ୍ରାୟ ୭.୧୫ରେ ଜଗଦୀଶ ବାବୁ ଖମ୍ମାମରୁ ହାଇଦ୍ରାବାଦ ଯାଉଥିଲେ। ହାଇଦ୍ରାବାଦରେ ତାଙ୍କ ପରିବାର ରହୁଥିବା ଜଣାପଡ଼ିଛି। ପିଲ୍ଲାଲାମାରି ନିକଟରେ କାର୍‌ଟି ଡିଭାଇଡରରେ ପିଟି ହେବା ପରେ ନିଆଁ ଲାଗିଥିଲା। ଖମ୍ମାମ ରୁରାଲ ସିଆଇ ଜିରାଜଶେଖରଙ୍କ କହିବା ଅନୁଯାୟୀ, ନିଦ୍ରାଭାବ ଯୋଗୁଁ ଡାକ୍ତର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥାଇପାରନ୍ତି ବୋଲି ପ୍ରାଥମିକ ଭାବେ ପୁଲିସ ସନ୍ଦେହ କରୁଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି। ଦୁର୍ଘଟଣା ପରେ କିଛି ମିନିଟ୍ ମଧ୍ୟରେ ନିଆଁ ସମଗ୍ର କାର୍‌କୁ ଘେରିଯାଇଥିଲା। ଫଳରେ ଭିତରେ ଫସି ରହିଥିବା ଡାକ୍ତରଙ୍କୁ ବାହାର କରାଯାଇପାରିନଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯିବା ସହ ତାଙ୍କ ଶରୀର ମଧ୍ୟ ଗୁରୁତର ଭାବେ ଦଗ୍ଧ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଶରୀର ଅତ୍ୟଧିକ ଦଗ୍ଧ ହୋଇଥିବାରୁ ପ୍ରାଥମିକ ଭାବେ ମୃତକଙ୍କ ପରିଚୟ ଜାଣିବାରେ ସମସ୍ୟା ହୋଇଥିଲା।



ପରେ ତାଙ୍କୁ ଡାଜଗଦୀଶ ବାବୁ ବୋଲି ଚିହ୍ନଟ କରାଯାଇଥିଲା। ସୂର୍ଯ୍ୟାପେଟର କିଛି ଡାକ୍ତର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମୃତଦେହକୁ ସୂର୍ଯ୍ୟାପେଟ ସରକାରୀ ସାଧାରଣ ହସ୍ପିଟାଲକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ପୁଲିସ ପରିବାରବର୍ଗଙ୍କୁ ଘଟଣା ସମ୍ପର୍କରେ ଜଣାଇଛି।

# ଉତ୍ତରାଖଣ୍ଡରେ ଦ୍ରୁତ ତରଳୁଛି ହିମଖଣ୍ଡ

ଡେରାଡୁନ,୨୦।୯ (ଏଜେନ୍ସି): ଉତ୍ତରାଖଣ୍ଡର କେନ୍ଦ୍ରୀୟ ହିମାଳୟ ଅଞ୍ଚଳରେ ହିମଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ପଛକୁ ହଟୁଛି। ଏକ ନୂଆ ଅଧ୍ୟୟନ ଅନୁସାରେ, ଏଠାରେ ହିମଖଣ୍ଡଗୁଡ଼ିକ ବର୍ଷକୁ ହାରାହାରି ୨୩.୨୩ ମିଟର ପଛକୁ ହଟୁଥିବାବେଳେ କେତେକ ହିମବାହରେ ଏହି ହାର ୮୮ ମିଟର ପର୍ଯ୍ୟନ୍ତ ରହିଛି। ତାପମାତ୍ରା ବୃଦ୍ଧି ସହ ହିମବାହର ଗଠନ ଓ ଭୂପୃଷ୍ଠର ପ୍ରକୃତି ଏହାର ପ୍ରମୁଖ କାରଣ ବୋଲି ଅଧ୍ୟୟନରେ କୁହାଯାଇଛି।



୧୯୯୦ରୁ ୨୦୨୪ ପର୍ଯ୍ୟନ୍ତ ତଥ୍ୟ ଓ ଉପଗ୍ରହ ଚିତ୍ର ବିଶ୍ଳେଷଣ କରି ଏହି ଅଧ୍ୟୟନ କରାଯାଇଛି। ଅଧ୍ୟୟନ ଅନୁସାରେ, ତୁଷାର ସଞ୍ଚୟ ଓ ବରଫ ତରଳିବା ମଧ୍ୟର ସୀମାରେଖା ଅର୍ଥାତ୍ ‘ଇକ୍ୱିଲିବ୍ରିୟମ୍ ଲାଇନ୍ ଅଲ୍ଟିଚ୍ୟୁଡ୍’ କେତେକ ଅଞ୍ଚଳରେ ୨୦୦୦ ପରଠାରୁ ପ୍ରାୟ ୫୦୦ ମିଟର ଉପରକୁ ଉଠିଛି। ସ୍ୱଚ୍ଛ ବରଫ ଥିବା ହିମଖଣ୍ଡ ଅଧିକ ଦ୍ରୁତ ତରଳୁଥିବାବେଳେ, ମୋଟା ଆବର୍ଜନା ସ୍ତରରେ ଢାଙ୍କିଥିବା ହିମଖଣ୍ଡରେ ତରଳିବା ହାର ତୁଳନାତ୍ମକ ଭାବେ କମ୍ ରହୁଛି। ଟେହରି ଗଡ଼ୱାଲର ଖାତଲିଙ୍ଗ ହିମଖଣ୍ଡ ବର୍ଷକୁ ପ୍ରାୟ ୮୮ ମିଟର ପଛକୁ ହଟୁଥିବା ଅଧ୍ୟୟନରେ ଉଲ୍ଲେଖ ରହିଛି। ଦକ୍ଷିଣମୁଖୀ ହିମଖଣ୍ଡ ସୂର୍ଯ୍ୟକିରଣର ଅଧିକ ପ୍ରଭାବ ଯୋଗୁଁ ଉତ୍ତରମୁଖୀ ହିମଖଣ୍ଡ ତୁଳନାରେ ଅଧିକ ସଙ୍କୁଚିତ ହେଉଛି। ହିମବାହର ଏହି ପରିବର୍ତ୍ତନ ଗଙ୍ଗା ଅବବାହିକାର ଜଳ ସୁରକ୍ଷା, ଭୂପୃଷ୍ଠୀୟ ବିପଦ ଓ ଭବିଷ୍ୟତ ଜଳ ଉପଲବ୍ଧତା ଉପରେ ପ୍ରଭାବ ପକାଇପାରେ। ଗବେଷକମାନେ ଉପଗ୍ରହ ରାଡାର, ଡ୍ରୋନ ଓ କ୍ଷେତ୍ରସ୍ତରୀୟ ସର୍ବେକ୍ଷଣ ମାଧ୍ୟମରେ ନିୟମିତ ନିରୀକ୍ଷଣର ଆବଶ୍ୟକତା ଦର୍ଶାଇଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-88 •MONDAY •21 SEPTEMBER 2026 •PAGE-12 •₹ 7.00
•ବର୍ଷ-୪୪ •ସଂଖ୍ୟା-୮୮ •ସୋମବାର •୨୧ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

# ଆରମ୍ଭ ହେଲା ଏଆଇ ଯୁଦ୍ଧ

■ ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଟେକ୍ ଦୁନିଆରେ ଏକ ଆଶ୍ଚର୍ଯ୍ୟଚକିତ ମାମଲା ସାମ୍ନାକୁ ଆସିଛି। ମାମଲା ଚାଟଜିପିଟି ନିର୍ମାତା ଓପନ୍ ଏଆଇ ଓ ଆନ୍ଥ୍ରୋପିକକୁ ନେଇ। ଏଥିରେ ଗୁଗୁଲର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଡେଲ୍ ଜେମିନି କୌଣସି ମାନବ ସହାୟତା ବିନା ସାଇବର ସୁରକ୍ଷା ପରୀକ୍ଷା ସମୟରେ ତିନୋଟି କମ୍ପାନୀର କମ୍ପ୍ୟୁଟିଂ ସିଷ୍ଟମ ଏବଂ ୱେବସାଇଟ୍ ହ୍ୟାକ୍ କରିଛି। ସାଇବର ଗବେଷକ ଓପନ ଏଆଇକୁ ହ୍ୟାକ୍ କରିବା ପାଇଁ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଆନ୍ଥ୍ରୋପିକର ସଫ୍ଟୱେର ଉପଯୋଗ କରିଛନ୍ତି। ହ୍ୟାକିଂ ପରେ ଚାଟ୍ ଜିପିଟି ନିର୍ମାତା ଓପନ୍ ଏଆଇର ନିରାପତ୍ତା ପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଇବର ସିକ୍ୟୁରିଟି ଗବେଷକମାନଙ୍କର ଏକ ଛୋଟ ସମୂହ ଓପନ୍ ଏଆଇର ଚାଟ୍ ବଟ୍ ଚାଟ୍ ଜିପିଟିର ଏକ ଆକାଉଣ୍ଟ ହ୍ୟାକ୍ କଲେ। ଏହା ଚାଟ୍ ଜିପିଟିର ଜଣେ କର୍ମଚାରୀଙ୍କର ଥିଲା। ହ୍ୟାକ୍ ପରେ ଆକାଉଣ୍ଟର ମେସେଜ୍ ପଢ଼ି ହେଉଛି। ହ୍ୟାକିଂ ପାଇଁ ଗବେଷକଙ୍କୁ ଆନ୍ଥ୍ରୋପିକର ଏକ ସ୍ୱତନ୍ତ୍ର ଟୁଲର ଉପଯୋଗ କରିବାକୁ ଦିଆଗଲା,ଯାହାକୁ ଖାସ୍ କରି ସାଇବର ସୁରକ୍ଷା ▶ପୃଷ୍ଠା-୭



## ଚାଟ୍ ଜିପିଟିକୁ ହ୍ୟାକ୍ କଲା ଆନ୍ଥ୍ରୋପିକ୍

### ଏଆଇର ତ୍ରୁଟି

# ଚୀନ୍ ଜାହାଜକୁ ଆକ୍ରମଣ କରିଥା'ନ୍ତା ଆମେରିକା

■ ୱାଶିଂଟନ୍, ୨୦।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଅତ୍ୟଧିକ ନିର୍ଭରଶୀଳତା କେତେ ବିପଜ୍ଜନକ ହୋଇପାରେ, ତାହାର ଏକ ଭୟଙ୍କର ଉଦାହରଣ ସାମ୍ନାକୁ ଆସିଛି। ଏଆଇ ଆଧାରିତ ଚାଟ୍ ବଟ୍‌ର ଭୁଲ ତଥ୍ୟ ଆମେରିକା-ଚୀନ ମଧ୍ୟରେ ଏକ ଭୟଙ୍କର ସାମରିକ ସଂଘର୍ଷ ପାଇଁ ବାଟ ଖୋଲି ଦେଇଥିଲେ ହେଁ କିଛି ଅଧିକାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏହା ଅଳ୍ପକେ ଟଳି ଯାଇଛି।

ସିଏନ୍ଏନ୍ ରିପୋର୍ଟ ଅନୁସାରେ ଇରାନ୍ ଯୁଦ୍ଧ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଚୀନ୍‌ର ଏକ ଜାହାଜ ପରମାଣୁ ଅସ୍ତ୍ରରେ ବ୍ୟବହୃତ ଉପକରଣ ନେଇ ଯାଉଥିବା ସଂକ୍ରାନ୍ତରେ ଆମେରିକୀୟ ସେନାକୁ ଏକ ଗୁଇନ୍ଦା ରିପୋର୍ଟ ମିଳିଥିଲା। ଏହି ତଥ୍ୟକୁ ସତ ବୋଲି ବିଶ୍ୱାସ କରି ଆମେରିକୀୟ ସେନା ଜାହାଜକୁ ଅଟକାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା। ଆମେରିକାର ସଶସ୍ତ୍ର ସେନା ଜାହାଜରେ ଚଢ଼ିବା ଆରମ୍ଭ କରିଥିଲେ, ସାମରିକ ବିମାନଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚୀନ ଜାହାଜ ଉପରେ ଆକ୍ରମଣ ସହ ଏହାକୁ କବ୍‌ଜା କରିବାକୁ ଆମେରିକା ପ୍ରସ୍ତୁତ ହୋଇ ଯାଇଥିଲା। ମାତ୍ର ଏହି ସମୟରେ ଜଣେ ଉଚ୍ଚ ଅଧିକାରୀ ଗୁଇନ୍ଦା ତଥ୍ୟର ପୁନଃ ଯାଞ୍ଚ କରିବା ବେଳେ ଭିନ୍ନ ଚିତ୍ର ସମ୍ମୁଖକୁ ଆସିଥିଲା। ▶ପୃଷ୍ଠା-୭

## ଶେଷ ମୁହୂର୍ତ୍ତରେ ଟଳିଗଲା ବିପତ୍ତି

## ସଂଶୋଧିତ ଖଣି ଆଇନରେ ରାଜ୍ୟର କ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ନବୀନଙ୍କ ଚିଠି

# ବିଧାନସଭାରେ ଆଣନ୍ତୁ ପ୍ରତ୍ୟାହାର ପ୍ରସ୍ତାବ



■ ଭୁବନେଶ୍ୱର, ୨୦।୯ (ସମିସ): ସଂଶୋଧିତ ଏମଏମଡିଆର ଆଇନରେ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେବ। ବକେୟା ଥିବା ଲକ୍ଷାଧିକ କୋଟି ଟଙ୍କା ରାଜ୍ୟ ହରାଇବ, ଏହା ସହ ଖଣି ଅଞ୍ଚଳରେ ରାଜ୍ୟ କ୍ଷମତା ହରାଇବ ଏବଂ ବାର୍ଷିକ ଟିକସ ବାବଦରେ ହଜାର ହଜାର କୋଟି ଟଙ୍କା କ୍ଷତି ସହିବ। ଯାହାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୀବ୍ର ବିରୋଧ କରିଛନ୍ତି, ବିଜେଡି ପକ୍ଷରୁ ଏଥିଲାଗି ରାଜଭବନ ଘେରାଉ ହୋଇଛି ଓ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କରାଯିବାକୁ ଚେତାବନୀ ଦିଆଯାଇଛି। ଏହି କଳା ଆଇନ ପ୍ରତ୍ୟାହୃତ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ରୋକଠୋକ୍ ଶୁଣାଇ ଦେଇଛି ବିଜେଡି। ଗତମାସରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଏହି ଆଇନକୁ ବିରୋଧ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅନୁରୋଧ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଓ ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଥିଲେ। ଏହିକ୍ରମରେ ରବିବାର ପୁଣିଥରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ। ସଂସଦରେ ରାଜ୍ୟର ଅଧିକାର କ୍ଷୁଣ୍ଣ ପାଇଁ ବିନା ଆଲୋଚନାରେ ଗୃହୀତ ଏମ୍ଏମ୍ଡିଆର୍ (ଖଣି ଓ ଖଣିଜ ଦ୍ରବ୍ୟର ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନକୁ ପ୍ରତ୍ୟାହାର ▶ପୃଷ୍ଠା-୭

> “ରାଜ୍ୟର ଅଧିକାର ଓ ଯୁବ ବର୍ଗଙ୍କ ଭବିଷ୍ୟତ ପାଇଁ କାମ କରନ୍ତୁ ସରକାର

> ସଂଶୋଧିତ ଖଣି ଆଇନ କାରଣରୁ ବିପୁଳ ଆର୍ଥିକ କ୍ଷତି ସହିବ ଓଡ଼ିଶା

# ଦିନକ ପରେ ମୌସୁମୀ ଅଧିବେଶନ

## ବିଭିନ୍ନ ପ୍ରସଙ୍ଗରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇପାରନ୍ତି ରାଜ୍ୟ ସରକାର

■ ଭୁବନେଶ୍ୱର, ୨୦।୯ (ସମିସ): ଆଉ ଦିନକ ପରେ ସପ୍ତଦଶ ବିଧାନସଭାର ସପ୍ତମ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ଅବଧି ସଂକ୍ଷିପ୍ତ ଅର୍ଥାତ୍ ମାତ୍ର ୯ ଦିନର ହୋଇଥିଲେ ମଧ୍ୟ ପ୍ରମୁଖ ଦୁଇଟି ପ୍ରସଙ୍ଗକୁ ନେଇ ଗୃହ ହୁଲୁସ୍ଥୁଲ ହେବ ବୋଲି ଆପାତତଃ ସ୍ପଷ୍ଟ ହୋଇଗଲାଣି। ଏମଏମଡିଆର ସଂଶୋଧନ ଆଇନ ଏବଂ ପୁସ୍ତକ ମୁଦ୍ରଣ ତ୍ରୁଟି ସହ ସଂଶୋଧିତ ବହି ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିରୋଧୀଙ୍କ ଅସନ୍ତୋଷର ଅବପାତ କେଉଁ ରୂପ ଧାରଣ କରିବ, ତାହା ଆକଳନ କରିବା ରାଜନୈତିକ ବିଶେଷଜ୍ଞଙ୍କ ପାଇଁ କଷ୍ଟକର ହୋଇଛି। ତେବେ ୯ ଦିନ ମଧ୍ୟରେ ଉପରୋକ୍ତ ଦୁଇ ପ୍ରସଙ୍ଗକୁ ନେଇ ବିଜେଡି, ଇଣ୍ଡିଆ ବ୍ଲକ ଓ ନବ ନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ବିଧାନସଭା ଘେରଉ କାର୍ଯ୍ୟକ୍ରମ ରହିଥିବାରୁ ଗୃହ ଭିତରେ ଓ ବାହାରେ ସରକାର ପ୍ରଚଣ୍ଡ ବିରୋଧର ସମ୍ମୁଖୀନ ହେବା ଆଶଙ୍କା ରହିଛି।

ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ପୂର୍ବରୁ ଘୋଷଣା କରି ସାରିଛନ୍ତି। ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଆଇନର ପ୍ରତ୍ୟାହାର ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ଦାବି କରି କରିଛନ୍ତି। ତେଣୁ ଆସନ୍ତା ଅଧିବେଶନରେ ଏମଏମଡିଆର ସଂଶୋଧନ ଆଇନ ଓ ରାଜ୍ୟ ସ୍ୱାର୍ଥକୁ ବିଜେଡି ଓ ଅନ୍ୟ ବିରୋଧୀ ପ୍ରମୁଖ ପ୍ରସଙ୍ଗ ଭାବରେ ଗ୍ରହଣ କରିଛନ୍ତି। ଏହା ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ଥିବାରୁ ବିଧାନସଭାରେ ଏମ୍ଏମ୍‌ଡ଼ିଆର୍ ସଂଶୋଧନକୁ ବିରୋଧୀ ଜୋରଦାର ବିରୋଧ କରିବେ ବୋଲି ଇଙ୍ଗିତ ମିଳିଛି। ଏହାସହ ପୁସ୍ତକ ମୁଦ୍ରଣ ତ୍ରୁଟି ଏବଂ ଏଯାବତ୍ ସମସ୍ତ ପିଲାଙ୍କୁ ସଂଶୋଧିତ ପୁସ୍ତକ ▶ପୃଷ୍ଠା-୭



### ଏମଏମଡିଆର ସଂଶୋଧନ ଓ ପୁସ୍ତକ ମୁଦ୍ରଣ ତ୍ରୁଟି ହେବ ପ୍ରମୁଖ ପ୍ରସଙ୍ଗ

### ଗୃହ ଭିତରେ ଓ ବାହାରେ ସରକାରଙ୍କୁ ଘେରିବାକୁ ବିରୋଧୀ ସଜବାଜ

### ଆଜି ବସିବ ବିଜେଡି, କଂଗ୍ରେସ ଓ ବିଜେପି ବିଧାୟକ ଦଳ ବୈଠକ

# ଦିଲ୍ଲୀରେ ଏସ୍ଆଇଆର୍ ନାଟକ

## ହାଇପ୍ରୋଫାଇଲ୍ ନେତା, ଅଫିସରଙ୍କୁ ନୋଟିସ

■ ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଦିଲ୍ଲୀରେ ବର୍ତ୍ତମାନ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଚାଲିଛି। ଏହି ପ୍ରକ୍ରିୟାରେ ନିର୍ବାଚନ କମିସନ ଅନେକ ହାଇ-ପ୍ରୋଫାଇଲ୍ ନେତା, ଅଫିସର ଓ ସେମାନଙ୍କ ପରିବାରବର୍ଗଙ୍କୁ ନୋଟିସ୍ ପଠାଇଛନ୍ତି। କିଛି ତଥ୍ୟରେ ବସଙ୍ଗତିକୁ ନେଇ ଏଭଳି ନୋଟିସ ପଠାଇଥିବା କୁହାଯାଉଛି। ନୋଟିସ ପାଇଥିବା ତାଲିକାରେ ଅଛନ୍ତି ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ନିର୍ବାଚନ କମିସନର ଏସଏସ୍ ସାନ୍ଧୁ, ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ,ସେବି ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ, ପୂର୍ବତନ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୂଦ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ରଞ୍ଜନ ଦେଶାଇ ଏବଂ ବୈଦେଶିକ ସଚିବ ବିକ୍ରମ ମିସ୍ରି ଅଛନ୍ତି। ଏହାସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ଅଜୟ କୁମାର ସୂଦ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପିଏସ୍ ଶ୍ରୀବାସ୍ତବ, ମତ୍ସ୍ୟ ବିଭାଗ ସଚିବ ଅଭିଲାଷ ଲିଖି, ସାର ସଚିବ ରଜତ କୁମାର ମିଶ୍ର ଏବଂ ଭୂମି ସମ୍ବଳ ସଚିବ ନରେନ୍ଦ୍ର ଭୂଷଣ, ବ୍ୟୟ ବିଭାଗ ସଚିବ ▶ପୃଷ୍ଠା-୭



### ତାଲିକାରେ ଆଡ଼ଭାନୀ, ନିର୍ବାଚନ କମିସନର, ବୈଦେଶିକ ମନ୍ତ୍ରୀ, ସିବିଆଇ ନିର୍ଦ୍ଦେଶକ



## ଓଡ଼ିଶା ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୯ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସୁରେଶ ରାଇନା, ଦେବାଶିଷ ମହାନ୍ତିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

### ୨ କଏଦୀ ଫେରାର୍ ମାମଲା

# ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ

■ ଭୁବନେଶ୍ୱର, ୨୦।୯ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରର ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ପୁଲିସ ଗିରଫ କରିଛି। ଚୌଦ୍ୱାର ଜେଲ୍‌ରୁ ଦୁଇ ଜଣ ବିଚାରାଧୀନ ହତ୍ୟା ଅଭିଯୁକ୍ତ ଫେରାର ଘଟଣା ପରେ ଜେଲ୍‌ର ସରକାରୀ ରେକର୍ଡରେ ହେରଫେର ଓ ପୂର୍ବତନ ଜେଲରଙ୍କ ଦସ୍ତଖତ ଜାଲି କରିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ହୋଇଥିଲା। ଗତବର୍ଷ ଅକ୍ଟୋବର ୨ ତାରିଖରେ ଦୁଇ ବିଚାରାଧୀନ କଏଦୀ ଜେଲ୍‌ରୁ ଫେରାର ହୋଇଥିଲେ। ଦୁର୍ଗାପୂଜା ଅବସରରେ ଜେଲ୍‌ରେ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସେମାନେ ଜେଲ୍‌ର ଉଚ୍ଚପାଚେରି ଡେଇଁ ଫେରାର ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣା ପରେ ଜେଲ୍ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା ଏବଂ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା।

ପୂର୍ବତନ ଜେଲର ସନ୍ତୋଷିନୀ ଦାସ ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୧, ▶ପୃଷ୍ଠା-୭

# ବଳ ଗୋଟାଉଛି ଲଘୁଚାପ

## ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା

■ ଭୁବନେଶ୍ୱର, ୨୦।୯ (ସମିସ): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗର ଉପରେ ଥିବା ଲଘୁଚାପ ବଳ ଗୋଟାଉଛି। ଲଘୁଚାପ ସୃଷ୍ଟି ପରେ ଯେଉଁ ପରିମାଣରେ ବାଦଲ ଏକତ୍ରୀକରଣ ହେବା କଥା ତାହା ହୋଇପାରୁ ନାହିଁ। ଫଳସ୍ୱରୂପ ଲଘୁଚାପ ସୃଷ୍ଟି ହେବାର ୨୪ ଘଣ୍ଟା ପରେ ମଧ୍ୟ ଏହା ସଦୃଶ ଲଘୁଚାପରେ ପରିଣତ ହୋଇପାରୁ ନାହିଁ। ଯଦିଓ ଆଗକୁ ଏହା ଅବପାତ ଓ ଗଭୀର ଅବପାତରେ ପରିଣତ ହେବା ନେଇ ଆକଳନ କରାଯାଇଛି, ମାତ୍ର ପ୍ରାଥମିକ ଅବସ୍ଥାରେ ଲଘୁଚାପର ତୀବ୍ରତାକୁ ଅନୁଶୀଳନ କଲେ ଏହା ବାତ୍ୟା ସମ୍ଭାବନାକୁ ଦୁର୍ବଳ କରୁଛି। ଏହି ଲଘୁଚାପ ୨୧ ସେପ୍ଟେମ୍ବରରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଧୀରେ ଧୀରେ ତୀବ୍ର ହୋଇ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଅବପାତର ରୂପ ନେବ। ପରେ ୨୨ ସେପ୍ଟେମ୍ବରରେ ଏହା ଅଧିକ ତୀବ୍ର ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପତାରରେ ପରିଣତ ହେବ। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ସେପ୍ଟେମ୍ବର ସକାଳ ସମୟରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବ। ଏହାର ପ୍ରଭାବରେ ରାଜ୍ୟରେ ୨୨ରୁ ୨୫ ମଧ୍ୟରେ ବର୍ଷାର ପ୍ରଭାବ ରହିବ। ବିଶେଷକରି କରି ୨୩ ଓ ୨୪ରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଏହି ଲଘୁଚାପ ୨୨ ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ୨୩-୨୪ ସେପ୍ଟେମ୍ବରରେ ଉପକୂଳ ନିକଟତର ହେବ। ତେବେ ଗଭୀର ଅବପାତ ଭାବେ ରହିବାର ସବୁଠୁ ଅଧିକ ସମ୍ଭାବନା ରହିଛି। ଯଦି ଏହା ଆଶାଠାରୁ ଅଧିକ ସମୟ ସମୁଦ୍ର ▶ପୃଷ୍ଠା-୭



### ୨୩ ଓ ୨୪ ତାରିଖରେ ପ୍ରବଳ ବର୍ଷା ଆଶଙ୍କା

### ବାଦଲ ଏକତ୍ରୀକରଣ ପ୍ରକ୍ରିୟାରେ ଉପୁଜୁଛି ବାଧା

## ଓଲଟ ପାଲଟ



କଟକ ନଗର ଧବଳ ଟଗର
ଖ୍ୟାତି ଥିଲା ଦିନେ ନାଆଁ,
ଏବେ ତାହା ନର୍କ କୁଣ୍ଡର ସହର
ପାଲଟି ଯାଇଛି ଗାଆଁ ।
ରାସ୍ତା ଘାଟ କଥା କହିଲେ ନସରେ
ଚାରିଆଡେ ଖାଲ ଖମା,
ଦଶହରା ବେଳେ ପ୍ୟାଚ ପଡଇ
ସ୍ଥାୟୀ କାମ ନାହିଁ ଜମା !!

-ଯାଯାବର

## ନିର୍ମାଣ ହେବ ଖଡ଼ଗପୁର-ଅମରାବତୀ ଗ୍ରୀନ୍‌ଫିଲ୍ଡ ଏକ୍ସପ୍ରେସ ୱେ

# ମୟୂରଭଞ୍ଜରେ ସଡ଼କ ଭିତ୍ତିଭୂମିର ନୂଆ ଅଧ୍ୟାୟ

■ ବାରିପଦା, ୨୦।୯ (ସମିସ): ଦେଶର ପୂର୍ବ ଭାଗରୁ ଦକ୍ଷିଣ ଭାରତକୁ ଯୋଡ଼ିବା ପାଇଁ ପ୍ରସ୍ତୁତ ହୋଇଛି ଏକ ବିରାଟ ସଡ଼କ ଯୋଜନା। ପଶ୍ଚିମବଙ୍ଗର ଖଡ଼ଗପୁରରୁ ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଯାଉଛି ୧,୧୦୭ କିଲୋମିଟର ଦୀର୍ଘ ଖଡ଼ଗପୁର-ଅମରାବତୀ ଗ୍ରୀନଫିଲ୍ଡ ଏକ୍ସପ୍ରେସୱେ। ପ୍ରାୟ ୭୫,୬୨୯ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ମେଗା ପ୍ରକଳ୍ପ ଓଡ଼ିଶାର ଭିତ୍ତିଭୂମି ଓ ଅର୍ଥନୀତିକୁ ଏକ ନୂତନ ଦିଗ ଦେବ। ବିଶେଷକରି ସୀମାନ୍ତ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ପାଇଁ ଏହି କରିଡର ଏକ ବଡ଼ ବରଦାନ ସାବ୍ୟସ୍ତ ହେବାକୁ ଯାଉଛି। ଏହି ଏକ୍ସପ୍ରେସ ୱେ (୪/୬ଲେନ୍) ଓଡ଼ିଶାରେ ୫୨୨ କିମି ରହୁଥିବାବେଳେ ଏହାର ପ୍ରବେଶ ପଥ ମୟୂରଭଞ୍ଜ ଜିଲ୍ଲା ହେବ।

ପଶ୍ଚିମବଙ୍ଗର ଖଡ଼ଗପୁରରୁ ବାହାରି ଏହି କରିଡର ପ୍ରଥମେ ଓଡ଼ିଶାର ସୀମାନ୍ତ ଜିଲ୍ଲା ମୟୂରଭଞ୍ଜରେ ପ୍ରବେଶ କରିବ। ରାଜ୍ୟର ମୋଟ ୯ଟି ଜିଲ୍ଲା ମଧ୍ୟରେ ଜିଲ୍ଲାୱାରୀ ଦୈର୍ଘ୍ୟ ମଧ୍ୟରେ ଏହା ମୟୂରଭଞ୍ଜରେ ୮୬ କିମି, କେନ୍ଦୁଝରରେ ୮୬ କିମି, ଢେଙ୍କାନାଳରେ ୮୮ କିମି, କଟକରେ ୨୧ କିମି, ନୟାଗଡ଼ରେ ୩୮ କିମି, ଗଞ୍ଜାମରେ ୯୭ କିମି, ଗଜପତିରେ ୩୬ କିମି, ରାୟଗଡ଼ାରେ ୫୩ କିମି, କୋରାପୁଟରେ ୧୭ କିମି ଅଂଶ ରହିବ। ▶ପୃଷ୍ଠା-୭

### ଜିଲ୍ଲାରେ ରହିବ ୮୬ କିମି କରିଡର




# ଓଡ଼ିଶାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ସିଡବ୍ଲ୍ୟୁସିର ନିଷ୍ପତ୍ତି ଉଭୟ ରାଜ୍ୟ ମାନିବେ: ସାଏ

■ ଭୁବନେଶ୍ୱର, ୨୦।୯ (ସମିସ): ମହାନଦୀ ଜଳ ବିବାଦର ସମାଧାନ ଖୁବଶୀଘ୍ର ହେବ ବୋଲି କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ସାଏ ରବିବାର ଗଣମାଧ୍ୟମକୁ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ଶ୍ରୀ ସାଏ କହିଛନ୍ତି ଯେ ପୂର୍ବରୁ ଦିଲ୍ଲୀରେ ଦୁଇ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଅଧିକାରୀଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇ ସାରିଛି। ବିବାଦର ସମାଧାନ ଦିଗରେ ନିଷ୍ପତ୍ତି ପାଇଁ ଉଭୟ ରାଜ୍ୟ ସିଡବ୍ଲ୍ୟୁସିକୁ ସହମତି ଜଣାଇ ସାରିଛନ୍ତି। ଦୁଇରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିଡବ୍ଲ୍ୟୁସି(କେନ୍ଦ୍ରୀୟ ଜଳ ଆୟୋଗ) ଯାହା ନିଷ୍ପତ୍ତି ନେବ ତାହାକୁ ଉଭୟ ରାଜ୍ୟ ମାନି ନେବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାନଦୀକୁ ନେଇ କୌଣସି ପ୍ରକାର ବିବାଦ ନାହିଁ। ଯେଉଁ ରାଜ୍ୟରେ ବିଜେପି ସରକାର ଆସିଛି, ଜଳ ବିବାଦ ଦୂର ହୋଇଛି। ଓଡ଼ିଶାରେ ବିଜେପି, ଛତିଶଗଡ଼ରେ ବିଜେପି, କେନ୍ଦ୍ରରେ ▶ପୃଷ୍ଠା-୭



### ଆଜି ରହିଛି ବୈଷୟିକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

### ରାସ୍ତା କଡ଼ରେ ମଦ କାଉଣ୍ଟର

# ଛାତ୍ରଛାତ୍ରୀ ଭୟଭୀତ; ଅଶାନ୍ତ ପରିବେଶ

କୟାଁଗୋଲା, ୨୦।୯ (ସମିସ)

ବଡଲାଙ୍ଗ ଛକରୁ ମଲ୍ଲୀକାପୁର ମୁଖ୍ୟ ରାସ୍ତା। ଦିନରାତି ଏହି ରାସ୍ତା ଦେଇ ଯାତାୟାତ କରନ୍ତି ଶହଶହ ଲୋକ। ବିଶେଷକରି କଲେଜ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ ଏହା ଏକ ପ୍ରମୁଖ ରାସ୍ତା। ହେଲେ ଏହି ରାସ୍ତା କଡ଼ରେ ସରକାରୀ ମଦ କାଉଣ୍ଟର ଚାଲୁଥିବାରୁ ଅଞ୍ଚଳର ପରିବେଶକୁ ନେଇ ଏବେ ଚିନ୍ତା ବଢ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମଦ କାଉଣ୍ଟର ନିକଟ ଦେଇ ଯିବାବେଳେ ଅନେକ ସମୟରେ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରଭାବରେ ବିଶେଷକରି କଲେଜର ଛାତ୍ରୀମାନେ ଏହି ରାସ୍ତା ଦେଇ ଏକାକୀ ଯିବାକୁ ଭୟ କରୁଥିବା ଅଭିଯୋଗ ହୋଇଛି। ଛାତ୍ରମାନଙ୍କ ମଧ୍ୟରେ ମଧ୍ୟ ଏହି ରାସ୍ତାକୁ ନେଇ ଅସୁବିଧା ଓ ଆଶଙ୍କା ଦେଖାଦେଇଥିବା ସ୍ଥାନୀୟ ଲୋକ କହିଛନ୍ତି। ସକାଳେ ଓ ସନ୍ଧ୍ୟା ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟାତ କରୁଥିବା ପିଲାମାନଙ୍କ ଭିଡ଼ ଏହି ରାସ୍ତାରେ ଦେଖାଯାଏ। ଏଭଳି ସ୍ଥାନରେ ମଦ କାଉଣ୍ଟର ରହିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ଭୟ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ଅଭିଭାବକମାନେ। ରାସ୍ତାରେ ମହିଳା, ଛାତ୍ରୀ ଓ ବୃଦ୍ଧମାନେ ମଧ୍ୟ ନିର୍ଭୟରେ ଯାତାୟାତ କରିପାରୁଥିବା ଭଳି ପରିବେଶ ରହିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ମଦ କାଉଣ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ଲୋକେ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଓ ଦାବି ଜଣାଇଥିବା କହିଛନ୍ତି। ତଥାପି ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ନହେବାରୁ ଅସନ୍ତୋଷ ବଢ଼ିଚାଲିଛି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ କାହିଁକି ନିରବ ରହିଛି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ମଦ ଦୋକାନ ନିକଟରେ ସାଧାରଣ ଲୋକଙ୍କ ଯାତାୟାତ, ଶିକ୍ଷାନୁଷ୍ଠାନକୁ ଯାଉଥିବା ପିଲାଙ୍କ ସୁରକ୍ଷା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବା ଦାବି ହୋଇଛି। ଏବେ ପ୍ରଶ୍ନ ଉଠୁଛି ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେବେ ଶୁଣିବ ପ୍ରଶାସନ। ଛାତ୍ରଛାତ୍ରୀ ଓ ମହିଳାମାନେ ନିର୍ଭୟରେ ଯାତାୟାତ କରିପାରିବା ଭଳି ପରିବେଶ କେବେ ସୃଷ୍ଟି ହେବ। ଏହାକୁ ନେଇ ଏବେ ମଲ୍ଲୀକାପୁର ଅଞ୍ଚଳବାସୀଙ୍କ ନଜର ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

# ଜାରକାରେ ଗଣେଶ ପୂଜା ଉତ୍ସବ

ଧର୍ମଶାଳା, ୨୦।୯ (ସମିସ): ଧର୍ମଶାଳା ବ୍ଲକ ଜାରକା ବଜାରରେ ଧୁମଧାମରେ ପାଳିତ ହେଉଛି ୪୫ତମ ଗଣେଶ ପୂଜା ଉତ୍ସବ। ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ଉତ୍ସବକୁ ନେଇ ଜାରକା ବଜାର ଉତ୍ସବମୁଖର ହୋଇଉଠିଛି। ଓଡ଼ିଶାର ଏକ ପ୍ରାଚୀନ ତଥା ଲୋକପ୍ରିୟ ଶାସ୍ତ୍ରୀୟ ଲୋକକଳା 'ପାଲା'କୁ ଉଜ୍ଜୀବିତ ରଖିବା ତଥା ଏହାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପୂଜା କମିଟି ପକ୍ଷରୁ ଲଗାତାର ୫ ଦିନ ଧରି ପାଲା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଲା ପରେ ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଉତ୍ସବର ଷଷ୍ଠ ଦିନରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର କୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ସାଂସଦ ପ୍ରତିନିଧି କାହ୍ନୁ ଚରଣ ଦାଶ, ଜାରକା ସରପଞ୍ଚ ସୁଦାମ ବେହେରା, ସମିତିସଭ୍ୟା ଅନୁସୟା ସାହୁ, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସମ୍ପାଦକ ବିରଜା କୁମାର ଶତପଥୀ, ବ୍ଲକ ଆମ୍ବ୍ର ସଭାପତି ଉପେନ୍ଦ୍ର କୁମାର କର ପ୍ରମୁଖ ଯୋଗଦେଇଥିଲେ। ପରେ ସାଂସ୍କୃତି କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।




### ଯାଜପୁର ସ୍ପୋର୍ଟସ ଏକାଡେମୀ

# ପରିଦର୍ଶନ କଲେ କ୍ରୀଡ଼ା ସଚିବ

ଯାଜପୁର, ୨୦।୯ (ସମିସ): ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ସହ ଆବଶ୍ୟକୀୟ କ୍ରୀଡ଼ା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବ ସରକାର ସମୟରେ ଯାଜପୁରରେ ଏକ ଆଧୁନିକ ସ୍ପୋର୍ଟସ ଏକାଡେମୀ ନିର୍ମାଣର ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପର ସମୀକ୍ଷା କରି କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଭୂପିନ୍ଦର ସିଂ ପୁନିଆ ଯାଜପୁର ଟାଉନ୍‌ଠାରେ ନିର୍ମାଣାଧୀନ ସ୍ପୋର୍ଟସ ଏକାଡେମୀ ପରିଦର୍ଶନ କରି ଫେରିଯାଇଛନ୍ତି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଉପସ୍ଥିତିରେ ଶ୍ରୀ ପୁନିଆ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ସହ ନିର୍ମାଣ କାର୍ଯ୍ୟର ମାନ ଓ ଗୁଣବତ୍ତା ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପରେ ସେ ସ୍ପୋର୍ଟସ କମ୍ପ୍ଲେକ୍ସ ଓ ଇଣ୍ଡୋର ଷ୍ଟାଡିୟମ୍ ପରିଦର୍ଶନ କରି ସେଠାରେ ଉପଲବ୍ଧ କ୍ରୀଡ଼ା ଭିତ୍ତିଭୂମି ଓ ସୁବିଧାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଖେଳାଳି ଓ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରି ସେମାନଙ୍କ ପ୍ରଶିକ୍ଷଣ, ଆବଶ୍ୟକତା ଓ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଗସ୍ତ ସମୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ବିଭାଗୀୟ ବରିଷ୍ଠ ଅଧିକାରୀ, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା

କୟାଁଗୋଲା, ୨୦।୯ (ସମିସ): ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତୀକରଣ ବିଭାଗ ପକ୍ଷରୁ 'ଜୀବନ କୌଶଳ, ସ୍ୱାସ୍ଥ୍ୟ, ଫିଟନେସ୍ ଏବଂ ପୋଷଣ ଯୁବପିଢ଼ିର ସୁସ୍ଥତା ପାଇଁ ଏକ ସମଗ୍ର ଅଭିମୁଖ୍ୟ' ଶୀର୍ଷକ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ମୀନାକ୍ଷୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡ. ଗୋପାଳ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଜୟ ପ୍ରକାଶ ମିଶ୍ର, ଡ. ମିଳନ କୁମାର ପଡ଼ିହାରୀ ଓ ସଚେତନତା ପରାମର୍ଶଦାତା ସଂଯୁକ୍ତା ପଣ୍ଡା ଯୋଗଦେଇ ବିଭିନ୍ନ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଶୁଭଶ୍ରୀ ଘଡ଼ାଇ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କର୍ମଶାଳାରେ ଛାତ୍ରୀମାନଙ୍କ ଦୈନନ୍ଦିନ ଜୀବନରେ ଜୀବନ କୌଶଳର ଆବଶ୍ୟକତା, ନିୟମିତ ଶାରୀରିକ ବ୍ୟାୟାମ, ଫିଟନେସ୍, ସୁଷମ ଓ ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ଜୀବନଶୈଳୀରେ ଆସୁଥିବା ପରିବର୍ତ୍ତନ ସହ ସ୍ୱାସ୍ଥ୍ୟକୁ ନେଇ ଦେଖାଦେଉଥିବା ବିଭିନ୍ନ ସମସ୍ୟାରୁ କିପରି ଦୂରେଇ ରହିହେବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଅତିଥିମାନେ କହିଥିଲେ ଯେ କେବଳ ପାଠପଢ଼ାରେ ଭଲ କରିବା ନୁହେଁ, ଜଣେ ଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଭଲ ସ୍ୱାସ୍ଥ୍ୟ, ସଠିକ୍ ଖାଦ୍ୟାଭ୍ୟାସ, ଶାରୀରିକ ଫିଟନେସ୍ ଓ ଜୀବନ କୌଶଳ ମଧ୍ୟ ସମାନ ଭାବେ ଆବଶ୍ୟକ। ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହ ପରିବାର ଓ ସମାଜରେ ମଧ୍ୟ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରୋଜାଲିନୀ ନାୟକ, ରଶ୍ମି ଦଳାଇ, ଶ୍ରଦ୍ଧା ନାୟକ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ ଓ ମଧୁସ୍ମିତା ସେନାପତିଙ୍କ ସମେତ ଶିକ୍ଷାକର୍ମଚାରୀ ଚିତ୍ତରଞ୍ଜନ ବାରିକ ଓ ଗୀତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ପ୍ରମିଳା ବାଇ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପୋଷଣ, ଫିଟନେସ୍ ଓ ଜୀବନ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।

### ● ୧୬ ମାସର ଶିଶୁ ଜୀବନ ସଙ୍କଟରେ

# ସାହାଯ୍ୟ ପାଇଁ ପରିବାରର ନିବେଦନ

ବ୍ରହ୍ମବରଦା, ୨୦।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରେଇକଣା ପଞ୍ଚାୟତ ରମାପୁର ଗ୍ରାମର ୧୬ ମାସର କୁନି ଝିଅ ତ୍ରିଷିକା ମାନଭି ରାୟ ଏକ ବିରଳ ରୋଗ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ସାମ-ଟାଇପ୍-୨) ରେ ପୀଡିତ ହୋଇ ଜୀବନ ସହ ସଂଘର୍ଷ କରୁଛି। ପିତା ମୁକେଶ ଚନ୍ଦ୍ର ରାୟ ଓ ମାତା ବର୍ଷାରାଣୀ ଜେନାଙ୍କ ସୂଚନା ଅନୁଯାୟୀ, ଝିଅକୁ ତାମିଲନାଡୁ, ବେଙ୍ଗାଲୁରୁ, ଦିଲ୍ଲୀ ସ୍ଥିତ ଏମ୍ସ ଏବଂ ବର୍ତ୍ତମାନ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ରୋଗର ଚିକିତ୍ସା ଭାରତରେ ଉପଲବ୍ଧ ନଥିବା ବେଳେ ବିଦେଶରୁ ଔଷଧ (ଭାକ୍ସିନ) ଆଣିବାକୁ ପ୍ରାୟ ବହୁ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଛନ୍ତି। ଗରିବ ପରିବାର ପକ୍ଷେ ଏତେ ବିପୁଳ ଅର୍ଥ ଯୋଗାଡ କରିବା ଅସମ୍ଭବ। ଏଣୁ ଏହି କୁନି ଝିଅକୁ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବଦେନ କରାଯାଇଛି।

# ବ୍ରହ୍ମବରଦାରେ ଗଣେଶ ପୂଜା

ବ୍ରହ୍ମବରଦା, ୨୦।୯ (ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ବିଭିନ୍ନ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର। ଆଜି ସନ୍ଧ୍ୟାରେ ସେ ବ୍ରହ୍ମବରଦା ଚଣ୍ଡୀମନ୍ଦିର ଛକଠାରେ ପହଞ୍ଚି ପ୍ରଥମେ ବେଲଗୁଡ଼ି ସ୍ଥିତ ବାବାମଣି ୟୁଥ୍ ଆସୋସିଏସନର ଗଣେଶ ପୂଜା ମଣ୍ଡପରେ ପ୍ରଭୁ ଶ୍ରୀବିଘ୍ନ ବିନାଶକଙ୍କ ଦର୍ଶନ କରିଥିଲେ।



ସେଠାରେ ଆସୋସିଏସନ ତରଫରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସେ ଚାରିଗାଁପୁର ସ୍ଥିତ ବୀର ବଜରଙ୍ଗୀ ୟୁଥ୍ ଆସୋସିଏସନ ଏବଂ ବନ୍ଦଡିଆ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପକୁ ଯାଇ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଯୁବକମାନଙ୍କ ସହ ଭେଟିଥିଲେ। ସମସ୍ତ ମଣ୍ଡପରେ ପୂଜା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୂଜକ ରଘୁନାଥ କରଙ୍କ ସ୍ମୃତିଚାରଣ

ସିଂହପୁର, ୨୦।୯ (ସମିସ): ଉଜାଙ୍ଗ ଗ୍ରାମର ବରିଷ୍ଠ ପୂଜକ ରଘୁନାଥ କରଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଯୁଧିଷ୍ଠିର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ରାହାସ ବିହାରି ମହାନ୍ତି, ପଣ୍ଡିତ ବଟକୃଷ୍ଣ ପଣ୍ଡା, ସମାଜସେବୀ ପ୍ରଦ୍ୟୁମ୍ନ ରାଉତ, ଯୁବ ସଙ୍ଗଠକ ପବିତ୍ର ରାଉତ, ପଞ୍ଚାୟତ ବିଜେପି ସଭପତି ରଜନୀ କାନ୍ତ ରାୟ, ସମ୍ପାଦକ ଇନ୍ଦ୍ରମଣି ପାତ୍ର, ରାହାସ ବିହାରୀ ପରିଡ଼ା, ଦେବାନନ୍ଦ ପରିଡ଼ା, ଶିକ୍ଷାବିତ୍ ଦିବାକର ଦାଶ, ରତିକାନ୍ତ ଦାସ, ପ୍ରଫୁଲ୍ଲ କୁମାର ସୁତାର, ମହେଶ୍ୱର ଦାସ, ପୂଜକ ନିରଞ୍ଜନ କର, ସମାଜସେବୀ ବୈକୁଣ୍ଠ ଖଟୁଆ, ପ୍ରସନ୍ନ କୁମାର ରାୟ, ରବୀନ୍ଦ୍ର କୁମାର ରାଉତ, ନୀରୋଦ ପରିଡ଼ା, ବିଜୟ ପଣ୍ଡା, ରବୀନ୍ଦ୍ର କର, ପ୍ରମୋଦ ଦାଶ, ଆକାଶ କର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରକାଶ କର ଧନ୍ୟବାଦ୍ ଅର୍ପଣ କରିଥିଲେ।



# ହୃଦ୍‌ଘାତରେ ଅନୁଷ୍ଠାନ ପ୍ରେମୀଙ୍କ ପରଲୋକ



ବାରିକପୁର, ୨୦।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ସଦସ୍ୟ ତଥା କୁରିକଣା ଗ୍ରାମର ଧର୍ମପରାୟଣ, ଅନୁଷ୍ଠାନ ପ୍ରେମୀ କୃତିବାସ ଭଞ୍ଜଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ଯୋଗୁଁ ରବିବାର ସକାଳୁ ପଟାପୋଲ ବାସଭବନଠାରେ ତାଙ୍କ ବିୟୋଗ ହୋଇଥିବା ଜ୍ୟେଷ୍ଠ ପୁତ୍ର ସମାଜସେବୀ ପ୍ରଶାନ୍ତ ଭଞ୍ଜ ସୂଚନା ଦେଇଛନ୍ତି। ସ୍ୱର୍ଗତ ଭଞ୍ଜ ଏକାଧାରରେ ଜଣେ ଧର୍ମାନୁରାଗୀ, ଶାନ୍ତ, ସରଳ ଓ ଅମାୟିକ ବ୍ୟକ୍ତିତ୍ୱ ଭାବେ ବେଶ୍ ଜଣାଶୁଣା ଥିଲେ। ମୃତ୍ୟୁ ଖବର ପାଇବା ମାତ୍ରେ ପଞ୍ଚାୟତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନଠାରେ ପହଞ୍ଚି ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ମଧ୍ୟମ ପୁତ୍ର ପ୍ରମୋଦ ଭଞ୍ଜ ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁରେ ଭାଗବତ ଟୁଙ୍ଗିର ବରିଷ୍ଠ ସଦସ୍ୟ ତଥା ସାହିତ୍ୟିକ ନଟବର ରାଉଳ, ନିରଞ୍ଜନ ପ୍ରଧାନ, ଉମାକାନ୍ତ ପ୍ରଧାନ, ରବୀନ୍ଦ୍ର କୁମାର ସ୍ୱାଇଁ, ଉମାକାନ୍ତ ପାତ୍ର, ଜୟପ୍ରକାଶ ସ୍ୱାଇଁ, ମୁରଲୀଧର ଦାସ, ଶେଷଦେବ ସ୍ୱାଇଁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଡାକ୍ତରଙ୍କ ନିଯୁକ୍ତି

ଧର୍ମଶାଳା, ୨୦।୯ (ସମିସ): ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବ ଡାକ୍ତରଙ୍କ ସମେତ ୧୦ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଡା. ସୁଧିର କୁମାର ସାହୁ ରହିଥିବା ବେଳେ ଗାଇନିକ ସ୍ପେସିଆଲିଷ୍ଟ ଭାବେ ଡା.ବିଶ୍ୱରଞ୍ଜନ କର, ପେଡ଼ିଆଟିକ ସ୍ପେସାଲିଷ୍ଟ ଭାବେ ଡା. ନିୟୁଶ୍ରୀ ପାଣି, ଡା. ଚନ୍ଦ୍ରସେଖର ସିଂ, ଡା. ମାନସ କୁମାର ସ୍ୱାଇଁ, ଡା. ରାଜେଶ କୁମାର ବେହେରା, ଡା. ଲିପ୍ସାମଞ୍ଜିରୀ ସାହୁ, ଡା. ଶୁଭେନ୍ଦୁ ଶତପଥୀ, ଡା. ଭରତକୃଷ୍ଣ ଦାସ, ଡା.ଅମ୍ଲାନି ସାତ୍ୟପ୍ରଜ୍ଞା ବଳ ପ୍ରମୁଖ ୧୦ ଡାକ୍ତରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ଧର୍ମଶାଳା ଡାକ୍ତରଖାନା ଏକ ସମ୍ବେଦନଶୀଳ ଡାକ୍ତରଖାନା ହୋଇଥିବା ୨୪ ଘଣ୍ଟା ଏହି ଡାକ୍ତରଖାନାକୁ ହଜାର ହଜାର ରୋଗୀ ପ୍ରତ୍ୟେକ ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥାନ୍ତି। ହେଲେ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିଲା। ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିଯୁକ୍ତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ସମେତ ରୋଗୀମାନଙ୍କ ସମ୍ପର୍କୀୟମାନେ ବିଭିନ୍ନ ଫୋରମରେ ଦୀର୍ଘ ବର୍ଷ ହେଲା ଦାବି କରିଆସୁଥିଲେ। ଆବଶ୍ୟକତାକୁ ଲକ୍ଷ୍ୟ କରି ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିଯୁକ୍ତି ପାଇଁ ଉଦ୍ୟମ କରିଥିଲେ। ଏହାର ଫଳସ୍ୱରୁପ ଡାକ୍ତରଖାନାରେ ୧୦ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ସୂଚନା ମୁତାବକ ଧର୍ମଶାଳା ଡାକ୍ତରଖାନା ହେବା ଦିନଠାରୁ ଏତେ ସଂଖ୍ୟକ ଡାକ୍ତର ନିଯୁକ୍ତି ପାଇବା ପ୍ରଥମ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ରୋଗୀମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରୀ, ୨୦।୯ (ସମିସ) : ଯାଜପୁର ଜିଲ୍ଲାର ଅମଟପୁର ଗ୍ରାମପଞ୍ଚାୟତର କୃପାସିନ୍ଧୁ ଚାରିଟେବୁଲ ଟ୍ରଷ୍ଟ ଓ ବାଲ ଗଣପତି ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କମ୍ପାଗଡ଼ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଆବାହକ ଦିବ୍ୟ ପ୍ରକାଶ ସାହୁଙ୍କ ଆହ୍ୱାନ କ୍ରମେ ବହୁ ଯୁବକ ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଉକ୍ତ ଶିବିର କୁ ଆନୁଷ୍ଠାନିକ ଶିକ୍ଷାବିତ ସୁଧାକର ଶତପଥୀ ଓ ସମାଜସେବୀ ମୀନକେତନ ସାମଲ, ନିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି। ଉକ୍ତ ରକ୍ତଦାନ ଶିବିରରେ ସାମ୍ବାଦିକ ସୁନୀଲ ରାଉତ, ଜନ୍ମେଜୟ ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ପ୍ରଦୀପ ମହାରଣା, ବସନ୍ତ ସାହୁ, ଦେବେନ୍ଦ୍ର ମହାପାତ୍ର, ପ୍ରକାଶ ସାହୁ, ଲିଟୁ ଭଞ୍ଜ, କାର୍ତ୍ତିକ ପୃଷ୍ଟି, ସତ୍ୟ ପ୍ରକାଶ ସାମଲ ପ୍ରମୁଖ ସହଯୋଗ କରିଥିଲେ।



# ସ୍ନେହାଶିଷଙ୍କୁ ସମ୍ମାନଜଣକ ପୁରୁଷୋତ୍ତମ ସମ୍ମାନ

ଅସୁରାଳି, ୨୦।୯ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଓଡ଼ିଶାର ବାର୍ଷିକ ସାଧାରଣ ସଭା ଓ ବାର୍ଷିକ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୁରୀ ଶ୍ରୀମନ୍ଦିର ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ଜଗନ୍ନାଥ ସଂସ୍କୃତିର ଜିଲ୍ଲା ସଭାପତି ତଥା ଶ୍ରୀଶ୍ରୀ ରାଧାକାନ୍ତଜୀଉ, ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ସେବକ ଓ ଆଇନଜୀବୀ ସ୍ନେହାଶିଷ ପଣ୍ଡାଙ୍କୁ ପରିଷଦ ତରଫରୁ ଜଗନ୍ନାଥ ଓ ରାଧାକୃଷ୍ଣଙ୍କ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୁଷୋତ୍ତମ ସମ୍ମାନରେ ସମ୍ମାନିତ କରାଯାଇଛି। ଉପସ୍ଥିତ ଅତିଥିମାନେ ଶ୍ରୀ ପଣ୍ଡାଙ୍କୁ ଉତ୍ତରୀୟ, ତୁଳସୀ ବୃକ୍ଷ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଫଳକ ଶୁଭେଚ୍ଛା ପତ୍ର ସହ ସମ୍ମାନିତ କରିବା ସହ ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ମହାପ୍ରଭୁଙ୍କ ଛଡ଼ା ତୁଳସୀ ଅର୍ପଣ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କ ଦ୍ୱାରା ଅଙ୍କିତ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଫଟୋଚିତ୍ରକୁ ସଂସଦର ସଭାପତିଙ୍କୁ ପ୍ରଦାନ କରିଥିଲେ।



# ଅବରସପ୍ରାପ୍ତ ନିର୍ବାହୀ ଯନ୍ତ୍ରୀଙ୍କ ପରଲୋକ



ଧର୍ମଶାଳା, ୨୦।୯ (ସମିସ): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଗୋକୁଳାନନ୍ଦ ବରାଳ (୮୮) ଙ୍କ ଆଜି ସନ୍ଧ୍ୟାରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୁଇବର୍ଷ ତଳେ ମସ୍ତିଷ୍କ ଆଘାତ ରୋଗରେ ପୀଡିତ ହୋଇ ଘରେ ଚିକିତ୍ସାଚିତ ହୋଇଥିଲେ। ତିନିଦିନ ତଳେ ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ଜଣେ ଉଠା ଜଳସେଚନ ବିଭାଗର ସୁଦକ୍ଷ ଇଂଜିନିୟର ଭାବେ ଭଦ୍ରକ, ସୁନ୍ଦରଗଡ଼, ଜୟପୁର ଓ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟକାରୀ ୨୦୦୮ ମସିହାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ମେଳାପୀ, ସରଳ, ଅମାୟିକ ଓ ପରୋପକାରୀ ମଣିଷ ଭାବେ ଜାରକା ଅଞ୍ଚଳରେ ପରିଚିତ ଥିଲେ। ଜ୍ୱାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ କେଶରୀ ଜେନା, ସାନପୁଅ ସଞ୍ଜୟ, ଝିଅ କଲ୍ୟାଣୀ, କବିତା, ବହୁ ସୁକାନ୍ତି ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରଭୁରଞ୍ଜନ ସାମଲ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରାଶରୀରକୁ କୁମାରୀ ସ୍ଥିତ ବାସବନକୁ ଅଣାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ତାଙ୍କ ଶେଷକୃତ ସଂମ୍ପନ୍ନ କରାଯିବ। ବଡପୁଅ ବିଜୟ ମୁଖାଗ୍ନି ଦେବେ।

# ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବେତାଳିଗାଁ, ୨୦।୯ (ସମିସ): ପାଳସାହି ଅଞ୍ଚଳର ସମାଜସେବୀ ତଥା ନେତାଜୀ ଜୟନ୍ତୀ କମିଟି ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ (ରୋଗା ଭାଇ) ଙ୍କ ଅକାଳ ବିୟୋଗରେ ନେତାଜୀ ଜୟନ୍ତୀ କମିଟି ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଜୟନ୍ତୀ କମିଟି ସଭାପତି ବିଦ୍ୟାଧର ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ କମିଟିର ସମସ୍ତ ସଦସ୍ୟଙ୍କ ସମେତ ବଜାର କମିଟି ସଦସ୍ୟ ଓ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଯୋଗଦେଇଥିଲେ। ସଭାରେ ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଅନିଲ କୁମାର ଦାଶ, ନିମାଇଁ ଚରଣ ବାରିକ, କ୍ଷୀରୋଦ ବଳ, ମାର୍କଣ୍ଡ ଜେନା, କଂଗ୍ରେସ ନେତା ତ୍ରିଲୋଚନ ଦାସ, ଯୁବନେତା କପିଳଦେବ ବିଶ୍ୱାଳ, ମନୋଜ ବେହେରା ପ୍ରମୁଖ ଯୋଗଦେଇ ମୃତ୍ୟୁଞ୍ଜୟ ସାହୁଙ୍କ ସହିତ ଥିବା ଆତ୍ମୀୟ ସମ୍ପର୍କ ଓ ତାଙ୍କ ସ୍ମୃତିଚାରଣ କରିଥିଲେ। ବକ୍ତାମାନେ ମୃତ୍ୟୁଞ୍ଜୟଙ୍କ ସରଳ, ମେଳାପୀ ଓ ସେବା ମନୋଭାବୀ ବ୍ୟକ୍ତିତ୍ୱକୁ ସ୍ମରଣ କରିବା ସହ ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହାସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଅସୀମ ଧୈର୍ଯ୍ୟ ଓ ମାନସିକ ଶକ୍ତି ପ୍ରଦାନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ମୃତ୍ୟୁଞ୍ଜୟଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



### ବୈତରଣୀ ବନ୍ୟା ଯନ୍ତ୍ରଣା ଏଯାଏଁ ଥମିନି

# ଏବେ ବି ବନ୍ଧ ଉପରେ ୨ ଅସହାୟ ପରିବାର

ଅସୁରାଳି, ୨୦।୯ (ସମିସ): ବୈତରଣୀ ନଦୀର ବନ୍ୟାଜଳ ହ୍ରାସ ପାଇବା ପରେ ଅନ୍ୟ ସମସ୍ତ ଗ୍ରାମବାସୀ ନିଜ ନିଜ ଘରକୁ ଫେରିଯାଇଛନ୍ତି। ମାତ୍ର ହାସନାବାଦ ପଞ୍ଚାୟତ ବନବାଗ ଗାଁର ୨ଟି ପରିବାର ପାଇଁ ବନ୍ୟା ଦୁଃଖ ଅନ୍ତହୀନ ହୋଇପଡ଼ିଛି। ବନ୍ୟା ପରର ସ୍ଥିତି ସମୀକ୍ଷା କରିବାକୁ ବହୁ ନେତା ଓ ମନ୍ତ୍ରୀ ଅଞ୍ଚଳ ଗସ୍ତ କରି ଫେରିଯାଇଥିଲେ ବି, ବନ୍ଧ ଉପରେ ପଲିଥିନ୍ ତଳେ ଛଟପଟ ହେଉଥିବା ଏହି ଦୁଇଟି ଅସହାୟ ପରିବାରର ଦୁର୍ଦ୍ଦଶା କାହାରି ନଜରକୁ ନ ଆସିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଗାଁର ଅନ୍ୟ ଲୋକମାନେ ଭଙ୍ଗାରୁଜା ଘରକୁ ସଫାସୁତରା କରି ରହିବା ଆରମ୍ଭ କରିଥିବାବେଳେ ଏହି ୨ ପରିବାରର କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ରୋଷେଇ ସାମଗ୍ରୀ, ଆସବାବପତ୍ର ଓ ପିନ୍ଧାବସ୍ତ୍ର ପାଣିରେ ଭାସିଯାଇଥିବାରୁ ଘରକୁ ଫେରିବା ପାଇଁ ସେମାନଙ୍କ ପାଖରେ କୌଣସି ବାଟ ନାହିଁ। ବନ୍ଧ ଉପରେ ବିଷାକ୍ତ ସାପ, ବେଙ୍ଗ ଓ ଜୀବଜନ୍ତୁଙ୍କ ଗହଣରେ ବିପଜ୍ଜନକ ଭାବେ ରାତି ବିତାଉଛନ୍ତି ଏହି ବିପନ୍ନ ପରିବାର। ସାବିତ୍ରୀ ଜେନା ଓ କପିଳ ଜେନାଙ୍କ ପରିବାରଙ୍କ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବାରୁ ସ୍ୱାମୀ-ସ୍ତ୍ରୀ ଓ ସେମାନଙ୍କ ୪ ଜଣିଆ ପରିବାର ବାଧ୍ୟ ହୋଇ ଏବେ ବି ବନ୍ଧ ଉପରେ ସାପ ବେଙ୍ଗଙ୍କ ସହ ଜୀବନକୁ ବାଜି ଲଗାଇ ପାଲ ଟାଙ୍ଗି ରହୁଛନ୍ତି। ସେହିପରି ସେବତୀ ମହାଳିକ ଓ ପୁଅ ଜଗବନ୍ଧୁଙ୍କ ସମେତ ପରିବାରର ୧୨ଜଣ ସଦସ୍ୟଙ୍କ ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ନ ଥିବାରୁ ସେମାନେ ମଧ୍ୟ ବନ୍ଧ ଉପରୁ ଓହ୍ଲାଇ ପାରୁନାହାନ୍ତି। ବନ୍ୟା ସମୟରେ ଓ ତା' ପରେ ବହୁ ପ୍ରଶାସନିକ ଅଧିକାରୀ ଏବଂ ଶାସକଦଳ ନେତା ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିଲେ। ହେଲେ ଏହି ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କ ଦୁଃଖ ବୁଝିବାକୁ କେହି ହେଲେ ଆଗ୍ରହ ଦେଖାଇନାହାନ୍ତି। ସରକାରୀସ୍ତରରୁ କେବଳ ଖଣ୍ଡିଏ ଜାରିପାଲ, ୨୦୦ ଗ୍ରାମ୍ ଚୁଡ଼ା ଓ ୫୦୦ ଗ୍ରାମ୍ ମୁଢ଼ି ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଘରଭଙ୍ଗା ସହାୟତା କିମ୍ବା ଉଜୁଡ଼ିଯାଇଥିବା ଫସଲର କ୍ଷତିପୂରଣ ପାଇଁ କୌଣସି ସର୍ଭେ କରାଯାଇ ନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଆକ୍ରୋଶ ପ୍ରକାଶ ପାଇଛି। ତୁରନ୍ତ ଏହି ୨ ଅସହାୟ ପରିବାରକୁ ସରକାରୀ ସହାୟତାରେ ଘର, ଆବଶ୍ୟକ ରିଲିଫ୍ ଓ ଆର୍ଥିକ କ୍ଷତିପୂରଣ ଯୋଗାଇଦେବାକୁ ବନବାଗ ଗ୍ରାମବାସୀ ଦାବି କରିଛନ୍ତି।



**ନେତା-ମନ୍ତ୍ରୀ ବନ୍ୟାଞ୍ଚଳ ବୁଲିଗଲେ, କିନ୍ତୁ ଅସହାୟଙ୍କ ଦୁଃଖରୁ ଆଖି ଫେରେଇନେଲେ**

## ଉଚ୍ଚ ବିଦ୍ୟାଳୟରେ 'ଉଲ୍ଲାସ' ପରୀକ୍ଷା



ଯାଜପୁର, ୨୦।୯ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଉଲ୍ଲାସ-୨୦୨୬' ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ଯାଜପୁର ବ୍ଲକ ଶିକ୍ଷାଧିକାରୀ ଡ. ଅଭିମନ୍ୟୁ ସେଠୀ, ସହଶିକ୍ଷା ଅଧିକାରୀ ବଳରାମ ପତି, ସିଆର୍‌ସିସି ତିମିର ରଞ୍ଜନ ବେହେରା ଏବଂ ପରୀକ୍ଷା କେନ୍ଦ୍ର ସୁପରଭାଇଜର କିଶୋର ଚନ୍ଦ୍ର ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩୫୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ସ୍ୱାଇଁ, ଅନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତରାୟ, ୟୁସୁଫ୍ ଅଲ୍ଲି ଖାଁ, ମିନାକ୍ଷୀ ଯେନା, ସସ୍ମିତା ସେଠୀ, ଦିଲ୍ଲୀପ କୁମାର ପ୍ରଧାନ ପରୀକ୍ଷା ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଧର୍ମେନ୍ଦ୍ର ମହାରଣା ଓ ଅନୀତା ନାୟକ ଉକ୍ତ ପରୀକ୍ଷା ପରିଚାଳନା ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଯାଜପୁର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ 'ଉଲ୍ଲାସ-୨୦୨୬' ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡ ଭାବେ ଚିତ୍ତରଞ୍ଜନ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା କାର୍ଯ୍ୟ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଗଣ ସହଯୋଗ କରିଥିଲେ।

**ଗରିମା ହରାଉଛି ଜୟଚଣ୍ଡୀ ହାଇସ୍କୁଲ**

## ଅଳ୍ପଦିନରେ ୨ ଜଣ ପ୍ରଧାନ ଶିକ୍ଷକଙ୍କ ବଦଳି

ମଙ୍ଗଳପୁର, ୨୦।୯ (ସମିସ)

ଯେଉଁ ବିଦ୍ୟାଳୟ ଦିନେ ସାରା ଓଡ଼ିଶାରେ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲା ଆଜି ସେହି ବିଦ୍ୟାଳୟ ନିଜର ଗରିମା ହରାଇବାରେ ଲାଗିଛି। ଶିକ୍ଷା ବର୍ଷ ମଝିରୁ ଜଣେ ପରେ ଜଣେ ପ୍ରଧାନଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରି ପାଠପଢ଼ାରେ ବିଭ୍ରାଟ ସୃଷ୍ଟି କରୁଛି ଶିକ୍ଷା ବିଭାଗ। ଏପରିକି ଏଥିନେଇ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଏକ ଘଟଣା ଦେଖିବା ପାଇଁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ଦିନେ ପୀତବାସ ବେହୁରିଆ ପ୍ରଧାନ ଶିକ୍ଷକ ଥିବା ସମୟରେ ଓଡ଼ିଶାରେ ଏହି ବିଦ୍ୟାଳୟ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଏପରିକି ଏହି ବିଦ୍ୟାଳୟକୁ ଡିଇଓ କିମ୍ବା ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ମାନେ ଆସିବା ପାଇଁ ସଙ୍କୋଚ ପ୍ରକାଶ କରୁଥିଲେ। ଆଜି ସେହି ବିଦ୍ୟାଳୟ ତାର ଗରିମା ହରାଇବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଅଭିଯୋଗ ଅନୁଯାଇ ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କ ନାମରେ ସ୍ଥାନୀୟ ଲୋକେ ଅର୍ଥ ହେରାଫେରି ଅଭିଯୋଗ ଆଣିଥିଲେ। ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରିବା ପରିବର୍ତ୍ତେ ତାଙ୍କୁ ଏହି ବିଦ୍ୟାଳୟରୁ ବ୍ଲକର ବାଘୁଆସୁଣି ହାଇସ୍କୁଲକୁ ଡେପୁଟେସନରେ ପଠାଇ ଦେଇଥିଲେ। ଏଥିନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଯେତେ ଅଭିଯୋଗ କଲେ ମଧ ସେ ତାଙ୍କ ଉତ୍ତରରେ 'ଏହି ବଦଳି ମୁଁ କରିନି ଡାଇରେକ୍ଟର ଏହି ବଦଳି କରିଛନ୍ତି' ବୋଲି କହି ଚୁପ ବସିଥିଲେ। ତାଙ୍କର ଡେପୁଟେସନ ହେବା ପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଦିଆଯାଇଥିଲା। କିଛିଦିନ ପରେ ଝୁନୁପ୍ରିୟା ସାମଲଙ୍କ ନାମରେ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଦୁର୍ନୀତି, କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ସାଙ୍ଗକୁ ବିଦ୍ୟାଳୟର କମ୍ପୋଜିଟ ଗ୍ରାଣ୍ଟ ଖର୍ଚ୍ଚରେ ଅନିୟମିତତା କରିଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମଡିସି)ର ସଭ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲ ଓ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଏହାର ତଦନ୍ତ ପାଇଁ ଏଡିଓ ଆଲୋକ କୁମାର ବନ୍ଧଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ତଦନ୍ତରେ ଆସିବା ସମୟରେ ଏଡିଓଙ୍କୁ ଅଭିଯୋଗକାରି ସମସ୍ତ ପ୍ରମାଣର ଅଡିଓ ଓ ଲିଖିତ ପ୍ରମାଣ ଦେଇଥିଲେ। ତେବେ ତଦନ୍ତ ଅଧିକାରୀଙ୍କ ତଦନ୍ତ ଠିକ ଭାବେ ହୋଇନାହିଁ ବୋଲି ପୁନର୍ବାର ଅଭିଯୋଗକାରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ପୁନଃ ତଦନ୍ତ କରିବା ପାଇଁ ଡିଇଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଡିଇଓ ତଦନ୍ତ କରିବା ପୂର୍ବରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲଙ୍କୁ ଜୟଚଣ୍ଡୀ ହାଇସ୍କୁଲରୁ ଯାଜପୁର ରୋଡ୍‌ର ଏକ ବିଦ୍ୟାଳୟକୁ ଡେପୁଟେସନରେ ପଠାଇ ଦେଇଛନ୍ତି। ଯାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଏହି ବିଦ୍ୟାଳୟଟି ବନ୍ୟାପ୍ଲାବିତ ଅଞ୍ଚଳରେ ହୋଇଥିବା ବେଳେ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ବନ୍ୟା ପାଇଁ ବିଦ୍ୟାଳୟ ଛୁଟି ଥିଲା। ବନ୍ୟା ଛାଡିବା ପରେ ବିଦ୍ୟାଳୟ ଖୋଲିବା ମାତ୍ରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ହେବା ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଏହି ବିଦ୍ୟାଳୟ ଉପରେ କାହିଁକି କୋପ ଦୃଷ୍ଟି ପଡ଼ିଛି ଏହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ବର୍ତ୍ତମାନ ପାଠ ପଢ଼ା ଆରମ୍ଭ ହୋଇଥିବା ବେଳେ ଶିକ୍ଷା ବର୍ଷ ମଝିରେ ଏଭଳି ବେଆଇନ ବଦଳି ନିୟମ ଉଲ୍ଲଙ୍ଘନ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଏପରି ଘଟଣାକୁ ନାପସନ୍ଦ କରାଯାଇଛି। ଏକ ସପ୍ତାହ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲଙ୍କ ଡେପୁଟେସନ ବାତିଲ କରାନଗଲେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଅସହାୟ ମହିଳାଙ୍କୁ ସହାୟତା



କବାଟବନ୍ଧ, ୨୦।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଜଣେ ଅସହାୟ ଏବଂ ଗୁରୁତର ଚର୍ମ ରୋଗରେ ଆକ୍ରାନ୍ତ ବୃଦ୍ଧାଙ୍କୁ ଚିକିତ୍ସା ଓ ଅନ୍ୟାନ୍ୟ ସହାୟତା ଯୋଗାଇଦେବାକୁ ବରିଷ୍ଠ ଡାକ୍ତର ନିହାର ରଞ୍ଜନ କରଙ୍କ ଉଦ୍ୟମ ଆରମ୍ଭ ହୋଇଛି। ବାର୍ଦ୍ଧକ୍ୟ ଅବସ୍ଥାରେ ଏବଂ ଚର୍ମ ରୋଗରେ ଗୁରୁତର ଆକ୍ରାନ୍ତ ହୋଇଥିବା ବୃଦ୍ଧା ଜଣଙ୍କ ମିନା ପୂର୍ତ୍ତି ଏବଂ ସେ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି। ସେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପୁରୁଣାବଉଳ ମାଳ ପଞ୍ଚାୟତର ଏହି ସ୍ଥାନରେ ରହି ଆସୁଛନ୍ତି। ସଚେତନ ଅଭାବରୁ ଦେହରେ ସଂକ୍ରମଣ ହୋଇ ଚର୍ମ ରୋଗ ଶରୀରର ଅନେକ ଅଂଶକୁ ମାଡ଼ି ଯାଇଛି। ଗତ ୧୮ ତାରିଖରେ ଧର୍ମଶାଳାର ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ବିଶ୍ୱାଳ ଏହି ଅବସ୍ଥାରେ ମିନା ପୂର୍ତ୍ତିଙ୍କୁ ଦେଖି ସାମାଜିକ ଗଣମାଧ୍ୟମ ଫେସବୁକରେ ଅପଲୋଡ଼ କରିଥିଲେ। ଏହି ଘଟଣା କବାଟବନ୍ଧ ମେଡ଼ିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କ ନଜରକୁ ଆସିବା ପରେ ସେ କିଛି ସାମାଜିକ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଟିମ ଗଠନ କରି ଉକ୍ତ ଅସହାୟ ବୃଦ୍ଧାଙ୍କୁ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ କରିଥିଲେ। ରବିବାର ଡାକ୍ତର ନିହାର ରଞ୍ଜନ କରଙ୍କ ସହିତ ସାମ୍ବାଦିକ ତଥା ସମାଜସେବୀ ମାନସ ରଞ୍ଜନ ବିଶ୍ୱାଳ, ସବ୍ୟସାଚୀ ସାହୁ, ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା, ରକ୍ତବନ୍ଧୁ ଯାଜପୁରର ଆବାହକ ବସନ୍ତ କୁମାର ମଲ୍ଲିକ ଏବଂ ସଦସ୍ୟ ସୁକାନ୍ତ ବେହେରା, ଶରତ ବଳ, ମନୋଜ ବେହେରା, ସାମ୍ବାଦିକ ଅସିତ ନାୟକ, ସନାତନ ମଲ୍ଲିକ, ସନ୍ତୋଷ ସାହୁ, ଜଗବନ୍ଧୁ ମଲ୍ଲିକ, ରାଜକିଶୋର ମଲ୍ଲିକ, ସନାତନ ମଲ୍ଲିକ, ଟୁନା ଲେଙ୍କା, ଓମ ପ୍ରକାଶ ମଲ୍ଲିକ, ପ୍ରଶାନ୍ତ ପଲେଇ, ସିପୁନଙ୍କ ସମେତ ଅନ୍ୟମାନେ ପହଞ୍ଚିଥିଲେ। ଡାକ୍ତର କର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବା ସହିତ ପ୍ରାଥମିକ ଚିକିତ୍ସା କରାଇଥିଲେ। ମିଶନ ମିନା ମାଉସୀ ନାମରେ ଏହାକୁ ଗ୍ରହଣ କରି ପରବର୍ତ୍ତୀ ସମୟରେ ନିୟମିତ ଭାବେ ତାଙ୍କର ଚିକିତ୍ସା କରି ସମ୍ପୂର୍ଣ୍ଣ ସୁସ୍ଥ ପାଇଁ ପ୍ରୟାସ କରିବା ଏବଂ ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଡାକ୍ତର ଶ୍ରୀ କର କହିଛନ୍ତି।

**● ନିଶ୍ଚନ୍ତା ଜଙ୍ଗଲରେ ବେଆଇନ ପଥର ଖନନ**

## ଏନ୍‌ଜିଟିଙ୍କ କଡ଼ା ଆଭିମୁଖ୍ୟ

ଯାଜପୁର, ୨୦।୯ (ସମିସ): ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ସୀମାନ୍ତ ନିଶ୍ଚନ୍ତା ଜଙ୍ଗଲରେ ଚାଲିଥିବା ବେଆଇନ ପଥର ଖନନ ଓ ବ୍ୟାପକ କ୍ରସର ଚାଲିବା ଘଟଣାରେ ଗ୍ରୀନ ଟ୍ରିବ୍ୟୁନାଲ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ୟୁଥ ୟୁନାଇଟେଡ ଫର୍ ସଷ୍ଟେନେବଲ ଏନଭାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ସରକାର ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ପକ୍ଷ ଭୁକ୍ତ କରାଯାଇ ଏନଜିଟିରେ ଆବେଦନ କରାଯାଇଥିଲା। ଉକ୍ତ ଅଞ୍ଚଳରେ ବ୍ୟାପକ ପରିମାଣରେ ଖଣି ଖନନ ଓ କ୍ରସର ଚାଲିବା ଫଳରେ ସ୍ଥାନୀୟ ଲୋକେ ନାନା ପରିବେଶ ପ୍ରଦୂଷଣର ସମ୍ମୁଖିନ ହେଉଛନ୍ତି ଏବଂ ଚୋରା ଚାଲାଣ ଯୋଗୁଁ ସରକାର ମଧ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ କରିଥିଲେ। ଏନଜିଟି ଏହି ମାମଲାର ଶୁଣାଣି କରି ସେଠାରେ ଥିବା

**ଖନନ ଓ କ୍ରସର ବନ୍ଦ କରିବାକୁ ନିର୍ଦ୍ଦେଶ**

ପିଆରଏମଏମ କ୍ରସର, ମା' ଚଣ୍ଡୀ ଷ୍ଟୋନ କ୍ରସର, ଅରୁଣୀ ଷ୍ଟୋନ କ୍ରସର ଏବଂ ଶ୍ରୀସାଇ ଷ୍ଟୋନ କ୍ରସରର କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରିବ୍ୟୁନାଲଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଅଞ୍ଚଳରେ କୌଣସି ପ୍ରକାରର ପଥର ଖନନ କିମ୍ବା କ୍ରସର ଚାଲିପାରିବ ନାହିଁ ବୋଲି କଡା ରାୟ ଶୁଣାଇଛନ୍ତି। ଏଥିସହିତ ଢେଙ୍କାନାଳ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ସେହି ଅଞ୍ଚଳରେ କୌଣସି କ୍ରସର କିମ୍ବା ମାଇନିଂ କାର୍ଯ୍ୟ ଯେପରି ନହୁଏ, ତାହା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଓରସାକ୍‌ର ରିପୋର୍ଟ ସାହାଯ୍ୟରେ ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା ଖଣିଜ ପଦାର୍ଥର ପରିମାଣ ଆକଳନ କରିବାକୁ ଏବଂ ଉଲ୍ଲଙ୍ଘନକାରୀଙ୍କ ଉପରେ ଉପଯୁକ୍ତ ପରିବେଶ କ୍ଷତିପୂରଣ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୫ ସେପ୍ଟେମ୍ବର, ୨୦୨୬କୁ ଧାର୍ଯ୍ୟ କରାଯାଇଛି।

## ଜୁଣେଇ ନାଳରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ବିଞ୍ଝାରପୁର, ୨୦।୯ (ସମିସ): ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅଧୀନ ଆଉଁରୀ ପଞ୍ଚାୟତ ବଡ଼ଭଦ୍ରପୁର ଗ୍ରାମର ଜଣେ ଛାତ୍ର ଜୁଣେଇ ନାଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ହେଲେ ନିତ୍ୟାନନ୍ଦ ଦଳାଇଙ୍କ ପୁଅ ପ୍ରିୟବ୍ରତ ଦଳାଇ (୧୧)। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ପ୍ରିୟବ୍ରତ ଘର ନିକଟ ଦେଇ ପ୍ରବାହିତ ଜୁଣେଇ ନାଳରେ ଗାଧୋଉଥିଲେ। ଏହି ସମୟରେ ଅସାବଧାନତାବଶତଃ ସେ ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଖୋଜି ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରିୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପ୍ରିୟବ୍ରତଙ୍କ ଜେଜେବାପା ରଘୁନାଥ ଦଳାଇ ଅଳକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ମୃତଦେହର ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରିୟବ୍ରତ ଆଉଁରୀସ୍ଥିତ ଗୋବିନ୍ଦଚନ୍ଦ୍ର ହାଇସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିଲେ ବୋଲି ଜଣାପଡ଼ିଛି। ତାଙ୍କ ଅକାଳ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବରୀରେ ସରକାରୀ କରତ କଳ ନିର୍ମାଣ ପାଇଁ ଦାବି

ବରୀ, ୨୦।୯ (ସମିସ): ବରୀ ବ୍ଲକରେ ଏକ ସରକାରୀ କରତ କଳ ନିର୍ମାଣ ପାଇଁ ଦାବି ହୋଇଛି। ବରୀ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷ ରହିଛି। କିଛି ବ୍ୟକ୍ତି ନିଜ ବାଡ଼ିରେ ଆମ୍ବ, ପଣସ, ଆକାଶି, ସାଗୁଆନ ପ୍ରଭୃତି ଗଛ ଲଗାଇଛନ୍ତି। ହେଲେ ଏହି ଗଛ ଭାଙ୍ଗିଲେ କିମ୍ବା ପୁରୁଣା ହେଲେ ତାକୁ ଚିରାଇ ବ୍ୟବହାର କରିବାର ସୁଯୋଗ ପାଉନାହାଁନ୍ତି। ନିଜ ବାଡ଼ିରେ ଥିବା ଏହି ଗଛକୁ କାଟି ପଟା କିମ୍ବା ବନ୍ଧ ତିଆରି କରି ନିଜ ଘରେ ଲଗାଇ ପାରୁନାହାନ୍ତି। ବରୀ ବ୍ଲକରେ କରତ କଳ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ବରୀ ବ୍ଲକରେ ୩/୪ଟି କରତ କଳ ଥିବା ବେଳେ ବନ ବିଭାଗ ପକ୍ଷରୁ ଏହାକୁ ବନ୍ଦ କରାଯାଇଛି। ଫଳରେ ଲୋକମାନେ ପଟା ଖଣ୍ଡେ ପାଇଁ ମଧ ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ଦିନକୁ ଦିନ କାଠର ମୂଲ୍ୟ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକମାନେ ଘର କଲେ କାଠ କିଣିବା କଷ୍ଟକର ବ୍ୟାପାର ହୋଇଯାଉଛି। ଜାରକାଠାରେ ସରକାରୀ କରତ କଳ ଥିବବେଳେ ସେଠାକୁ ଯାଇ କାଠ ଚିରାଇବା ମଧ ସମ୍ଭବ ନୁହେଁ। ତେଣୁ ବରୀ ବ୍ଲକରେ ଏକ ସରକାରୀ କରତ କଳ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ନିଶା ମୁକ୍ତ ଯୁବ ଅଭିଯାନ




ଯାଜପୁର, ୨୦।୯ (ସମିସ): ମେରା ଯୁବା ଭାରତ ଯାଜପୁର ପକ୍ଷରୁ ୧୦୦ ସପ୍ତାହିଆ 'ନଶା ମୁକ୍ତ ଯୁବା ଅଭିଯାନର ଅଂଶ ଭାବେ ପିଏମ୍‌ଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡରାଠାରେ 'ନଶା ମୁକ୍ତ ଯୁବା ଫର୍ ବିକଶିତ ଭାରତ' ଅଭିଯାନ ଅଧୀନରେ ଏକ ରାଷ୍ଟ୍ରୀୟ ସଙ୍କଳ୍ପ ସମାରୋହ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବମାନଙ୍କ ମଧ୍ୟରେ ନିଶାଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ସୁସ୍ଥ, ଦାୟିତ୍ୱଶୀଳ ଏବଂ ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏକ ଯୁବ ସଙ୍କଳ୍ପ ଓ ସ୍ୱାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀ ଓ ଯୁବ ସ୍ୱେଚ୍ଛାସେବୀମାନେ ସମସ୍ତ ପ୍ରକାରର ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଏବଂ ନିଶାଦ୍ରବ୍ୟ ସେବନ ବିରୋଧରେ ସଚେତନତା ପ୍ରସାର କରିବା ପାଇଁ ସଙ୍କଳ୍ପ ନେଇଥିଲେ।

## ଚୋରା ମଦ କାରବାରକୁ ଗ୍ରାମବାସୀଙ୍କ ବିରୋଧ

ଯାଜପୁର, ୨୦।୯ (ସମିସ): ବେଆଇନ ମଦ କାରବାର ନେଇ ପୁଲିସର ନିଷ୍କ୍ରିୟତାର ପ୍ରତିବାଦରେ ଅଣ୍ଟା ଭିଡ଼ିଲେ ମହିଳା। ବେଆଇନ ମଦ ଦୋକାନ ସମ୍ମୁଖରେ ହଟ୍ଟଗୋଳ କରି ମହିଳାଙ୍କ ଅଭିନବ ପ୍ରତିବାଦ। ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦୋକାନ ଗୃହ ଓ ଜେନାସାହିରେ ଥିବା ଜନୈକ ବ୍ୟକ୍ତିଙ୍କ ଘରେ ଦୀର୍ଘ ଦିନ ହେବ ବେଆଇନ ମଦ ବିକ୍ରି ହୋଇ ଆସୁଛି। ଗାଁରେ ମଦ ପିଇ ଲୋକ ମାନେ ଏକ ଅଶାନ୍ତିର ପରିବେଶ ସୃଷ୍ଟି କରିବା ସହ ଘରେ ମହିଳାଙ୍କ ଉପରେ ଅତ୍ୟାଚାର କରୁଥିଲେ। ଯାହାକୁ ନେଇ ବହୁବାର ପୁଲିସକୁ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଆଜି ଗ୍ରାମର ମହିଳା ମହାସଂଘର ମହିଳାମାନେ ଏକତ୍ରିତ ହୋଇ ବେଆଇନ ମଦ ବିକ୍ରି ହେଉଥିବା ସ୍ଥାନରେ ହୋହଲା କରିବା ସହ ସମ୍ପୃକ୍ତ ଦୋକାନୀ ମାନଙ୍କୁ ମଦ ବିକ୍ରି ନ କରିବାକୁ ଚେତାବନୀ ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ ପହଞ୍ଚି ମଦ ବ୍ୟବସାୟୀଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ ଟେନିକୋଏଟ ପ୍ରତିଯୋଗିତା




ବଡ଼ଚଣା, ୨୦।୯ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ସ୍ଥିତ ପାଇକରାପୁର ମିନି ଷ୍ଟାଡିୟମ ଠାରେ ଦୁଇ ଦିନ ଧରି ୩୮ତମ ରାଜ୍ୟସ୍ତରୀୟ ଟେନିକୋଏଟ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୨ଟି ଜିଲ୍ଲାର ଉଭୟ ବ୍ଲକ ଓ ବାଳିକା ବିଭାଗରେ ୧୬୦ଜଣ ପ୍ରତିଯୋଗୀ ନେଇଛନ୍ତି। ୪୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ୧୦ ଜଣ ପରିଚାଳକ ମଧ ଅଂଶଗ୍ରହଣ କରିଛନ୍ତି। ସେମି ଫାଇନାଲରେ କଟକ ଯାଜପୁର ଓ ଭଦ୍ରକ ଟିମ୍ ଖେଳିଥିବା ବେଳେ ଫାଇନାଲରେ ସୁନ୍ଦର୍‌ଗଡ଼ ୨.୦ ଗୋଲରେ ଭଦ୍ରକକୁ ହରାଇ ଚାମ୍ପିଅନ ହୋଇଛି। ପୁରୁଷ ଦଳରେ ସୁନ୍ଦରଗଡ଼ରୁ ଧନଞ୍ଜୟ ଭାସିଆ ଚାମ୍ପିଅନ ହୋଇଥିବା ବେଳେ ଭଦ୍ରକ ଦଳରୁ ଦିବ୍ୟାଂଶୁ ସିଂ ରନର୍ସଅପ ହୋଇଥିଲେ। ସେହିପରି ବାଳିକା ଦଳରେ ଯାଜପୁର ଦଳରୁ କୁମାରୀ ରୁବି ରାଉତ ଚାମ୍ପିଅନ ହୋଇଥିବା ବେଳେ କଟକ ଟିମ୍‌ରୁ ରାଜଶ୍ରୀ ନାୟକ ରନର୍ସଅପ୍ ହୋଇ ବିଜୟ ଲାଭ କରିଥିଲେ।

ଉଦଯାପନୀ ଦିବସରେ ରାଜ୍ୟ ଟେନିକୋଏଟ ଆସୋସିଏସନର ସାଧାରଣ ସମ୍ପାଦକ ଏସ୍‌କେ ସିହ୍ନା, ଛତିଆ ବରିଷ୍ଠ ନାଗରିକ ମଞ୍ଚ ସଭାପତି ମାଧବାନନ୍ଦ ମହାପାତ୍ର ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସୋଲର ସରପଞ୍ଚ, ସମିତିସଭ୍ୟ ସଞ୍ଜୟ ବେହେରା, ଚେୟାରମ୍ୟାନ ଗୋଲକ ଚନ୍ଦ୍ର ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଦାଶ, ଯୁଗ୍ମ ସମ୍ପାଦକ ଅସିତ କୁମାର ନାୟକ, କୋଷାଧକ୍ଷ ପ୍ରତାପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ କୁମାର ସିନ୍ହା ଧନ୍ୟବାଦ ଅର୍ପଣ କରିଥିଲେ। ବିଶେଷ କରି ଯାଜପୁର ଜିଲ୍ଲାର ଛତିଆ ଠାରେ ବିଭିନ୍ନ ଜାତୀୟ ସ୍ତରର ଖେଳ ଯଥା- ହ୍ୟାଣ୍ଡବଲ୍, ଫୁଟ୍‌ବଲ୍, ବ୍ୟାଡମିଣ୍ଟନ୍, ଟେନିକୋଏଟ୍ ଆଦି ପ୍ରମୁଖ ଖେଳର ହବ୍ ପାଲଟିଥିବା ବେଳେ ଷ୍ଟାଡିୟମ୍ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ନୈରାଶ୍ୟ ଜନକ ହୋଇପଡ଼ିଛି। ଖେଳ ଭିତ୍ତଭୂମିର ଉନ୍ନତି କରଣ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଜ୍ଞାନ ଆଲୋଚନାଚକ୍ର ପ୍ରତିଯୋଗିତା

ଯାଜପୁର, ୨୦।୯ (ସମିସ)




ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ଦ୍ୱାରା ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ପ୍ରତିଯୋଗିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡିଏଭି ଯାଜପୁରର ଅଧକ୍ଷ ଦେବବ୍ରତ ପ୍ରଧାନ, କ୍ରାନିୟମ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଭୁପ୍ରସାଦ ସାହୁ ବିଶିଷ୍ଟ ଅତିଥି ତଥା ବିଚାରକ ରୂପେ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୦ଟି ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। 'ଭାରତର ଶକ୍ତି ସମ୍ପଦ-୨୦୪୭: ସମ୍ଭାବନା ଓ ଆହ୍ୱାନ' ବିଷୟ ବସ୍ତୁ ଉପରେ ପ୍ରତଯୋଗୀମାନେ ପିପିଟି ମାଧ୍ୟମରେ ବିଚରକଙ୍କ ନିକଟରେ ଉପସ୍ଥାପନା କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜାମଧରର ଛାତ୍ର ଦେବୀପ୍ରସାଦ ନାୟକ ପ୍ରଥମ ସ୍ଥାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରସୁଲପୁରର ଛାତ୍ରୀ ବିଜେ ସମ୍ପୂର୍ଣ୍ଣା ଦ୍ୱତୀୟ ସ୍ଥାନ ଓ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶୀର୍ବାଦ ନାଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ଯାଜପୁର ବ୍ଲକ ବିଜ୍ଞାନ ସଂଯୋଜକ ଶିବବ୍ରତ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଦଶରଥପୁରର ବ୍ଲକ ବିଜ୍ଞାନ ସଂଯୋଜକ ସତ୍ୟବ୍ରତ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ଧଳ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟର ଛାତ୍ର ଦେବୀପ୍ରସାଦ ନାୟକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ମନୋନୀତ ହୋଇଥିଲେ।

## ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା




ଯାଜପୁର ଟାଉନ, ୨୦।୯ (ସମିସ): ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ନବମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର ଅଧକ୍ଷ ଡା. ରାଜକିଶୋର ପଣ୍ଡାଙ୍କ ଅଧକ୍ଷତାରେ ଯାଜପୁର ଟାଉନସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ 'ଭାରତରେ ଜନବିସ୍ଫୋରଣକୁ ରୋକିବା ସମ୍ଭବ କି?' ଶୀର୍ଷକ ବିଷୟ ଉପରେ ନିଜ ନିଜର ମତାମତ ଓ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ପଦ୍ମାକର ଗୁରୁ, ହରିଶ୍ଚନ୍ଦ୍ର ପଣ୍ଡା ଓ ଡା. ରାଜକିଶୋର ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ଶେଷରେ ନିତ୍ୟାନନ୍ଦ ମିଶ୍ର, ସମାଜସେବୀ ସତ୍ୟରଞ୍ଜନ କର, କୁମାର ସେନ ସେନାପତି, ବାନେଶ୍ୱର ତ୍ରିପାଠୀ ଓ ମାନସ ଧଳ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଓ ବିସ୍ତୃତ ଆଲୋଚନା ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରାଧନ ଶିକ୍ଷୟତ୍ରୀ ଓ ସମସ୍ତ ଶିକ୍ଷକବୃନ୍ଦ ସହଯୋଗ କରି ଥିଲେ। ରମେଶ ଚନ୍ଦ୍ର ମହାରଣା, ଦୁର୍ଗାଚରଣ ସେଠୀ ଓ ପ୍ରଶାନ୍ତ ସାମନ୍ତ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଇତିଶ୍ରୀ ଜେନା ପ୍ରଥମ, ନନ୍ଦିନୀ ନାୟକ ଦ୍ୱିତୀୟ, ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା ତୃତୀୟ, ଅଭିପ୍ସା ଷଡ଼ଙ୍ଗୀ ଚତୁର୍ଥ ଏବଂ ସତ୍ୟରଞ୍ଜନ ଓଝା ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ସକାଳ
THE SAKALA



# ସମ୍ପାଦକୀୟ



ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

## ଆତଙ୍କବାଦ ଓ ବିଶ୍ୱଶାନ୍ତି

ସମଗ୍ର ବିଶ୍ୱକୁ ଆତଙ୍କବାଦ ରପ୍ତାନୀ କରୁଥିବା ପାକିସ୍ତାନରେ ଗତ କିଛିଦିନ ଧରି ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଶୀତଳ ଯୁଦ୍ଧ ସମୟରେ ରୁଷ୍ ବିରୋଧରେ ଆମେରିକା ଆଫ୍‌ଗାନିସ୍ତାନ ମାଟିରେ ଗଢ଼ିଥିବା ତାଲିବାନ୍ ଦ୍ୱାରା ହିଁ ପରବର୍ତ୍ତୀ ସମୟରେ ଆକ୍ରମଣର ଶିକାର ହୋଇଥିଲା। ଏଭଳି ଦୃଷ୍ଟାନ୍ତ ବହୁଳ। ତେଣୁ ପାକିସ୍ତାନ ପରାଭବ ଭୋଗିବା ନିଶ୍ଚିତ ଥିଲା। ଦିନେ ନା ଦିନେ ନିଜ ଦ୍ୱାରା ସୃଷ୍ଟ ଆତଙ୍କବାଦୀଙ୍କ ଦ୍ୱାରା ହିଁ ପାକିସ୍ତାନ ନିଜ ସତ୍ତା ହରାଇବ।

ଅଧିକନ୍ତୁ ଆତଙ୍କବାଦୀ କାର୍ଯ୍ୟକଳାପ କେବଳ ଭାରତ, ପାକିସ୍ତାନ କିମ୍ବା ଆଫ୍‌ଗାନିସ୍ତାନର ମୁଖ୍ୟ ସମସ୍ୟା ନୁହେଁ; ଏହା ସମଗ୍ର ବିଶ୍ୱଶାନ୍ତି ପାଇଁ ବିପଦ। ଆଧୁନିକ ବିଶ୍ୱରେ ଶାନ୍ତି ଓ ମାନବ ସୁରକ୍ଷାରେ ଆତଙ୍କବାଦ ସବୁଠାରୁ ବଡ଼ ଆହ୍ୱାନ। ଏହା ହିଂସା ଓ ଭୟ ମାଧ୍ୟମରେ ରାଜନୈତିକ, ଆଦର୍ଶଗତ କିମ୍ବା ଅନ୍ୟାନ୍ୟ ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କରେ। କିନ୍ତୁ ଏହାର ପରିଣାମ ସାଂଘାତିକ ହୁଏ ଏବଂ ଲକ୍ଷ୍ୟ ସୁଦୂର ପରାହତ ହୁଏ। ଆଇଏସ୍‌ଆଇଏସ୍, ହୁତି, ହମାସ୍, ଅଲ୍‌କାଏଦା, ତାଲିବାନ୍, ହେଜବୋଲ୍ଲା, ଏଲ୍‌ଟିଟିଓ ଆଦି ଏହାର କେତୋଟି ଉଦାହରଣ। ଆତଙ୍କବାଦକୁ ରାଜନୀତି ଓ କୂଟନୀତି ଜନ୍ମ ଦେଉଥିଲେ ହେଁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ସାଧାରଣ ନିରୀହ ନାଗରିକ, ସରକାରୀ ପ୍ରତିଷ୍ଠାନ, ଅର୍ଥନୀତି ଓ ସମ୍ପ୍ରଦାୟ। ଆତଙ୍କବାଦର ସବୁଠାରୁ ବିଚଳିତକାରୀ ବୈଶିଷ୍ଟ୍ୟ ହେଉଛି ଆଲୋଚନା ଓ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ। ନାଗରିକମାନଙ୍କୁ ଭୟଭୀତ କରି ଆତଙ୍କବାଦୀ ସଂଗଠନଗୁଡ଼ିକ ରାଷ୍ଟ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରନ୍ତି ଏବଂ ସାମାଜିକ ବିଭାଜନକୁ ଆହୁରି ତୀବ୍ର କରିବାକୁ ଚେଷ୍ଟା କରନ୍ତି। ତେଣୁ ଆତଙ୍କବାଦୀ ହିଂସାରେ ବଳି ପଡ଼ିଥିବା ପ୍ରତିଟି ନିର୍ଦ୍ଦୋଷ ଜୀବନ ସାମଗ୍ରିକ ଭାବେ ସମ୍ପ୍ରଦାୟ, ପରିବାର ଓ ସର୍ବୋପରି ସମାଜର କ୍ଷତି ବୋଲି ବିବେଚନା କରିବାକୁ ହେବ।

ଅଧୁନା ଆତଙ୍କବାଦର ସ୍ୱଭାବ ବଦଳିବାରେ ଲାଗିଛି। ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ହିଂସାତ୍ମକ କାର୍ଯ୍ୟକଳାପ ଓ ରକ୍ତପାତ ବଦଳରେ ଆଧୁନିକ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ ପ୍ରଚାର ଓ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି। ଆର୍ଥିକ ନେଟୱାର୍କଗୁଡ଼ିକୁ ଦୁର୍ବଳ କରି ସାମାଜିକ ସଂହତି ଓ ଏକତା ବ୍ୟାହତ କରିବା ଏହାର ମୂଳ ଲକ୍ଷ୍ୟ। ଏହିଭଳି ଆତଙ୍କବାଦୀ କାର୍ଯ୍ୟକଳାପର ପ୍ରତିରୋଧ ଅଧିକ କଷ୍ଟକର ବ୍ୟାପାର। ସରକାରୀ କଳ, ସୁରକ୍ଷା ସଂସ୍ଥାନ, ଆର୍ଥିକ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଗଭୀର ସମନ୍ୱୟ ଓ ସହଯୋଗ ବିନା ଏହା ସମ୍ଭବ ନୁହେଁ। ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ଆଇନର ଶାସନରେ ଦୃଢ଼ ଭାବରେ ପ୍ରତିଫଳିତ ହେବା ଉଚିତ। ତେଣୁ ଅନ୍ତର୍ଜାତୀୟ ସହଯୋଗ ଅପରିହାର୍ଯ୍ୟ, ଯାହା ଉପରେ ଭାରତରେ ସଦ୍ୟସମାପ୍ତ ବ୍ରିକ୍ସ ଶିଖର ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଆତଙ୍କବାଦର କୌଣସି ଧର୍ମ, ସମ୍ପ୍ରଦାୟ, ସୀମା ଓ ସାର୍ବଭୌମତ୍ୱ କିମ୍ବା ଆଦର୍ଶ ନାହିଁ। ତେଣୁ ନିରାପତ୍ତା ସହିତ ଆନ୍ତର୍ଜାତିକ ପ୍ରତିରୋଧ ଜରୁରୀ। ନାଗରିକ ସମାଜ ମଧ୍ୟ ଘୃଣା ଓ ଭୁଲ ସୂଚନାକୁ ଦୃଢ଼ ବିରୋଧ କରିବାକୁ ପଡ଼ିବ।

ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟା, ଆନ୍ତର୍ଜାତିକ ସୀମାରେଖା, ଆକାର, ବିବିଧତା ଓ ଜଟିଳ ସୁରକ୍ଷା ପରିବେଶ ଦୃଷ୍ଟିରୁ ଭାରତ ପାଇଁ ଆତଙ୍କବାଦ ବିରୋଧୀ ଆହ୍ୱାନ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସତର୍କ ସୂଚନା ଏବଂ ସାମାଜିକ ସଂହତି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିପାରିବ। ଯଦି ସମାଜ ବିଭାଜିତ ହୁଏ ଏବଂ ସମ୍ପ୍ରଦାୟ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତି ତେବେ ଆତଙ୍କବାଦର ପରିସର ବୃଦ୍ଧି ପାଏ। ତେଣୁ ଜାତୀୟ ଏକତାକୁ ଜାତୀୟ ସୁରକ୍ଷା ସହିତ ସାମାଜିକ ଆଦର୍ଶ ରୂପେ ଗ୍ରହଣ କରିବା ଆବଶ୍ୟକ। ଅନ୍ତର୍ଜାତୀୟ କୂଟନୀତି ମଧ୍ୟ ଆତଙ୍କବାଦ ବିରୋଧରେ ଦୋମୁହାଁ ନୀତିକୁ ପରିହାର କରି ସହଯୋଗ ଓ ସମନ୍ୱୟ ବୃଦ୍ଧି କରିବା ଜରୁରୀ। ନାଗରିକଙ୍କ ସୁରକ୍ଷା ସହିତ ଅନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ ଓ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ଆନ୍ତର୍ଜାତିକ ଓ ସାର୍ବଜନୀନ ନୀତି ଭାବେ ଗୃହୀତ ହେବା ଆଜିର ଦିନର ଅପରିହାର୍ଯ୍ୟ ଆବଶ୍ୟକତା। ବେରୋଜଗାରୀ, ବୁଭୁକ୍ଷା ଓ ନିଶା କାରବାର ବୃଦ୍ଧି ମଧ୍ୟ ଆତଙ୍କବାଦର ଆଉ କେତେକ କାରକ। ତେଣୁ ଶିକ୍ଷା, ନିଯୁକ୍ତି ସୁଯୋଗ ବୃଦ୍ଧି, ସାମାଜିକ ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଆତଙ୍କବାଦର ବିଲୋପ ସାଧନ ସମ୍ଭବ।

ସମଗ୍ର ବିଶ୍ୱରେ ମଧ୍ୟପ୍ରାଚ୍ୟରେ ଆତଙ୍କବାଦର ପ୍ରାବଲ୍ୟ ପଛର କାରଣ ତର୍ଜମା କଲାବେଳେ ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରଙ୍କ ସମର-ଅର୍ଥନୀତିର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ମଧ୍ୟପ୍ରାଚ୍ୟରେ ଯେଉଁଠି ମଧ୍ୟ ଯୁଦ୍ଧ ସଂଘଟିତ ହୋଇଛି ସେଥିରେ ଆମେରିକାର ସମ୍ପୃକ୍ତି ରହିଛି ଏବଂ ଯୁଦ୍ଧ ପୂର୍ବରୁ କିମ୍ବା ପରେ ସେଠାରେ ନୂଆ ଆତଙ୍କବାଦୀ ଗୋଷ୍ଠୀ ଜନ୍ମ ନେଇଛନ୍ତି। ଏହାଦ୍ୱାରା ଆମେରିକାର ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ସଂସ୍ଥାର କାରବାର ସମୃଦ୍ଧ ହେଉଛି ଏବଂ ଆମେରିକାର ରାଜକୋଷ ପୁଷ୍କଳ ହେଉଛି। ତେଣୁ ଆମେରିକା ବିରୋଧରେ ଅବଶିଷ୍ଟ ବିଶ୍ୱର ମିଳିତ ସଂଗରୋଧ ନୀତି ଆବଶ୍ୟକ। ●

## ପୁଲିସ-ଜନତା: ଭୟ ଓ ବିଶ୍ୱାସ

ଦେବଦତ୍ତ ଦାଶ

ଥାନା ନାଁ ଶୁଣିଲେ ଜଣେ ସାଧାରଣ ନାଗରିକଙ୍କ ମନରେ ଭୟ କାହିଁକି ଜନ୍ମ ନେବ? ପୁଲିସକୁ ଦେଖି ନିଜକୁ ଅସହାୟ ମନେ କରିବାର ପରିସ୍ଥିତି କାହିଁକି ସୃଷ୍ଟି ହେବ? ଯେଉଁ ସଂସ୍ଥାର ମୂଳ ଦାୟିତ୍ୱ ନାଗରିକଙ୍କୁ ସୁରକ୍ଷା, ନ୍ୟାୟ ଓ ଆଇନର ଆଶ୍ରୟ ଦେବା, ସେହି ସଂସ୍ଥା ପ୍ରତି ଯଦି ଭୟ ଓ ଅବିଶ୍ୱାସ ବଢ଼ିଥାଏ, ତେବେ ଏହା କେବଳ ପୁଲିସ ବିଭାଗର ପ୍ରଶ୍ନ ନୁହେଁ; ଗଣତନ୍ତ୍ରର ସ୍ୱାସ୍ଥ୍ୟ ସହ ଜଡ଼ିତ ଏକ ବଡ଼ ପ୍ରଶ୍ନ। ଅପରାଧୀଙ୍କ ମନରେ ଆଇନର ଭୟ ରହିବା ନିତାନ୍ତ ଆବଶ୍ୟକ। ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପୁଲିସର କଠୋରତା ମଧ୍ୟ ଆବଶ୍ୟକ। କିନ୍ତୁ ଆଇନର ଭୟ ଓ ପୁଲିସ୍‌ର ଭୟ ଗୋଟିଏ ଜିନିଷ ନୁହେଁ। ଅପରାଧୀ ଆଇନକୁ ଭୟ କରୁ, କିନ୍ତୁ ପୀଡ଼ିତ ନାଗରିକ ପୁଲିସ୍ ଉପରେ ଭରସା କରୁ - ଏହି ସନ୍ତୁଳନ ହିଁ ଏକ ସୁସ୍ଥ ପୁଲିସ୍ ବ୍ୟବସ୍ଥାର ପରିଚୟ।

ଔପନିବେଶିକ ମନୋଭାବରୁ ଜନମୈତ୍ରୀ ପୁଲିସିଂ ପର୍ଯ୍ୟନ୍ତ ଭାରତୀୟ ପୁଲିସ୍ ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି ଦେଖିଲେ ଏକ କଥା ସ୍ପଷ୍ଟ ଯେ ଔପନିବେଶିକ ସମୟରେ ପୁଲିସ୍‌ର ମୁଖ୍ୟ ଭୂମିକା ଥିଲା ଶାସନକୁ ସୁରକ୍ଷିତ ରଖିବା ଏବଂ ବିରୋଧକୁ ନିୟନ୍ତ୍ରଣ କରିବା। ସ୍ୱାଧୀନ ଭାରତରେ ସେହି ମନୋଭାବକୁ ବଦଳାଇ ପୁଲିସ୍‌କୁ ଜନସେବାର ଏକ ମୁଖ୍ୟ ସଂସ୍ଥାରେ ପରିଣତ କରିବାର ଆବଶ୍ୟକତା ରହିଛି। ଆଜି ପୁଲିସ୍ ହେଉଛି ରାଜ୍ୟର ଆଇନଗତ ଶକ୍ତିର ପ୍ରତୀକ। କିନ୍ତୁ ଶକ୍ତିର ମୂଲ୍ୟ ସେତେବେଳେ ବଢ଼େ, ଯେତେବେଳେ ତାହା ସହିତ ନ୍ୟାୟ, ନିରପେକ୍ଷତା ଓ ମାନବିକତା ଯୋଡ଼ିହୁଏ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଫୋନ୍ ଆସିଲେ ଯଦି ଆଚରଣ ବଦଳିଯାଏ, ଆଉ ଜଣେ ଗରିବ ନାଗରିକ ନିଜ ଅଭିଯୋଗ ନେଇ ବାରମ୍ବାର ଥାନା ଦୌଡ଼ନ୍ତି, ତେବେ ଲୋକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ ନୁହେଁ? ଏହି ପ୍ରଶ୍ନର ଉତ୍ତର କେବଳ ପୁଲିସ୍‌କୁ ନୁହେଁ, ସମଗ୍ର ବ୍ୟବସ୍ଥାକୁ ଦେବାକୁ ପଡ଼ିବ।

ଆଜି ଖାକିର ଶକ୍ତି ସହ କଥାର ଶକ୍ତି ମଧ୍ୟ ଦରକାର। ପୁଲିସ ପ୍ରଶିକ୍ଷଣରେ ଆଇନ, ତଦନ୍ତ, ଶାରୀରିକ କ୍ଷମତା ଓ ଆଇନଶୃଙ୍ଖଳା ରକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ, ଲୋକଙ୍କ କଥା ଶୁଣିବାର ଦକ୍ଷତା ମଧ୍ୟ ସେତିକି ଆବଶ୍ୟକ। ଜଣେ ଭୟଭୀତ ମହିଳାଙ୍କ ସହ କିପରି କଥା ହେବେ? ଜଣେ ଶିଶୁଙ୍କୁ କିପରି ଆଶ୍ୱାସନା ଦିଆଯିବ? କ୍ରୋଧିତ ନାଗରିକଙ୍କ ସହ କିପରି ଉତ୍ତେଜନା ନବଢ଼ାଇ ଆଲୋଚନା କରାଯିବ? ଜଣେ ପୀଡ଼ିତଙ୍କ ଅଭିଯୋଗକୁ କିପରି ସମ୍ମାନର ସହ ଶୁଣାଯିବ? - ଏସବୁ ମଧ୍ୟ ପୁଲିସିଂର ଅଂଶ। ଲାଠି ଓ ଆଇନର ଶକ୍ତି ଅପରାଧ ରୋକିପାରେ; କିନ୍ତୁ ଭରସା ଗଢ଼ିବା ପାଇଁ ଦରକାର ଶାଳୀନ ଭାଷା, ଧୈର୍ଯ୍ୟ, ସହାନୁଭୂତି ଓ ନିରପେକ୍ଷ ଆଚରଣ।

ଏଥିପାଇଁ ଥାନା ଭୟର ନୁହେଁ, ଭରସାର ସ୍ଥାନ ହେବା ଆବଶ୍ୟକ। ଥାନାକୁ ଆସୁଥିବା ଲୋକ ପ୍ରଥମେ ନିଜ ଅଭିଯୋଗ କହିବାର ସୁଯୋଗ ପାଆନ୍ତୁ। ତାଙ୍କ ଅଭିଯୋଗ ଛୋଟ କି ବଡ଼, ତାହା ପରବର୍ତ୍ତୀ ପ୍ରଶ୍ନ। ପ୍ରଥମ ପ୍ରଶ୍ନ ହେଉ ସେ କ'ଣ କହୁଛନ୍ତି? ପ୍ରତ୍ୟେକ ଥାନାରେ ଏକ ସୁସଂଗଠିତ 'ଜନସେବା ଓ ସହାୟତା ଡେସ୍କ' ରହିପାରେ। ଅଭିଯୋଗ ଗ୍ରହଣ, ରସିଦ ପ୍ରଦାନ, ମାମଲାର ପ୍ରାଥମିକ ପ୍ରକ୍ରିୟା ବୁଝାଇବା ଓ ଅଭିଯୋଗର ଅଗ୍ରଗତି ସମ୍ପର୍କରେ ସୂଚନା ଦେବା ଆଦି ବ୍ୟବସ୍ଥା ଲୋକଙ୍କ ଅନିଶ୍ଚିତତା ଅନେକ ମାତ୍ରାରେ କମାଇପାରିବ। ଏଭଳି ବ୍ୟବସ୍ଥା ହେବା ଆବଶ୍ୟକ, ଯେଉଁଥିରେ ଲୋକ କହିପାରିବେ 'ମୋ ଅଭିଯୋଗ ନମ୍ବର ଏହା, ଏହାର ଅଗ୍ରଗତି କ'ଣ?' ଏହି ପରିବର୍ତ୍ତନ ହିଁ 'ଦଲାଲି ସଂସ୍କୃତି'କୁ ଦୁର୍ବଳ କରିପାରିବ।

ପୁଲିସ ଯଦି ଅପରାଧ ଘଟିବା ପରେ କେବଳ ଘଟଣାସ୍ଥଳକୁ ପହଞ୍ଚେ, ତାହା 'ପ୍ରତିକ୍ରିୟାତ୍ମକପୁଲିସିଂ'। କିନ୍ତୁ ଅପରାଧ ଘଟିବା ପୂର୍ବରୁ ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ହେଉଛି ପ୍ରକୃତ 'ପ୍ରତିରୋଧମୂଳକପୁଲିସିଂ'। ପ୍ରତ୍ୟେକ ଗାଁ, ୱାର୍ଡ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳର ଜଣେ ବିଟ୍ ଅଫିସର ରହନ୍ତୁ। ଲୋକେ ତାଙ୍କୁ ନାମରେ ଚିହ୍ନନ୍ତୁ। ସେ ମଧ୍ୟ ଅଞ୍ଚଳର ସମସ୍ୟା, ସମ୍ବେଦନଶୀଳ ସ୍ଥାନ ଓ ଅସୁରକ୍ଷିତ ବର୍ଗକୁ ଜାଣନ୍ତୁ। ନିୟମିତ ପୁଲିସ୍-ଜନତା ବୈଠକ ହେଉ। ସରପଞ୍ଚ, ଶିକ୍ଷକ, ମହିଳା ପ୍ରତିନିଧି, ଯୁବକ, ବ୍ୟବସାୟୀ ଓ ବରିଷ୍ଠ ନାଗରିକଙ୍କ ମତ ଶୁଣାଯାଉ। କେଉଁ ରାସ୍ତା ରାତିରେ ଅସୁରକ୍ଷିତ? କେଉଁଠି ନିଶା କାରବାରର ଆଶଙ୍କା ଅଛି? ସ୍କୁଲ ନିକଟରେ ଛାତ୍ରୀମାନେ ହଇରାଣ ହେଉଛନ୍ତି? କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି? - ଏ ସବୁ ସୂଚନା ପୁଲିସ୍‌କୁ ଅପରାଧ ଘଟିବା ପୂର୍ବରୁ ପଦକ୍ଷେପ ନେବାରେ ସହାୟତା କରିପାରିବ। ସେହିପରି 'ଡିଜିଟାଲ୍‌ପୁଲିସିଂ'ର ଅର୍ଥ କେବଳ କ୍ୟାମେରା ଲଗାଇବା ନୁହେଁ। ପ୍ରଯୁକ୍ତିର ପ୍ରଥମ ଲକ୍ଷ୍ୟ ହେଉ ନାଗରିକଙ୍କ ପାଇଁ ପୁଲିସ୍ ସେବାକୁ ସରଳ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା। ଓଡ଼ିଆ ଭାଷାରେ ଅଭିଯୋଗ ପ୍ରକ୍ରିୟା ବୁଝାଇବା, ଅଭିଯୋଗର ସ୍ଥିତି ଜଣାଇବା, ଆବଶ୍ୟକ କାଗଜପତ୍ର ସମ୍ପର୍କରେ ସୂଚନା ଦେବା ଏବଂ ଆବଶ୍ୟକ ସେବା ପାଇଁ ସଠିକ୍ ସ୍ଥାନକୁ ପହଞ୍ଚାଇବା ଭଳି ବ୍ୟବସ୍ଥା ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ବିଶେଷ ଉପକାରୀ ହୋଇପାରେ। କିନ୍ତୁ ଏଆଇ ଏକ ସହାୟକ ହୋଇପାରେ, କିନ୍ତୁ ନ୍ୟାୟର ଶେଷ ନିର୍ଣ୍ଣୟକାରୀ ନୁହେଁ।

କାହାକୁ ଅପରାଧୀ ମନେ କରିବା, ଗିରଫ କରିବା କିମ୍ବା ତଦନ୍ତର ଦିଗ ନିର୍ଦ୍ଧାରଣ ପରି ସମ୍ବେଦନଶୀଳ ନିଷ୍ପତ୍ତିରେ ମାନବୀୟ ବିଚାର, ଆଇନଗତ ନିୟମ ଓ ଉତ୍ତରଦାୟିତ୍ୱ ଅପରିହାର୍ଯ୍ୟ। ପୁଲିସ ଯଦି ଆଇନ ଅନୁଯାୟୀ ନ ହୋଇ ପ୍ରଭାବଶାଳୀଙ୍କ ଚାପ ଅନୁଯାୟୀ କାମ କରେ, ତେବେ ଲୋକଙ୍କ ବିଶ୍ୱାସ ଭାଙ୍ଗିବା ନିଶ୍ଚିତ। ତେଣୁ ପୁଲିସ୍ ସୁଧାର କେବଳ ଥାନାର ବ୍ୟବହାର ପରିବର୍ତ୍ତନରେ ସୀମିତ ରହିଲେ ଚଳିବ ନାହିଁ। ନିଯୁକ୍ତି ଓ ବଦଳିରେ ପାରଦର୍ଶିତା, ନିଶ୍ଚିତ କାର୍ଯ୍ୟକାଳ ଏବଂ ପୁଲିସ୍ ବିରୋଧୀ ଅଭିଯୋଗର ନିରପେକ୍ଷ ତଦନ୍ତ ମଧ୍ୟ ଆବଶ୍ୟକ। ସୁପ୍ରିମକୋର୍ଟଙ୍କ ପ୍ରକାଶ ସିଂହ ମାମଲାରେ ପୁଲିସ୍ ସୁଧାର ସମ୍ପର୍କିତ ନିର୍ଦ୍ଦେଶ ଏହି ଦିଗରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପ୍ରଶ୍ନ ହେଉଛି ସେହି ସୁଧାରର ଆଧାରକୁ ଆମେ କେତେଦୂର ପ୍ରୟୋଗ କରିପାରିଛୁ?

ଗିରଫ ଓ ମାମଲା ସଂଖ୍ୟା ଆଦି ନିଶ୍ଚିତ ଭାବେ ପୁଲିସ୍ କାର୍ଯ୍ୟଦକ୍ଷତାର ଅଂଶ। କିନ୍ତୁ ଏହା ସହ ଆଉ କିଛି ପ୍ରଶ୍ନ ଯୋଡ଼ିବାର ସମୟ ଆସିଛି। କେତେ ଲୋକଙ୍କ ଅଭିଯୋଗ ସମୟରେ ଶୁଣାଗଲା? କେତେ ଅଭିଯୋଗକାରୀଙ୍କୁ ମାମଲାର ଅଗ୍ରଗତି ଜଣାଗଲା? ଥାନାକୁ ଆସିଥିବା ନାଗରିକ ନିଜକୁ ସମ୍ମାନିତ ମନେକଲେ କି? ଦୁର୍ବଳ ବର୍ଗର ଲୋକଙ୍କ ଅନୁଭୂତି କ'ଣ ଥିଲା? ପୁଲିସର ସଫଳତାର ଏକ ବଡ଼ ମାପକ ହେଉଛି ଲୋକଙ୍କ ବିଶ୍ୱାସ। ପ୍ରତ୍ୟେକ ଥାନାରେ ମାସକୁ ଥରେ 'ଥାନା ଓପନ୍ ଡେ' ହୋଇପାରେ। ଛାତ୍ରଛାତ୍ରୀ, ମହିଳା, ବରିଷ୍ଠ ନାଗରିକ, ବ୍ୟବସାୟୀ ଓ ସାଧାରଣ ଲୋକ ପୁଲିସ୍ ଅଧିକାରୀଙ୍କ ସହ ସିଧାସଳଖ କଥା ହୁଅନ୍ତୁ। ପିଲାମାନେ ଥାନାକୁ ଦେଖନ୍ତୁ। ପୁଲିସ୍ ସେମାନଙ୍କୁ ସାଇବର ସୁରକ୍ଷା, ରାସ୍ତା ସୁରକ୍ଷା ଓ ଆଇନ ସମ୍ପର୍କରେ ବୁଝାନ୍ତୁ। ଯେଉଁ ଥାନାକୁ ଦେଖି ପିଲା ଭୟ କରେ, ସେହି ଥାନାକୁ ଯଦି ସେ ଦିନେ ଏକ ସୁରକ୍ଷାର ସ୍ଥାନ ବୋଲି ଚିହ୍ନିବା ଆରମ୍ଭ କରେ, ତେବେ ଆସନ୍ତା ପିଢ଼ିର ପୁଲିସ୍-ଜନତା ସମ୍ପର୍କ ନିଶ୍ଚିତ ଭାବେ ବଦଳିବ।

ପୁଲିସର ଗରିମା ରହିବା ଦରକାର। କିନ୍ତୁ ଗରିମା ଗାଳି, ଲାଠି କିମ୍ବା ଭୟରୁ ଆସେ ନାହିଁ; ଏହା ଆସେ ଆଇନର ନିରପେକ୍ଷ ପ୍ରୟୋଗ, ସତ୍ୟନିଷ୍ଠା, ଶୃଙ୍ଖଳା, ଦକ୍ଷତା ଓ ମାନବୀୟ ବ୍ୟବହାରରୁ। ଅନ୍ୟପକ୍ଷରେ ନାଗରିକଙ୍କର ମଧ୍ୟ ଦାୟିତ୍ୱ ଅଛି। ଭୁଲ ସୂଚନା, ମିଥ୍ୟା ଅଭିଯୋଗ, ରାଜନୈତିକ ପ୍ରଭାବ କିମ୍ବା ଆଇନକୁ ନିଜ ସୁବିଧା ଅନୁଯାୟୀ ବ୍ୟବହାର କରିବାର ପ୍ରବୃତ୍ତିରୁ ସମାଜକୁ ଦୂରେଇବାକୁ ହେବ। କିନ୍ତୁ ରାଜ୍ୟର ଆଇନଗତ ଶକ୍ତି ଓ ଅଧିକାରର ଧାରକ ଭାବେ ପ୍ରଥମ ପଦକ୍ଷେପ ପୁଲିସ୍‌କୁ ହିଁ ନେବାକୁ ପଡ଼ିବ। ଥାନାର କବାଟ ଖୋଲା ରହୁ। ଅଭିଯୋଗର ରାସ୍ତା ସହଜ ହେଉ। ଦଲାଲଙ୍କ ଦ୍ୱାର ବନ୍ଦ ହେଉ। ରାଜନୈତିକ ଚାପରୁ ପୁଲିସ୍ ମୁକ୍ତ ହେଉ। ପ୍ରଯୁକ୍ତି ନାଗରିକଙ୍କ ସହାୟକ ହେଉ। ଆଉ ସବୁଠାରୁ ବଡ଼ କଥା - ଲୋକଙ୍କ କଥା ଶୁଣିବାର ସଂସ୍କୃତି ଗଢ଼ିଉଠୁ। କାରଣ ଏକ ସୁରକ୍ଷିତ ସମାଜର ପରିଚୟ କେବଳ ଅପରାଧ କମିବା ନୁହେଁ। ଜଣେ ସାଧାରଣ ନାଗରିକ ଯେତେବେଳେ ନିର୍ଭୟରେ ଥାନାକୁ ଯାଇ, ସମ୍ମାନର ସହ ନିଜ କଥା କହି ନ୍ୟାୟ ମାଗିପାରିବେ ସେତେବେଳେ ହିଁ ପ୍ରମାଣ ହେବ ପୁଲିସ୍ ଓ ଜନତା ମଧ୍ୟରେ ପ୍ରକୃତ ସେତୁ ତିଆରି ହୋଇଛି। ●

ବ୍ରହ୍ମପୁର(କେନ୍ଦ୍ରାପଡ଼ା)
ମୋ: ୯୯୩୭୨୨୭୯୯୪

## ୟୁପିଆଇ: ମାଗଣାରୁ ମହରଗ

ଅଶୋକ ପରିଡ଼ା




ଏବେ ବି ଭାରତରେ ଶତପ୍ରତିଶତ ସାକ୍ଷରତା ହାସଲ ହୋଇନାହିଁ। ପୂର୍ଣ୍ଣ ସାକ୍ଷରତା ହାସଲ କରିବା ପାଇଁ ଆହୁରି ଅନେକ ବାଟ ବାକି। ଏହିଭଳି ଏକ ସମୟରେ ଦେଶରେ ଡିଜିଟାଲ୍ ନେଣଦେଣର ଯୁଗ ଆରମ୍ଭ ହେଲା। ଭାରତରେ ୟୁପିଆଇକୁ ଅଗ୍ରାଧିକାର ଦିଆଗଲା। ୟୁପିଆଇ ଆରମ୍ଭ ହେବା ସମୟରେ ଅନେକ ଲୋକଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନଥିଲା। ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ, ବିଶେଷକରି ଅଳ୍ପଶିକ୍ଷିତ ଓ ନିରକ୍ଷର ଲୋକମାନେ ଡିଜିଟାଲ୍ ନେଣଦେଣ କରିପାରିବେ ଏହା ପ୍ରାୟତଃ ଅସମ୍ଭବ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ପଣ୍ଡିତ ଓ ରାଜନୈତିକ ବିଶ୍ଳେଷକମାନେ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ଭାରତ ସରକାର, ଆର୍.ବି.ଆଇ. (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ) ଏବଂ ଏନ୍.ପି.ସି.ଆଇ. (ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ)ଙ୍କ ପ୍ରୟାସ ଫଳରେ ଆଜି ୟୁପିଆଇ ଦେଶର ଘରେ ଘରେ ପହଞ୍ଚିପାରିଛି।

ଏହି ବ୍ୟବସ୍ଥା ଫଳରେ ଖୁଚୁରା ଟଙ୍କାର ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି। ଜଣେ କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଅତିସହଜରେ ଡିଜିଟାଲ୍ ମାଧ୍ୟମରେ ଟଙ୍କା ନେଣଦେଣ କରିପାରୁଛନ୍ତି। ଗ୍ରାହକମାନଙ୍କ ପାଇଁ ପେମେଣ୍ଟ କରିବା ଅତ୍ୟନ୍ତ ସହଜ ହୋଇଛି ଏବଂ କମ୍ ସମୟ ମଧ୍ୟରେ ବ୍ୟବସାୟୀ ଅଧିକ ଗ୍ରାହକଙ୍କୁ ସେବା ଦେଇପାରୁଛନ୍ତି। ବାରମ୍ବାର ବ୍ୟାଙ୍କକୁ ଦୌଡ଼ିବାର ଆବଶ୍ୟକତା କମିଛି। ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ମାଧ୍ୟମରେ ନିଜର ନେଣଦେଣର ହିସାବ ଜାଣିପାରିବା ସହିତ ନିଜ ଜମାରାଶିକୁ ବିଭିନ୍ନ ଆର୍ଥିକ ଲାଭଦାୟକ ସଂସ୍ଥାରେ ବିନିଯୋଗ କରିବାର ସୁଯୋଗ ମିଳୁଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଅର୍ଥନୀତିରେ ମଧ୍ୟ ଡିଜିଟାଲ୍ ନେଣଦେଣର ପ୍ରଭାବ ପଡ଼ିଛି। ଗାଁରେ ଥିବା ଚାଷୀଟିଏ ଦୂର ରାଜ୍ୟରେ ରହି ସହରର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପାଠପଢୁଥିବା ନିଜ ପିଲାମାନଙ୍କ ପାଖକୁ ସହଜରେ ୟୁପିଆଇ ଜରିଆରେ ପଇସା ପଠାଇ ପାରୁଛି।

ୟୁପିଆଇର ଏହି ବୃହତ୍ ଡିଜିଟାଲ୍ ପରିବର୍ତ୍ତନ ଭାରତର ଅର୍ଥନୀତିରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରିଛି। ଡିଜିଟାଲ୍ ନେଣଦେଣ ଫଳରେ ନଗଦ ଟଙ୍କା ଉପରେ ନିର୍ଭରଶୀଳତା ଅନେକ ପରିମାଣରେ କମିଛି। ଏହାସହିତ ନେଣଦେଣରେ ସ୍ୱଚ୍ଛତା ବୃଦ୍ଧି ପାଇବାର ସମ୍ଭାବନା ବଢ଼ିଛି। ସରକାରୀ ସହାୟତା ଓ ଅନ୍ୟାନ୍ୟ ଅର୍ଥ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ଡିଜିଟାଲ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଡିଜିଟାଲ୍ ନେଣଦେଣ ପାଇଁ ଆର୍.ବି.ଆଇ.ର ନୋଟ୍ ଛାପିବା ସଂଖ୍ୟା ବହୁ ପରିମାଣରେ କମିଛି। ଏହାଦ୍ୱାରା ଆର୍.ବି.ଆଇ.ର ବହୁ ପରିମାଣରେ ଖର୍ଚ୍ଚ କମିଛି; ଯାହାକି ପରୋକ୍ଷରେ ୟୁପିଆଇର ଦୃଢ଼ୀକରଣ ପାଇଁ ଖର୍ଚ୍ଚ କରାଯାଇପାରେ। ଏବେ ଅନ୍ୟ ଦେଶଗୁଡ଼ିକରେ ୟୁପିଆଇ ବ୍ୟବହାରର ସୁଯୋଗ ବଢୁଛି। ଏହା ଭାରତୀୟ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାର ଏକ ବଡ଼ ସଫଳତା ବୋଲି କୁହାଯାଇପାରେ।

ତେବେ ଏହି ସଫଳତା ସହିତ କିଛି ପ୍ରଶ୍ନ ଏବେ ଉଠୁଛି। ୟୁପିଆଇ ପରିଚାଳନା ଓ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ପାଇଁ ଯେଉଁ ଖର୍ଚ୍ଚ ହେଉଛି, ତାହାର ଭାର ଏବେ ଲୋକଙ୍କୁ ଉଠାଇବାକୁ ପଡ଼ିବ ବୋଲି ସରକାର କହିଛନ୍ତି। ଆଗକୁ ୟୁପିଆଇ ନେଣଦେଣ ଉପରେ ସରକାର ଚାର୍ଜ ବା ଟିକସ ଲାଗୁ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହାର ପ୍ରଭାବ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିବ ନାହିଁ କି? ଯେଉଁମାନେ କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି, ସେମାନେ ଜାଣନ୍ତି ଯେ କ୍ଷୁଦ୍ର ଦୋକାନୀମାନେ ଅନେକ ସମୟରେ କ୍ରେଡିଟ୍ କାର୍ଡରେ ପେମେଣ୍ଟ ନେବାକୁ ଅନିଚ୍ଛୁକ ଥାଆନ୍ତି, କାରଣ ତାହା ସହିତ ବ୍ୟବସାୟୀଙ୍କୁ ଅତିରିକ୍ତ ଚାର୍ଜ ବହନ କରିବାକୁ ପଡ଼ିଥାଏ। ସେହି କାରଣରୁ କେତେକ କ୍ଷେତ୍ରରେ ଏହାର ଭାର ଗ୍ରାହକଙ୍କ ଉପରେ ପଡ଼ିଥାଏ। ଯଦି ୟୁପିଆଇ ନେଣଦେଣ ଉପରେ ଅତିରିକ୍ତ ଚାର୍ଜ ଲାଗୁ ହୁଏ, ତେବେ ବ୍ୟବସାୟୀ ତାହାର ଭାର ଗ୍ରାହକଙ୍କ ଉପରେ ଲଦି ଦେବେ ନାହିଁ କି? ସରକାର ଯେତେ ପ୍ରତିଶ୍ରୁତି ଦେଲେ ମଧ୍ୟ ଶେଷରେ ଏହାର ପ୍ରଭାବ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି। ଦରଦାମ୍ ଆକାଶଛୁଆଁ ହୋଇଥିବା ସମୟରେ ଏପରି ଅତିରିକ୍ତ ଖର୍ଚ୍ଚ ସାଧାରଣ ଲୋକଙ୍କ ପାଇଁ ଆହୁରି ବୋଝ ହୋଇପାରେ।

ସରକାର ଯଦି ଲୋକଙ୍କ ହିତ ପାଇଁ ଏତେ କିଛି କରୁଛନ୍ତି, ତେବେ ପେଟ୍ରୋଲ ଓ ଡିଜେଲ୍‌କୁ କାହିଁକି ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଉନାହିଁ? ଏହି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ରହିଛି। ତେଣୁ ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବା ଭଳି ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ। ୟୁପିଆଇ ଭଳି ଏକ ଯୁଗାନ୍ତକାରୀ ଡିଜିଟାଲ୍ ବ୍ୟବସ୍ଥା ଭାରତର ଅର୍ଥନୀତିକୁ ଏକ ନୂଆ ଦିଗ ଦେଇଛି। ଏହାର ସଫଳତାକୁ ଆହୁରି ବ୍ୟାପକ କରିବା ପାଇଁ ସରକାରଙ୍କ ଦାୟିତ୍ୱ ହେଉଛି - ଡିଜିଟାଲ୍ ନେଣଦେଣକୁ ସରଳ, ସୁଲଭ ଓ ସାଧାରଣ ଲୋକଙ୍କ ପାଇଁ ଖର୍ଚ୍ଚମୁକ୍ତ ରଖିବା। ତେଣୁ ସରକାର ଲାଭଖୋର ମନୋଭାବ ଛାଡ଼ି ଡିଜିଟାଲ୍ ଭାରତର ଏହି ଯାତ୍ରାରେ ଜନସାଧାରଣଙ୍କ ହିତକୁ ପ୍ରାଥମିକତା ଦେବା ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୮ ୫୦୪୧୦୩

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ବରଗଛ
(Banyan Tree-Ficus benghalensis)

ପ୍ରକୃତି-ପରିବେଶ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ଗଛରେ ଫ୍ୟାଟି ଏସିଡ୍ ବା ଚର୍ବି କିମ୍ବା ସ୍ନେହସାର ଅମ୍ଳ ଏବଂ ଏହାର ଡେରିଭେଟିଭ୍ସ, ଫେନୋଲିକ୍ ଯୌଗିକ, ଫ୍ଲାଭୋନଏଡ୍ସ, ଷ୍ଟେରୋଲ୍ସ, ଟାନିନ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଟେର୍ପେନଏଡ୍ସ, ଶର୍କରା ଏବଂ ଏହାର ଡେରିଭେଟିଭ୍ସ, ପ୍ରୋଟିନ୍ ଏବଂ ଆମିନୋ ଏସିଡ୍ ସହିତ ଅନେକ ବିବିଧ ଯୌଗିକ ରସାୟନ ପ୍ରଚୁର ପରିମାଣରେ ରହିଛି ବୋଲି ରିପୋର୍ଟ କରାଯାଇଛି।

ଭାରତରେ ଏହି ଗଛକୁ ପବିତ୍ର ବୋଲି ବିବେଚନା କରାଯାଏ ଏବଂ ମନ୍ଦିରଗୁଡ଼ିକ ପ୍ରାୟତଃ ଏହି ବୃକ୍ଷ ପାଖରେ ନିର୍ମିତ ହୋଇଥାଏ। ହିନ୍ଦୁ ପୌରାଣିକ କାହାଣୀରେ 'ଇଚ୍ଛା ପୂରଣକାରୀ ବୃକ୍ଷ' ଭାବରେ ଜଣାଶୁଣା। ବଟବୃକ୍ଷ ବା କଳ୍ପବଟ ଅନନ୍ତ ଜୀବନକୁ ପ୍ରତିନିଧିତ୍ୱ କରେ। ଓଡ଼ିଶାର ପବିତ୍ର ତୀର୍ଥ ନଗରୀ ପୁରୀରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବା ପରେ ଏହାର ପବିତ୍ର ପରିସରରେ ପୂଜ୍ୟ ବୃକ୍ଷ 'କଳ୍ପବଟ' ଦେଖିବାକୁ ମିଳେ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଏହି ଗଛ ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କ ପ୍ରକାଶ; ସାଧୁ ଓ ପ୍ରଶାସକମାନେ ପ୍ରଭୁଙ୍କ ଆଶୀର୍ବାଦ ଏବଂ ସାନ୍ତ୍ୱନା ପାଇବା ପାଇଁ ଏଠାକୁ ଆସନ୍ତି। ଏକ ଲୋକପ୍ରିୟ କିମ୍ବଦନ୍ତୀରେ ଏହା ମଧ୍ୟ କୁହାଯାଇଛି ଯେ ଏହି ବୃକ୍ଷ ଦେବୀ ଦୁର୍ଗାଙ୍କ ବାସସ୍ଥାନ, ଯିଏ ମନ୍ଦିର ଏବଂ ଏହାର ଭକ୍ତମାନଙ୍କୁ ରକ୍ଷା କରନ୍ତି। ଏହି ଗଛକୁ ଦୀର୍ଘାୟୁର ପ୍ରତୀକ ଏବଂ 'ଜୀବନର ବୃକ୍ଷ' ଭାବରେ ମଧ୍ୟ ପୂଜା କରାଯାଏ। ଏହି ବୃକ୍ଷ ଭାରତରେ ହିନ୍ଦୁ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ପବିତ୍ର ଏବଂ ମନ୍ଦିର ଚାରିପାଖରେ ପ୍ରାୟତଃ ଲଗାଯାଏ। ଏକ ମହାନ ଆଳଙ୍କାରିକ ବୃକ୍ଷ ହୋଇଥିବାରୁ ଏହାକୁ ଉଷ୍ଣମଣ୍ଡଳୀୟ ଦେଶର ପାର୍କ ଏବଂ ରାସ୍ତା କଡ଼ରେ ମଧ୍ୟ ଲଗାଯାଏ। ସମଶୀତୋଷ୍ଣ ଜଳବାୟୁରେ ଏହାକୁ ଏକ ଘରୋଇ ଉଦ୍ଭିଦ ଭାବରେ ଚାଷ କରାଯାଏ। ବ୍ୟକ୍ତିଗତ ଘରେ ସାଜସଜ୍ଜା ପାଇଁ ବୋନସାଇ ଗଛ କୁଣ୍ଡରେ ବିକଶିତ କରାଯାଏ।

ବରଗଛ ବିହନ, ଡାଳ ଏବଂ ସ୍ତମ୍ଭ ମୂଳ ମାଧ୍ୟମରେ ସହଜରେ ବଂଶବୃଦ୍ଧି କରେ। ପକ୍ଷୀମାନେ ଫଳ ଖାଆନ୍ତି ଏବଂ ମଳ ତ୍ୟାଗ କରନ୍ତି ଯେଉଁଥିରେ ଅନେକ ମଞ୍ଜି ରହିଥାଏ। ପକ୍ଷୀମାନଙ୍କର ପାଚନ ପ୍ରଣାଳୀ ଦେଇ ଯାଇଥିବା ବିହନଗୁଡ଼ିକ ଗଜା ହେବା ଏବଂ ଦ୍ରୁତ ଗତିରେ ବଢ଼ିବାର ସମ୍ଭାବନା ଅଧିକ। ଗଛ ପାଖରେ ଭୂମିରେ ବିହନ ବଢ଼ିପାରେ, କେତେକ ସମୟରେ ବୀଜ ଗଣ୍ଡିର ଏକ ଖୋଳରେ କିମ୍ବା କାନ୍ଥ କିମ୍ବା ପଥରରେ ଅଙ୍କୁରିତ ହୁଏ। ସାଧାରଣ ପରିସ୍ଥିତିରେ, ଗଛ ଏପରି ସ୍ତର ପର୍ଯ୍ୟନ୍ତ ବଢ଼ିଥାଏ ଯେଉଁଠାରେ ଏହା ସର୍ବାଧିକ ସୂର୍ଯ୍ୟକିରଣ ପାଏ। ଭଲ ଭାବରେ ଜଳ ନିଷ୍କାସନ ହୋଇଥିବା ମାଟିରେ ଏହାର ରୋପଣ କରି, ଜୈବିକ ଖତ ବ୍ୟବହାର କରନ୍ତୁ ଏବଂ ନିୟମିତ ଭାବରେ ଏକ ସନ୍ତୁଳିତ ଜବକ୍ଷାରଜାନ -ଫସଫରସ୍-ପୋଟାସିୟମ (ଘଚକ) ସାର ସହିତ ଖାଦ୍ୟ ଦିଅନ୍ତୁ।



ମିଲିବଗ୍ସ, ସ୍କେଲ୍ କୀଟ, ସ୍ପାଇଡର ମାଇଟ୍ସ, ଏଫିଡ୍ସ, ଥ୍ରିପ୍ସ, କବକ ଆକ୍ରମଣ ଏହାର ଶତ୍ରୁ କୀଟ।(ସମାପ୍ତ) ●

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୁହାପଡ଼ା ଜଙ୍ଗଲରେ ମୃତ ହାତୀ ଠାବ

ଜଳେଶ୍ୱର ବ୍ଲକ, ୨୦।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଞ୍ଜ ଅନ୍ତର୍ଗତ ବରଡିହା ବନଖଣ୍ଡ ଅଧୀନସ୍ଥ ନୁହାପଡ଼ା ପିଆର୍‌ଏଫ୍ ଜଙ୍ଗଲରେ ପୁଣି ଏକ ହାତୀର ଗଳିତ ମୃତଦେହ ଠାବ କରାଯାଇଛି । ୧୧ମାସ ପୂର୍ବେ ଏକ ମାଈ ହାତୀ ପ୍ରସବ ଯନ୍ତ୍ରଣାରେ ଜର୍ଜରିତ ହୋଇ ଶ୍ୟାମନଗର ଗ୍ରାମ ପଞ୍ଚାୟତ ନିକଟରେ ମୃତ୍ୟୁବରଣ କରିଥିବା ବେଳେ ପୁଣି ଏକ ହାତୀ ନୁହାପଡ଼ା ପି.ଆର୍‌.ଏଫ୍ ଜଙ୍ଗଲରେ ମୃତ ଅବସ୍ଥାରେ ଠାବ ହେବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାଲେଶ୍ୱର ଡିଏଫ୍‌ଓ ଇନ୍ଦଲ କର ପ୍ରତୀକ ପ୍ରକାଶ ସୂଚନା ଦେଇଛନ୍ତି । ମୃତ ହାତୀକୁ ସେଠାରେ ଗାତ ଖୋଳି ପୋତି



ଦିଆଯାଇଛି । ଏହି ସମୟରେ ସେଠାରେ ଏସିଏଫ୍ ବାଲେଶ୍ୱର ୱାଇଲ୍ଡ ଲାଇଫ ଡିଭିଜନ ତଟିନୀ ସେଠୀ, ଏସିଏଫ୍ ଆର୍ ସି ସି ଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ, ଜଳେଶ୍ୱର ରେଞ୍ଜର ଶିଶିର କୁମାର ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ଲେଙ୍କା, ଭିଏଏସ ତ୍ରିଲୋଚନ ମହାପାତ୍ର, ଲାଇଫ ଷ୍ଟକ ଇନିସ୍ପେକ୍ଟର ଶତ୍ରୁଘ୍ନ ସିଂ, ଭିଏଏସ. ଏମ୍ ଭି ଭି ସତ୍ୟରଞ୍ଜନ ମହାପାତ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବାଲେଶ୍ୱର ଅଶ୍ୱନୀ କୁମାର ଦାସ, ବରଡିହା ବନଖଣ୍ଡ ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ, ଗାର୍ଡ ସୁଲୋଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ରାଇବଣିଆ ଅଞ୍ଚଳରେ ମାସେ ହେଲା ୧୯ ଟିକିଆ ହାତୀପଲ ରହିଆସୁଥିଲେ ମଧ୍ୟ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ପାଖରେ ସୂଚନା ନ ରହିବା ପରିବେଶ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଶିଶୁକନ୍ୟା ମୃତ୍ୟୁକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

**ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା**

**ଔଷଧ ଓ ମେଡିକାଲ୍ ସାମଗ୍ରୀ ପୋଡ଼ି**



ସାରସକଣା, ୨୦।୯ (ସମିସ): ସାରସକଣା ବ୍ଲକ ସାରସକଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ଶିଶୁକନ୍ୟା ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ସମଗ୍ର ହସ୍ପିଟାଲ ଏକପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା । ହସ୍ପିଟାଲରେ ଡାକ୍ତର ଅନୁପସ୍ଥିତ ଥିବା ଦେଖି କ୍ରୋଧିତ ସ୍ଥାନୀୟ ବାସିନ୍ଦା ଓ ମୃତକଙ୍କ ସମ୍ପର୍କୀୟ ପରିସର ଭିତରକୁ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି । କେବଳ ସେତିକି ନୁହେଁ, ଉତ୍ତ୍ୟକ୍ତ ଲୋକେ ଔଷଧ ଭଣ୍ଡାର ଓ ଚିକିତ୍ସା କକ୍ଷରୁ ମୂଲ୍ୟବାନ ଜୀବନ ରକ୍ଷାକାରୀ ଔଷଧ, ବ୍ୟାଣ୍ଡେଜ୍, ସାଲାଇନ୍ ସମେତ ବିଭିନ୍ନ ଅତ୍ୟାବଶ୍ୟକୀୟ ମେଡିକାଲ୍ ସାମଗ୍ରୀ ବାହାରକୁ ଆଣି ନିଆଁ ଲଗାଇ ଭସ୍ମୀଭୂତ କରିଦେଇଛନ୍ତି । ଚିକିତ୍ସାଳୟ ପରିସରରେ ନିଆଁ ଓ ଧୂଆଁର କଳା ବାଦଲ ସହ ପରିସ୍ଥିତି ଅଣଆୟତ୍ତ ହୋଇପଡ଼ିଥିବାବେଳେ ଝାରପୋଖରିଆ ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସ୍ଥିତିକୁ ଆୟତ୍ତ କରିଛି ।

ସୂଚନା ମୁତାବକ, ଗତକାଲି ସାରସକଣା ବ୍ଲକ ଅନ୍ତର୍ଗତ ମୁଣ୍ଡାକଟା ଗ୍ରାମର ବେହେରା ସାହି ବାସିନ୍ଦା ରାଜା ବେହେରାଙ୍କ ଦୁଇବର୍ଷର ଝିଅ ଚୁଲବୁଲ ଘରେ ଖେଳୁଥିବା ସମୟରେ ଟେବୁଲ ଫ୍ୟାନର ଅସୁରକ୍ଷିତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲା । ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ଏହି ସାରସକଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ, ଫଳରେ ଶିଶୁଟିକୁ ଶିର୍ଷା, ଝାରପୋଖରିଆ ଓ ପରେ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ନେବାକୁ ପଡ଼ିଥିଲା । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଦୀର୍ଘଦିନ ଧରି ସାରସକଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଓ ସରକାରଙ୍କ ଉଦାସୀନତା ଯୋଗୁଁ ଶିଶୁର ମୃତ୍ୟୁ ଘଟିଥିଲା । ଠିକ୍ ସମୟରେ ପ୍ରାଥମିକ ଚିକିତ୍ସା ନ ମିଳିବାରୁ ଶିଶୁର ପ୍ରାଣହାନି ଘଟିଥିବା ଦାବି କରି ଲୋକଙ୍କ ଆକ୍ରୋଶ ସୀମା ଟପିଯିବାରୁ ଆଜି ଏଭଳି ଅଭାବନୀୟ କାଣ୍ଡ ଘଟିଛି । ତୁରନ୍ତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଡାକ୍ତର ନିୟମିତ ଉପସ୍ଥିତ ରହିବା ଲୋକମାନେ ଦାବି କରିଛନ୍ତି ।

## ସାମ୍ବାଦିକ ପାୟଲ ମେହଟ୍ଟାଙ୍କ ପରଲୋକ



ନୂଆଦିଲ୍ଲୀ, ୨୦।୯: ବରିଷ୍ଠ ସାମ୍ବାଦିକ ପାୟଲ ମେହଟ୍ଟାଙ୍କର ଆଜି ଭୋର ସମୟରେ ପରଲୋକ ହୋଇଯାଇଛି । ତାଙ୍କୁ ୪୬ ବର୍ଷ ହୋଇଥିଲା । ସିଏନଏନ୍-ନ୍ୟୁଜ ୧୮ରେ ଆସିଷ୍ଟାଣ୍ଟ ଏଡିଟର ରୂପେ କାର୍ଯ୍ୟରତ ଶ୍ରୀମତୀ ମେହଟ୍ଟା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇ ଯାଇଥିଲେ । ଗତକାଲି ରାତି ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସପିଟାଲ ନିଆଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼ଗେ ଶୋକ ପ୍ରକାଶ କରିଛନ୍ତି ।


**FOR SALE**

We have 2 nos repossessed Mahindra Tractor for sale : 1. MAHINDRA 585 YUVO TECH + ( OD-15-AC-4955 ), 2. MAHINDRA 585 YUVO TECH + ( OD-15-AF-3787 ) in its as is where is condition. Contact: Sundaram Finance Limited, Sambalpur, Branch Mob no : 9437059593, 9437355617 within 3 days.

**AFFIDAVIT**

By virtue of an affidavit sworn before Executive Magistrate, Kabisuryanagar, Ganjam vide no. 7 dtd. 18.9.2026, I, Lambodar Swain, S/o- Late Jagunath Swain, Resident of Vill.- Sadabarta-nuagan, Po./Ps.- Kabisuryanagar, Dist.- Ganjam, Odisha, Pin-761104 state that, I have changed my minor daughter's name from **Eitesree Swain** to **Itishree Swain**. Henceforth he will be known as **Itishree Swain** for all future purposes.

Sd/- Lambodar Swain

**AFFIDAVIT**

By virtue of an affidavit sworn before Executive Magistrate, Dharakote, Ganjam, dated 17.09.2026, I, Laxmi Jena, Address Vill-Dhaugam, PO-Dhaugam, PS-Dharakote, Dist-Ganjam, Odisha, PIN-761111 declare that I have changed my name from Jangyashini Behera to Laxmi Jena.Henceforth, I shall be known as **Laxmi Jena** for all purposes.

**Sd/- Laxmi Jena**

**AFFIDAVIT**

I, Manas Mohapatra aged about 53 year S/o-Kunja Bihari Mohapatra, Resident of Plot No-104, Gobinda Prasad, Rasulgarh, Bhubaneswar, Khordha, Pin-751010, ODISHA, declared by this Affidavit No.937, Dated.14.08.2026, That now onwards I shall Be Known as **MANAS KUMAR MOHAPATRA** for all future Purposes.


## ଅବଶିଷ୍ଟାଂଶ...

### ଆରମ୍ଭ ହେଲା...

ଅଧିକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ଏକ ସ୍ୱତନ୍ତ୍ର ପ୍ରୋଗ୍ରାମ୍ ମାଧ୍ୟମରେ ସାଇବର ଗବେଷକ ଟିମ୍ ଏହା କରିଛନ୍ତି । ଓପନ୍ ଏଆଇର ଏଆଇ ମଡେଲର ସୁରକ୍ଷା ପ୍ରଣାଳୀକୁ ହ୍ୟାକ୍ କରିବାକୁ ଖୁବ୍ ପ୍ରୟାସ ହେଉଥିବା ବେଳେ ତା'ଉପରେ ଏବେ ପ୍ରଶ୍ନ ଉଠୁଛି । ୩ ମାସ ପୂର୍ବେ ଓପନ୍ ଏଆଇର ୧୦୦୦ରୁ ଅଧିକ ଏଆଇ ଏଜେଣ୍ଟ ପରୀକ୍ଷଣ ପରିବେଶରୁ ବାହାରି ଏଆଇ ଷ୍ଟାର୍ଟଅପ୍ ହଗିଂ ଫେସ୍ କୁ ହ୍ୟାକ୍ କରିବା ଆରମ୍ଭ କରିଥିଲେ । ମାନବ ହସ୍ତକ୍ଷେପ ବିନା ଏଆଇ ନିଜେ କେମିତି ଆକ୍ରମଣ କରୁଛି, ତାହା ଲୋକଙ୍କୁ ଚକିତ କରିଥିଲା । ସେହି ଘଟଣା ପରେ ଏ ମାମଲା ସାମ୍ନାକୁ ଆସିଛି । ସାଇବର ସିକ୍ୟୁରିଟି କମ୍ପାନି ହ୍ୟାକଟ୍ରନ୍ ଏଆଇର ୩ ଜଣ ଗବେଷକଙ୍କୁ ଓପଏଆଇ ନିଜର ବଗ୍ ବାଉଣ୍ଟି ପ୍ରୋଗ୍ରାମ୍ ଅନ୍ତର୍ଗତ ୬,୫୦୦ ଡଲାର ଦେଇଛି ।

### ଚୀନ୍ ଜାହାଜକୁ...

ଜାହାଜର ସାମଗ୍ରୀ ସମ୍ପର୍କରେ ତଥ୍ୟ ବିଶ୍ଳେଷଣ ପାଇଁ ଆମେରିକାର ଜଣେ ସ୍ୱତନ୍ତ୍ର ଅପରେସନ୍ସ କମାଣ୍ଡ ଅଧିକାରୀ ଏଆଇ ଚାଟ୍‌ବଟ୍‌ର ସହାୟତା ନେଇଥିଲେ । ଚାଟ୍‌ବଟ୍ ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ଜାହାଜରେ ପରମାଣୁ ଅସ୍ତ୍ର ତିଆରି ସହ ସମ୍ପର୍କିତ ଉପକରଣ ଥିବା ସୂଚନା ଦେଇଥିଲା । ଗୁଇନ୍ଦା ତଥ୍ୟ ଏଆଇ ତଥ୍ୟ ଆଧାରିତ ବୋଲି ଆମେରିକା ଉଚ୍ଚପଦସ୍ଥ ସାମରିକ ଅଧିକାରୀ ସୂଚନା ପାଇବା ପରେ ତୁରନ୍ତ ଅପରେସନକୁ ରୋକି ଦିଆଯାଇଥିଲା । ଫଳରେ ଚୀନ ଜାହାଜ ଉପରେ ଆକ୍ରମଣ ସ୍ଥଗିତ ରହିଥିଲା । ଏହି ଜାହାଜ ଉପରେ ଆକ୍ରମଣ ହୋଇଥିଲେ ଆମେରିକା ଜାହାଜ ଉପରେ ଚୀନ ପାଲଟା ଆକ୍ରମଣ କରିଥାଆନ୍ତା ଓ ବିଶ୍ୱରେ ଭୟଙ୍କର ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିଲା ।

ଏହି ଘଟଣା ଆମେରିକୀୟ ସାମରିକ ବ୍ୟବସ୍ଥାରେ ଏଆଇ ବ୍ୟବହାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି । ଗୁଇନ୍ଦା ତଥ୍ୟ ବିଶ୍ଳେଷଣ, ଟାର୍ଗେଟ ଚିହ୍ନଟ ଏବଂ ସାମରିକ ସମ୍ବଳ ମୁତୟନ ଭଳି କ୍ଷେତ୍ରରେ ଏଆଇ ବ୍ୟବହାର ଭବିଷ୍ୟତରେ ଭୟଙ୍କର ସ୍ଥିତି ସୃଷ୍ଟି କରିବା ଆଶଙ୍କାକୁ ଦୃଢ଼ୀଭୂତ କରିଛି । ଭୁଲ ତଥ୍ୟକୁ ମାନବୀୟ ଯାଞ୍ଚ ବିନା ଗୁରୁତ୍ୱପୂର୍ଣ୍ଣ ସାମରିକ ନିଷ୍ପତ୍ତିର ଆଧାର କରାଗଲେ ଏହାର ପରିଣାମ ଗମ୍ଭୀର ହୋଇପାରେ ବୋଲି ପ୍ରମାଣିତ କରିଛି ।

### ବିଧାନସଭାରେ ଆଣନ୍ତୁ...

ପାଇଁ ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି । ବିଧାନସଭାରେ ଏମ୍ଏମ୍‌ଡ଼ିଆର୍ ଆଇନକୁ ବିରୋଧ ସଂକ୍ରାନ୍ତ ପ୍ରସ୍ତାବକୁ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ କରିବ ଓ ଏହି ସମ୍ମିଳିତ ଉଦ୍ୟମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ଓଡ଼ିଶାବାସୀ ମନେ ରଖିବେ ବୋଲି ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ଖଣିଜ ସମ୍ପଦ ଓ ଖଣି ଅଞ୍ଚଳ ଉପରେ ଟିକସ ଲାଗୁ କରିବା ସମ୍ପର୍କିତ ରାଜ୍ୟର ସାମ୍ବିଧାନିକ ଅଧିକାରକୁ ବିରୋଧ କରି ଖଣି କମ୍ପାନୀ ମାନେ ଅଦାଲତକୁ ଯାଇଥିଲେ । ଓଡ଼ିଶାର ଏହି ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡି ସରକାର ବହୁ ବର୍ଷ ଧରି ହାଇକୋର୍ଟ ଓ ସୁପ୍ରିମ କୋର୍ଟରେ ଲଢେଇ କରିଥିଲା । ଆମର ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ନ୍ୟାୟ ପାଇଲା ଏବଂ ସୁପ୍ରିମକୋର୍ଟର ୯ ଜଣିଆ ସାମ୍ବିଧାନିକ ବେଞ୍ଚ ତାଙ୍କ ରାୟରେ ଓଡ଼ିଶା ସରକାର ଖଣି କମ୍ପାନୀ ବିରୁଦ୍ଧରେ ନେଇଥିବା ପଦକ୍ଷେପକୁ ଉଚିତ ଦର୍ଶାଇଥିଲେ । ପରେ ପରେ ରାଜ୍ୟ ବିଜେପି ସରକାର ଖଣି କମ୍ପାନୀ ବିରୋଧରେ ମଧ୍ୟ ସୁପ୍ରିମକୋର୍ଟରେ ଏହି ଲଢ଼େଇ ଜାରି ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ଆଡଭୋକେଟ ଜେନେରାଲ ମଧ୍ୟ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କର ପକ୍ଷ ରଖିଥିଲେ । ଏଥିରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢି ନିଆଯାଏ ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ । ସୁପ୍ରିମ କୋର୍ଟଙ୍କ ରାୟ ଓଡ଼ିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା । ଲକ୍ଷାଧିକ କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହାଦ୍ୱାରା ଆମର ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ ହେବା ସହିତ ଓଡ଼ିଶାର ବିକାଶ ପାଇଁ ପ୍ରଚୁର ଅର୍ଥ ମିଳିଥାନ୍ତା । ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡ଼ିଶାକୁ ମିଳିବାକୁ ଥିବା ରାଜସ୍ୱକୁ ରାଜ୍ୟବାସୀଙ୍କର କଲ୍ୟାଣ ପାଇଁ କିପରି ସର୍ବୋତ୍ତମ ଭାବରେ ଉପଯୋଗ କରାଯାଇ ପାରିବ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ନିଶ୍ଚିତ ଭାବରେ ଆଲୋଚନା କରିଥିବେ । କିନ୍ତୁ ଦୁଃଖର କଥା ସାରା ଦେଶକୁ ଆଚମ୍ବିତ କରି ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହୀତ କରାଯାଇଛି । ଏହାଫଳରେ ରାଜ୍ୟର ଖଣିଜ ସମ୍ପଦ ଉପରୁ ଟିକସ ଆଦାୟର ସାମ୍ବିଧାନିକ କ୍ଷମତା ଓଡ଼ିଶା ଠାରୁ କାଢ଼ି ନିଆଗଲା । ବିଡ଼ମ୍ବନା ହେଉଛି ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଇ ବିଜେପିର ୨୦ ଜଣ ସାଂସଦ ଏହି ସଂଶୋଧନକୁ ସମର୍ଥନ କଲେ । ଖଣି ମାଲିକ ଯାହା ଚାହୁଁଥିଲେ, ବିଜେପି ସାଂସଦଙ୍କ ସମର୍ଥନ ଯୋଗୁଁ ଏବେ ତାହା ହିଁ ହେଲା । କିନ୍ତୁ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ)ର ପରବର୍ତ୍ତୀ ପ୍ରତିକ୍ରିୟା ସ୍ୱରୂପ ଓଡ଼ିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଏବଂ ଏହାର ସାମ୍ବିଧାନିକ ଅଧିକାର ମଧ୍ୟ ଚାଲିଯାଇଛି । ଗୃହର ନେତା ଭାବରେ ବିଧାନସଭାରେ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ମୁଖ୍ୟମନ୍ତ୍ରୀଙ୍କର ନୈତିକ ଦାୟିତ୍ୱ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ସ୍ମରଣ କରାଇ ଦେଇଛନ୍ତି । ଏହାକୁ ବିଜୁ ଜନତା ଦଳ ସମର୍ଥନ କରିବ । ଏହାଦ୍ୱାରା ଓଡ଼ିଶାର ସାମ୍ବିଧାନିକ ଅଧିକାର ପୁନଃ ପ୍ରତିଷ୍ଠିତ ହେବା ସହିତ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ରହିବ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।

### ଦିନକ ପରେ...

ପ୍ରଦାନ କରାଯାଇନଥିବା ବେଳେ ଏହାକୁ ନେଇ ମଧ୍ୟ ବିରୋଧୀ ଦଳ ଗୃହ ହୁଲୁସ୍ଥୁଲ କରିବାକୁ ଯାଉଛନ୍ତି । ଗତ କିଛି ମାସ ହେଲାଣି ବିଜେଡି ଏନେଇ ରଜ୍ୟର ପ୍ରତିଟି ଜିଲ୍ଲାରେ ଆନ୍ଦୋଳନ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସୁଛି । ବିଭିନ୍ନ ସାମାଜିକ ସଂଗଠନର ନେତାମାନେ ଏନେଇ ଅନଶନ କରୁଛନ୍ତି । କଂଗ୍ରେସ ସହ ଅନ୍ୟ ରାଜନୈତିକ ଦଳମାନେ ମଧ୍ୟ ନିୟମିତ ଭାବରେ ଆନ୍ଦୋଳନ କରି ଆସୁଛନ୍ତି । ତେଣୁ ଗୃହରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ସମସ୍ତ ପିଲାଙ୍କୁ ତୁରନ୍ତ ପୁସ୍ତକ ପ୍ରଦାନ ଦାବି ଦୃଢ଼ ଭାବରେ ବିରୋଧୀ ଦଳ ଉତ୍ଥାପନ କରିବେ ବୋଲି ସୂଚନା ମିଳିଛି । ଏପରିକି ଆସନ୍ତା ୨୨ ତାରିଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ସାମନାରେ ଧାରଣା ଡକରା ଦିଆଯାଇଛି । ଏପଟେ ଆସନ୍ତା ୨୯ ତାରିଖରେ ଏମଏମଡିଆର ସଂଶୋଧିତ ଆଇନକୁ ନେଇ ଇଣ୍ଡିଆ ବ୍ଲକ ମଧ୍ୟ ବିଧାନସଭା ଘେରଉ କରିବାକୁ ଘୋଷଣା କରିଛି । ଏହି ଦୁଇ ପ୍ରସଙ୍ଗରେ ଶାସକ ଦଳ ଆରମ୍ଭରୁ ବ୍ୟାକଫୁଟରେ ଥିବାବେଳେ ମୌସୁମୀ ଅଧିବେଶନ ଆଦୌ ସେମାନଙ୍କ ପାଇଁ ସହଜ ହେବ ନାହିଁ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି । ଏହାବ୍ୟତୀତ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି, ଦରଦାମ ବୃଦ୍ଧି, ମହାନଦୀ ବିବାଦରେ ଆପୋଷ ସମାଧାନ ନେଇ ସରକାରଙ୍କ ନିରବତା, ଚାଷ ଓ ଚାଷୀ ସମସ୍ୟା, ବେକାରୀ ସମସ୍ୟା, ରାଜ୍ୟରେ ବିକାଶ କାମ ଠପ୍ ହୋଇପଡ଼ିବା, ଶିକ୍ଷକ ସମସ୍ୟା ଆଦିକୁ ନେଇ ବିରୋଧୀ ସରକାରଙ୍କୁ ଘେରି ପାରନ୍ତି । ଆସନ୍ତାକାଲି ବିଜେଡି ଓ କଂଗ୍ରେସର ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ସରକାରଙ୍କୁ ଘେରିବା ନେଇ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରାଯିବ । ସୋମବାର ସନ୍ଧ୍ୟା ୫ଟା ବେଳେ ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିବେ । ଅପରପକ୍ଷେ ବିଜେପି ବିଧାୟକ ଦଳ ବୈଠକ ମଧ୍ୟ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇପାରେ ବୋଲି ଜଣାପଡ଼ିଛି । ତେବେ ବିରୋଧୀଙ୍କୁ ସରକାର ଓ ସରକାରୀ ଦଳ କେମିତି ମୁକାବିଲା କରୁଛନ୍ତି, ତାହା ଦେଖିବା ବେଶ୍ ରୋଚକ ହେବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି ।

### ଦିଲ୍ଲୀରେ ଏସ୍‌ଆଇଆର୍...

ଭୁଆଲନାମ ଏବଂ ସିଏଜି ସଂଜୟ ମୂର୍ତ୍ତିଙ୍କୁ ମଧ୍ୟ ନୋଟିସ ପଠାଯାଇଥିବା ଜଣାପଡ଼ିଛି ।

ନିର୍ବାଚନ କମିସନ ସୂତ୍ରରୁ ପ୍ରକାଶ ଯେ ମୁଖ୍ୟତଃ ପୂର୍ବ ସଂଶୋଧନ (୨୦୦୨) ଭୋଟର ତାଲିକା ସହିତ ବର୍ତ୍ତମାନର ତଥ୍ୟ ମେଳ ନଖାଇବା କିମ୍ବା ନାମ ଓ ପରିବାର ବିବରଣୀରେ ତ୍ରୁଟି ଥିବା ହେତୁ ଏହି ନୋଟିସ୍ ଜାରି କରାଯାଇଛି ।। ଆଡଭାନୀ, ତାଙ୍କ ଝିଅ ପ୍ରତିଭା ଓ ବୋହୂ ଗୀତିକାଙ୍କୁ 'ନୋ ମ୍ୟାପିଂ' ଶ୍ରେଣୀରେ ନୋଟିସ୍ ଦିଆଯାଇଛି । ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଅଭିଷେକ ମନୁ ସିଂଘଭୀ, କପିଲ ସିବଲ, ସୁବ୍ରମଣ୍ୟମ ସ୍ୱାମୀ, ବିଜେପି ସାଂସଦ ବାଂସୁରୀ ସ୍ୱରାଜ ଓ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ପୂର୍ବରୁ ନୋଟିସ ଦିଆଯାଇଥିଲା । ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ନୋଟିସ୍ ମିଳିବା ଦ୍ୱାରା କୌଣସି ଭୋଟର ଅଯୋଗ୍ୟ ହୋଇନାହାନ୍ତି କିମ୍ବା ତାଙ୍କ ନାମ ତାଲିକାରୁ କଟାଯାଇ ନାହିଁ । ନୋଟିସ୍ ପାଇଥିବା ପ୍ରମୁଖ ବ୍ୟକ୍ତିଙ୍କ ପ୍ରକ୍ରିୟାରେ ସହଯୋଗ କରାଯିବ ଏବଂ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରାଯିବ ।

ସୂଚନାଯୋଗ୍ୟ, ଦିଲ୍ଲୀ ଏସ୍‌ଆଇଆର୍‌ରେ ମୋଟ ୩୩,୧୨,୯୧୯ ଜଣ ଭୋଟରଙ୍କ ମାମଲାରେ ଅସଙ୍ଗତି ଚିହ୍ନଟ ହୋଇଛି । ସେଥିରୁ ୧୩,୭୯,୭୮୫ ଜଣ 'ନୋ ମ୍ୟାପିଂ' ଏବଂ ୧୯,୩୩,୧୩୪ ଜଣ 'ଲଜିକାଲ ଡିସ୍‌କ୍ରେପାନ୍ସି' ଶ୍ରେଣୀରେ ଅଛନ୍ତି । ନୋଟିସ୍ ପାଇଥିବା ଭୋଟରମାନଙ୍କୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବଶ୍ୟକ ଦସ୍ତାବିଜ ଓ ଜବାବ ଦାଖଲ କରିବାକୁ ପଡ଼ିବ । ଅକ୍ଟୋବର ୨୯ ସୁଦ୍ଧା ଏହି ନୋଟିସଗୁଡ଼ିକର ସମାଧାନ କରାଯିବ ଏବଂ ନଭେମ୍ବର ୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସେପଟେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ମାମଲା ଚାଲିଛି ଏବଂ ଏହା ସମ୍ପର୍କିତ ଆବେଦନ ଉପରେ ସେପ୍ଟେମ୍ବର ୨୨ରେ ଶୁଣାଣି ହେବ ।

### ଚୌଦ୍ୱାର ଜେଲ୍...

୨ ଓ ୩ ତାରିଖର ଜେଲ୍‌ର ଗେଟ୍ ଇନ୍-ଆଉଟ୍ ରେଜିଷ୍ଟରରେ ହେରଫେର କରାଯାଇ ଶ୍ରୀ ରାଉଳଙ୍କୁ ନିରବଚ୍ଛିନ୍ନ ଭାବେ ଜେଲ୍‌ରେ ଉପସ୍ଥିତ ଥିବା ଦର୍ଶାଯାଇଥିଲା । ଏଥିସହ ଅକ୍ଟୋବର ୨ର ମିନିଟ୍ ବୁକ୍‌ରେ ତାଙ୍କ ଦସ୍ତଖତ ଜାଲି କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ ।

ମାମଲାର ତଦନ୍ତ ସମୟରେ ରାଉଳଙ୍କୁ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ କୁହାଯାଇଥିଲା । ତଦନ୍ତରେ ସହଯୋଗ ନ କଲେ ପୂର୍ବରୁ ମିଳିଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ହୋଇପାରେ ବୋଲି ହାଇକୋର୍ଟ ମେ' ମାସରେ ଚେତାବନୀ ଦେଇଥିଲେ । ପରେ ସେପ୍ଟେମ୍ବର ୧ରେ ଓଡ଼ିଶା ହାଇକୋର୍ଟ ରାଉଳଙ୍କ ପ୍ରାକ୍-ଗିରଫ ଜାମିନ ଆବେଦନ ଖାରଜ କରିବା ସହ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ହଟାଇଥିଲେ । ଏହାପରେ ଭୁବନେଶ୍ୱରରୁ ଶ୍ରୀ ରାଉଳଙ୍କୁ ପୁଲିସ ଗିରଫ କରିଛି ।

### ବଳ ଗୋଟାଉଛି...

ଉପରେ ରହେ, ତେବେ ଅଳ୍ପ ସମୟ ପାଇଁ ବାତ୍ୟାରେ ପରିଣତ ହୋଇପାରେ । ମାତ୍ର ଏହାଠାରୁ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା କମ୍ ରହିଛି । ଅବପାତ ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୦-୬୦ କିମି, ଝଟକା ପବନ୍ ୬୫-୭୫ କିମି ହୋଇପାରେ । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଯାଇ ଦକ୍ଷିଣ ଓଡ଼ିଶା- ଉତ୍ତର ଆନ୍ଧ୍ରପ୍ରଦେଶ ଅଞ୍ଚଳ, ବିଶେଷକରି ଗଞ୍ଜାମର ଶ୍ରୀକାକୁଲମ ଉପକୂଳ ଓ ନିକଟସ୍ଥ ଅଞ୍ଚଳ ଦିଗକୁ ୨୩-୨୪ ସେପ୍ଟେମ୍ବରରେ ପହଞ୍ଚିପାରେ । ୨୨ରେ ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ନିକଟସ୍ଥ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ୨୩ରେ ବର୍ଷା ବଢ଼ି ଦକ୍ଷିଣ ଓଡ଼ିଶାରେ ବିଶେଷକରି ଗଞ୍ଜାମ, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ନିକଟସ୍ଥ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ । ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ୨୪ ଘଣ୍ଟାରେ ୨୦୦ ମିମିରୁ ଅଧିକ ବର୍ଷା ହୋଇପାରେ । ସେହିପରି ୨୪ ତାରିଖରେ ଉପକୂଳ, କେନ୍ଦ୍ରୀୟ ଓ ନିକଟସ୍ଥ ପଶ୍ଚିମ ଓଡ଼ିଶାକୁ ସେହିଦିନ ବର୍ଷା ବ୍ୟାପିପାରେ । ଦକ୍ଷିଣ ଅଞ୍ଚଳରେ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହୋଇପାରେ । ୨୫ରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ହୋଇପାରେ । ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ୨୧ଠାରୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଯେଉଁମାନେ ସମୁଦ୍ର ମଧ୍ୟରେ ଅଛନ୍ତି, ସେମାନଙ୍କୁ ତୁରନ୍ତ ଫେରି ଆସିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

### ମୟୂରଭଞ୍ଜରେ ସଡ଼କ...

ସୀମାନ୍ତ ଅଞ୍ଚଳରେ ଦ୍ରୁତ ଯୋଗାଯୋଗର ମାଧ୍ୟମ ହେତୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବହନ କରିବ । ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୮୬ କିମି ରାସ୍ତା ନିର୍ମାଣ ହେବା ଫଳରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳ ସିଧାସଳଖ ଉପକୂଳ ଓ ଦକ୍ଷିଣ ଓଡ଼ିଶା ସହିତ ଯୋଡ଼ି ହୋଇପାରିବ । ବର୍ତ୍ତମାନର ସଂକୀର୍ଣ୍ଣ ତଥା ଘନ ଟ୍ରାଫିକ ଥିବା ଜାତୀୟ ରାଜପଥ ଉପରୁ ଭାର କମିବ । ଖଡ଼ଗପୁର-ଅମରାବତୀ କରିଡର ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର କୃଷିଜାତ ଦ୍ରବ୍ୟ, ବନଜାତ ସମ୍ପଦ ଓ ଖଣିଜ ଉତ୍ପାଦନକୁ ଦେଶର ବଡ଼ ବଡ଼ ବାଣିଜ୍ୟିକ କେନ୍ଦ୍ର ଓ ବନ୍ଦରଗୁଡ଼ିକ ସହ ଯୋଡ଼ିବା ସହଜ ହେବ । ଜିଲ୍ଲାରେ ନୂତନ ଲଜିଷ୍ଟିକ୍ସ ପାର୍କ, ଗୋଦାମ ଘର ଓ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବାର ସୁଯୋଗ ସୃଷ୍ଟି ହେବ । ମୟୂରଭଞ୍ଜର ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଜାତୀୟ ଉଦ୍ୟାନ, ଖିଚିଂ, ଦେବକୁଣ୍ଡ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଯାତ୍ରା ସୁଗମ ହେବ । ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ତଥା ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରୁ ପର୍ଯ୍ୟଟକ ଖୁବ୍ କମ୍ ସମୟ ମଧ୍ୟରେ ମୟୂରଭଞ୍ଜରେ ପହଞ୍ଚିପାରିବେ । ୮୬ କିମି ବିଶିଷ୍ଟ ଏହି ଏକ୍ସପ୍ରେସ ୱେ କାର୍ଯ୍ୟକାରୀ ହେବା ଦ୍ୱାରା ସ୍ଥାନୀୟ ଯୁବକ/ଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଢାବା, ପେଟ୍ରୋଲ ପମ୍ପ, ସର୍ଭିସ ସେଣ୍ଟର ଓ ସ୍ଥାନୀୟ ବଜାରରେ ବ୍ୟବସାୟ ବୃଦ୍ଧି ପାଇବ ।

ଏହି ଗ୍ରୀନଫିଲ୍ଡ ଏକ୍ସପ୍ରେସ ୱେ ପାଇଁ ୯୦ ମିଟର ରାଇଟ୍ ଅଫ୍ ୱେ ରଖାଯାଇଛି । ଯେଉଁଥିରେ ଗାଡ଼ିଗୁଡ଼ିକ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ବେଗରେ ଚଳାଚଳ କରିପାରିବେ । ବର୍ତ୍ତମାନର କୋଲକାତା-ଚେନ୍ନାଇ ଜାତୀୟ ରାଜପଥ (ଏନଏଚ-୧୬) ଉପରେ ଭାରୀଯାନ ଚଳାଚଳ ବହୁ ପରିମାଣରେ ହ୍ରାସ ପାଇବ । କୋଲକାତା ଓ ଅମରାବତୀ ମଧ୍ୟରେ ଯାତ୍ରା ସମୟ ପୂର୍ବ ଅପେକ୍ଷା ୪ରୁ ୫ ଘଣ୍ଟା କମିଯିବ । ଏହି ଏକ୍ସପ୍ରେସୱେର ରୁଟ୍ ଆଲାଇନମେଣ୍ଟକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିସାରିଛି । ୨୦୨୭ ମାର୍ଚ୍ଚ ସୁଦ୍ଧା ଚୂଡ଼ାନ୍ତ ଆର୍ଥିକ ଅନୁମୋଦନ ଓ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ମୟୂରଭଞ୍ଜ ଜିଲ୍ଲା ଦେଇ ଯିବାକୁ ଥିବା ଏହି ୮୬ କିଲୋମିଟର ରାସ୍ତା ଆଗାମୀ ଦିନରେ ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏକ ମୁଖ୍ୟ ଲାଇଫଲାଇନ୍ ପାଲଟିବ ।

### ଓଡ଼ିଶାରେ ଛତିଶଗଡ଼...

ଏନ୍‌ଡିଏ ସରକାର ଅଛନ୍ତି । ତେଣୁ ବହୁତ ଜଲଦି ବିବାଦର ସମାଧାନ ହେବାକୁ ଯାଉଛି । ଏହି ଅବସରରେ ସେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ ପାଇଁ ଆଶୀର୍ବାଦ ଲୋଡ଼ିବି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ରବିବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ । ବିମାନବନ୍ଦରରୁ ବାହାରି ସେ ସିଧା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଷ୍ଣୁଦେଓ ସାଏ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଥିଲେ । ଏହି ବୈଠକରେ ମହାନଦୀ ଜଳ ବିବାଦ ସମେତ ଦୁଇ ରାଜ୍ୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ଆସନ୍ତାକାଲି ମହାନଦୀ ଜଳ ବିବାଦର ସମାଧାନ ନେଇ ସିଡବ୍ଲ୍ୟୁସିର ମଧ୍ୟସ୍ଥତାରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟିର ବୈଠକ ଅନୁଷ୍ଠିତ ହେବ । ଏହାସହ ଟ୍ରିବ୍ୟୁନାଲରେ ଆସନ୍ତା ୨୮ ତାରିଖରେ ଏହାର ଶୁଣାଣି ମଧ୍ୟ ରହିଛି ।


25001/1168/2627 E-Mail: rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

**e-procurement Notice No 16 / Road Work / 2026-27.**

| | | | |
|---|---|---|---|
| 1. | Name of the work | : | Non plan Road Work |
| 2. | Total No. of Works | : | 1 (one) No |
| 3. | Tender Cost | : | Rs. 18.82 lakhs |
| 4. | Class Contractor | : | D, & C equivalent |
| 5. | Period of Completion | : | 2 calendar months |
| 6. | Availability of Tender online for bidding | : | 24.09.2026 at 11.00 A.M to 06.10.2026 up to 5.00 P.M |
| 7. | Last Date & Time of seeking tender clarification | : | 05.10.2026 up to 4.00 PM |
| 8. | Date & Time of opening of Bid | : | 07.10.2026 at 11.00 AM |

Other Details can be seen from the website http://tendersorissa.gov.in.

**Superintending Engineer**
**Rural Works Division-II, Dkl**
**Kamakhyanagar**

OIPR-25001/25094/1/26-27/0015

34001/822/2627 ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B)-17/2026-27/JYP(K)**

Date. 09.09.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | E.I Works as mentioned in DTCN. |
| 2. | No. of Works | : | 7 Nos. |
| 3. | Estimated Cost | : | Rs. 1.22 Lakhs to 30.90 lakhs |
| 4. | Period of completion | : | 1 (One) to 12 (Twelve) Months |
| 5. | Date & Time of Bidding | : | From 11.00 hours of **25.09.2026** Up-to 17.00 hours of **05.10.2026** |
| 6. | Last date & time for receipt of bids in portal | : | 17.00 hours of **05.10.2026.** |
| 7. | Bids received online shall be opened on | : | 11.00 hours of **06.10.2026.** |
| 8. | Name and address of the officer inviting Bid | : | Superintending Engineer, Jayapur (R&B) Division, Jayapur |

Further details can be seen from the www.tendersodisha.gov.in

**Superintending Engineer**
**Jayapur (R&B) Division**

OIPR-34001/34027/1/26-27/0018

**32001/888/2627** e mail – eeddbbrahampur@gmail.com

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, BRAHMAPUR**
**INVITATION FOR BIDS (IFB)**
**e –procurement Notice No. 03 /2026-27 Dt: 11.09.2026**

| | | | |
|---|---|---|---|
| 1. | Type of works | : | **Improvement, Renovation, and Construction of FLB** |
| 2. | Total number of works | : | 08 no. works |
| 3. | Estimated Cost of Individual Packages | : | Varies from Rs 38.77 Lakh. to Rs.82.06 Lakh |
| 4. | Bid Identification No. | : | EE-DD-BER-NO- 14/2026-27 to EE-DD-BER-NO- 21/2026-27 |
| 5. | Period of completion | : | 06 (Six) and 03(Three)working Calendar months |
| 6. | Availability of Tender On - Line | : | 22.09.2026, 10.00 Hours to 07.10.2026, 17.30 Hours. |
| 7. | Date of Opening | : | 08.10.2026 at 11.30 hours in the O/o the Executive Engineer, Drainage Division, Brahmapur, Ganjam, Odisha. |
| 8. | Class of Contractor | : | " B ", " C " & " D " Class |
| 9. | Bid Security/EMD | : | Mentioned in detail Notice |
| 10. | Cost of Tender Paper | : | Rs. 10,000 /-, Rs.6000/- |
| 11. | Procurement Officer | : | Executive Engineer, Drainage Division, Brahmapur, Ganjam, Odisha. |

Further details can be seen from the Govt. web site www.tendersorissa.gov.in.

**Executive Engineer**
**Drainage Division**
**Brahmapur**

OIPR-32001/32092/1/26-27/0003

ସକାଳ
THE SAKALA



## କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା; ଭସାଣି ଶୋଭାଯାତ୍ରାରେ ଡିଜେ

# ଡିଜେ ସାଉଣ୍ଡ ପାଇଁ ପ୍ରତିଯୋଗିତା, ଗାଁ ଗାଁ ମଧ୍ୟରେ ମାର୍‌ପିଟ୍

ବାରିକପୁର,୨୦।୯ (ସମିସ): ଡିଜେ ସାଉଣ୍ଡ ବ୍ୟବସ୍ଥାକୁ ନ୍ୟାୟାଳୟ ଓ ସରକାର ବନ୍ଦ କରିଥିବାବେଳେ ପ୍ରଶାସନିକ ସ୍ତରରେ କୋହଳ ମନୋଭାବ ଯୋଗୁଁ ଆଇନ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଡିଜେ ପାଇଁ କେତେବେଳେ ଜୀବନ ଯାଉଛି ତ କେତେବେଳେ ଅନେକ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏପରିକି ଗାଁ ଗାଁ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ବିଶେଷକରି ପାର୍ବଣ ସମୟରେ ଭସାଣି ଯାତ୍ରାବେଳେ ଡିଜେ ସାଉଣ୍ଡକୁ ନେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେଉଛି। ଏହି ମନୋଭାବ କିଛି ସମୟ ମଧ୍ୟରେ ମାର୍‌ପିଟ୍‌ର ରୂପ ନେଉଛି। ଏଭଳି ଏକ ଘଟଣା ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ପଞ୍ଚାୟତ ଅନ୍ତର୍ଗତ ଆକୁଳିକଣା ଓ ଭୁସୁକା ସୈସଲାପୁର ମଧ୍ୟରେ ଡିଜେ ବଜାଇବାକୁ ନେଇ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି।



ଗତ ଶୁକ୍ରବାର ରାତିରେ ଗଣେଶ ଭସାଣି ଚାଲିଥିବାବେଳେ ଡିଜେ ସାଉଣ୍ଡକୁ ନେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ଏଥିରେ କେତେଜଣ ଆହତ ହୋଇଥିବା ଜଣାଯାଇଛି। କଥା ଥାନା ଯାଏଁ ମଧ୍ୟ ଯାଇଛି। ପାର୍ବଣ ସମୟରେ ପୁଲିସ ପାଟ୍ରୋଲିଂ ଚାଲିଥିବାବେଳେ ଘଣ୍ଟା ଘଣ୍ଟା ଧରି କେଉଁ ଭଳି ଡିଜେ ସାଉଣ୍ଡ ବ୍ୟବହାର ହୋଇ ଗଣ୍ଡଗୋଳ ଘଟିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣ୍ଡଗୋଳ ପରେ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ମଧ୍ୟ ଦେଖାଦେଇଛି। ୨ଦିନ ପୂର୍ବରୁ ରହଣିଆଠାରେ ମଧ୍ୟ ଭସାଣି ସମୟରେ ପ୍ରତିଯୋଗିତା ଭାବେ ସାଉଣ୍ଡ ବାଜୁଥିବାବେଳେ ଗୋଟିଏ ଡିଜେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲା। ଅନୁରୂପ ଭାବେ ରାଣୀଗଡ଼ିଆଠାରେ ମଧ୍ୟ ଭସାଣି ଉତ୍ସବକୁ ନେଇ ସାହି ସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। କେବଳ ଉକ୍ତ ଗ୍ରାମରେ ନୁହେଁ, ବ୍ଲକ୍‌ର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଧାର୍ମିକ ପର୍ବପର୍ବାଣୀ ନାଁରେ ବହୁଳ ମାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର ହେଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏହିଭଳି ଭାବେ ଗ୍ରାମାଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ୩ ଜଣଙ୍କ ନାଁରେ ମାମଲା

### ଡିଜେ ଗାଡ଼ି ସହ ୧୦ ସାଉଣ୍ଡ ବକ୍ସ ଓ ଅନ୍ୟ ସାମଗ୍ରୀ ଜବତ

ଭଦ୍ରକ,୨୦।୯ (ସମିସ): ଗଣେଶ ଭସାଣି ଶୋଭାଯାତ୍ରାରେ ବେଆଇନ ଭାବେ ଉଚ୍ଚ ଶବ୍ଦରେ ଡିଜେ ବଜାଇବା ଓ ଅଶ୍ଳୀଳ ଗୀତ ପରିବେଷଣ ଅଭିଯୋଗରେ ଭଦ୍ରକ ଟାଉନ୍ ଥାନା ପୁଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଭଦ୍ରକ ଚରମ୍ପା ଅଞ୍ଚଳରୁ ଡିଜେ ଗାଡ଼ି ସମେତ ୧୦ଟି ସାଉଣ୍ଡ ବକ୍ସ, ଲାଇଟ୍, ମେସିନ୍ ଓ ଡିଜି ଜେନେରେଟର ଜବତ କରାଯାଇଛି।



ପୁଲିସ ସୂଚନାନୁଯାୟୀ, ଗତ ୧୮ ତାରିଖ ରାତି ପ୍ରାୟ ୭ଟାରୁ ୧୦ଟା ମଧ୍ୟରେ ଚରମ୍ପାରେ ଭସାଣି ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ 'ଦି ଲିଜେଣ୍ଡ ଡିଜେ' ପକ୍ଷରୁ ବିନା ବୈଧ ଅନୁମତି ଓ ସାଉଣ୍ଡ ଲିମିଟର ବ୍ୟବହାର ନ କରି ଅତ୍ୟଧିକ ଉଚ୍ଚ ଶବ୍ଦରେ ଡିଜେ ବଜାଯାଉଥିବା ଅଭିଯୋଗ ହୋଇଥିଲା। ପୁଲିସ ଡିଜେ ବନ୍ଦ କରିବା ଓ ଶବ୍ଦ କମାଇବାକୁ କହିଥିଲେ ମଧ୍ୟ ନିର୍ଦ୍ଦେଶକୁ ଅମାନ୍ୟ କରାଯାଇଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣାରେ ଡିଜେ ଗାଡ଼ି ଚାଳକ ନିରାକାର ବାରିକ (୨୩), ଅପରେଟର ରଶ୍ମିରଞ୍ଜନ ମଲ୍ଲିକ (୨୧) ଓ ମାଲିକ ଭଗବାନ ବାରିକ (୬୦)ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୩ ଜଣଙ୍କ ଘର ବାସୁଦେବପୁର ଥାନା ଅନ୍ତର୍ଗତ କମାରଗାଁ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସ ଓଡି-୨୨-ଏବି-୭୧୨୪ ନମ୍ବର ବିଶିଷ୍ଟ ଡାଲା ଅଟୋ ସମେତ ଡିଜେ ସାମଗ୍ରୀ ଜବତ କରିଛି। ଏନେଇ ଟାଉନ୍ ଥାନାରେ କେସ୍ ନମ୍ବର ୫୭୩/୨୦୨୬ ରୁଜୁ ହୋଇଥିବାବେଳେ ବିଏନ୍‌ଏସ୍‌ର ବିଭିନ୍ନ ଧାରା ସହ ଓଡ଼ିଶା ଫାୟାରୱାର୍କସ୍ ଆଣ୍ଡ ଲାଉଡସ୍ପିକର ରେଗୁଲେସନ୍ ଆକ୍ଟ ଓ ମୋଟର ଯାନ ଆଇନର ଧାରା ଲାଗୁ କରାଯାଇଛି। ମାମଲାର ତଦନ୍ତ ଏଏସ୍‌ଆଇ ନନ୍ଦ କୁମାର ମାଝୀ କରୁଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



ଦୋବଲ,୨୦।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳେ ଆମ୍ବ ନାଳରୁ ଉଦ୍ଧାର ହୋଇଛି। ମୃତକ ହେଲେ ଧାମନଗର ଥାନା ଅନ୍ତର୍ଗତ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁର ଗ୍ରାମର କେଶବ ଚନ୍ଦ୍ର ମିଶ୍ରଙ୍କ ପୁଅ ବିରଞ୍ଚି ମିଶ୍ର (୨୭)। ସୂଚନା ଅନୁଯାୟୀ, ବିରଞ୍ଚି ଶନିବାର ମଧ୍ୟାହ୍ନରେ ଗାଈ ଖୋଜିବାକୁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ସକାଳେ ନିକଟ କାଞ୍ଚିଆପାଳ ଅଞ୍ଚଳର ଆମ୍ବ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ପରିବାର ଲୋକେ ମୃତଦେହଟି ବିରଞ୍ଚିଙ୍କର ବୋଲି ଚିହ୍ନଟ କରିଥିଲେ। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ସେ ଗାଈ ଖୋଜିବା ସମୟରେ ସେହି ନାଳରେ ପଡ଼ି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ପୁଲିସର ତଦନ୍ତ ପରେ ସଠିକ୍ ଖବର ଜଣାପଡ଼ିବ।

## ଘରୋଇ ବସ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଭଦ୍ରକ,୨୦।୯ (ସମିସ): ଭଦ୍ରକ ଟାଉନ୍ ଥାନା ଅନ୍ତର୍ଗତ ବନ୍ତ ଛକ ନିକଟରେ ଶନିବାର ଅପରାହ୍ଣ ପ୍ରାୟ ୧ଟା ୩୦ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦ୍ରୁତ ଗତିରେ ଆସୁଥିବା ଏକ ଘରୋଇ ବସ୍ ଧକ୍କାରେ ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାସୁଦେବପୁର ଥାନା କ୍ଷେମେଶ୍ୱରପୁର (ବ୍ରାହ୍ମଣୀଗାଁ) ଗାଁର ଦାମୋଦର ବେହେରାଙ୍କ ପତ୍ନୀ ଲକ୍ଷ୍ମୀ ବେହେରା (୬୫)।

ପ୍ରାପ୍ତ ସୂଚନା ଅନୁଯାୟୀ, ଦାମୋଦର ଓ ତାଙ୍କ ପତ୍ନୀ ବର୍ତ୍ତମାନ ଭଦ୍ରକ ସାହାପୁରଠାରେ ଏକ ଭଡ଼ା ଘରେ ରହୁଥିଲେ। ଶନିବାର ଲକ୍ଷ୍ମୀ ବନ୍ତ ଛକ ନିକଟରେ ଛିଡ଼ା ହୋଇଥିବାବେଳେ "ମା' ତାରିଣୀ' ନାମକ ଏକ ଘରୋଇ ବସ୍ ବେପରୁଆ ଏବଂ ଦ୍ରୁତ ଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତା ଉପରେ କଚାଡ଼ି ହୋଇ ପଡ଼ିଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ତାଙ୍କୁ ତାଙ୍କ ଗାଡ଼ିରେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ସ୍ୱାମୀ ଦାମୋଦର ବେହେରା (୭୦) ଭଦ୍ରକ ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସେ ନିଜ ଏତଲାରେ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ଏଏସ୍‌ଆଇ ନନ୍ଦ କୁମାର ମାଝୀ ଏହି ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

## ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ; ୬ ଜଣଙ୍କ ନାଁରେ ମାମଲା

ଧାମନଗର,୨୦।୯ (ସମିସ): ବାଇକ୍ ଧକ୍କାକୁ କେନ୍ଦ୍ର କରି ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ ହୋଇଛି। ଏନେଇ ଧାମନଗର ଥାନା ପୁଲିସ ୬ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ଶନିବାର ରାତି ପ୍ରାୟ ୮ଟାରେ କାଜିମହଲ୍ଲାର ସେକ୍ ଅବୁତାର ଅଲ୍ଲୀ ନିଜ ବାଇକ୍‌ରେ ନାହାଜର କିଲ୍ଲାରୁ ଘରକୁ ଫେରୁଥିବାବେଳେ ଚୁନୁପଡ଼ା ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ସେକ୍ ଆରିଫ୍ ଓ ମିର୍ ପପୁଙ୍କୁ ଏନେଇ ପଚାରିବାରୁ ଉଭୟେ ତାଙ୍କୁ ଗାଳିଗୁଲଜ କରିବା ସହ ବାଇକ୍ ଚାବିରେ ମୁହଁକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ଅବୁତାର ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଅଭିଭାବକଙ୍କୁ ଜଣାଇବା ପରେ ସେମାନେ ମଧ୍ୟ କାଠ ଫାଳିଆରେ ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅବୁତାର ଏତଲାରେ ଦର୍ଶାଇଛନ୍ତି। ଏନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ମୁଲାନାସାହିର ସେକ୍ ଆରିଫ୍ (୨୨), ମିର୍ ପପୁ (୩୫), ମିର୍ ରିଙ୍କୁ (୨୮), ମିର୍ ରାଇବର (୩୦), ମୁନ୍‌ସିପାଟଣାର ସେକ୍ ପପୁ ଓ ହବିବ୍‌ନଗରର ସେକ୍ ସୁରଜ। ବିଏନ୍‌ଏସ୍‌ଇ ଧାରା ୧୧୫(୨), ୧୨୬(୨), ୨୯୬, ୩(୫) ଓ ୩୫୧(୨)ରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଶୁଭ୍ରଜିତ୍ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଶିବଶଙ୍କର ଖିଲାର ତଦନ୍ତ କରୁଛନ୍ତି।

## ୨୪ରେ ବଡ଼ ସରକାର ବାବାଙ୍କ ବାର୍ଷିକ ଫାତେହା

ଭଦ୍ରକ,୨୦।୯ (ସମିସ): ଭଦ୍ରକ ପୌରାଞ୍ଚଳର ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଖାନ୍‌କା ପରିସରରେ ସୁଫି ହଜରତ ସୈୟଦ ଶାହା ନସିମ୍ ଅଖ୍‌ତର କାଦରୀ ଓରଫ୍ ବଡ଼ ସରକାର ବାବାଙ୍କ ୧୨ତମ ବାର୍ଷିକ "ଫାତେହା' ଉତ୍ସବ ପାଳନ ପାଇଁ "ଗୁଲ୍‌ସନେ ଗୌସପାକ ଟ୍ରଷ୍ଟ' ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ହାଜି ହାଫିଜ୍ ଶେଖ୍ ମହମ୍ମଦ ଇଶହାକଙ୍କ ସଭାପତିତ୍ୱ ଓ ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନଙ୍କ ସଂଯୋଜନାରେ ଆସନ୍ତା ୨୪ ତାରିଖରେ ଏହି ଫାତେହା ଉତ୍ସବ ପାଳନ ହେବାକୁ ଟ୍ରଷ୍ଟ ପକ୍ଷରୁ ଉକ୍ତ ବୈଠକରେ ନିଷ୍ପତ୍ତି କରାଗଲା। ୨୩ ତାରିଖ ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଗୁଲ୍‌ସନେ ଗୌସପାକ ଟ୍ରଷ୍ଟ ଖାନ୍‌କାଠାରେ ବାର୍ଷିକ "ଫାତେହା' ଉତ୍ସବ ପାଇଁ ଫଳ ସାମଗ୍ରୀ ପହଞ୍ଚାଇବେ ଏବଂ ରାତି ୧୧ଟାରୁ ଫଳ ସାମଗ୍ରୀ କଟା ଆରମ୍ଭ ହେବ ଓ ଅର୍ଦ୍ଧରାତ୍ରିରୁ ବାବାଙ୍କ ଗୋସଲଖାନୀ (ସ୍ନାନ) ଆରମ୍ଭ ହେବ। ୨୪ ତାରିଖ ସକାଳ ନମାଜ ପାଠ ପରେ କୋରାନ୍ ପାଠ, ମିଲାଦ ସରିଫ୍ ଓ ଫାତେହା ଆୟୋଜନ କରାଯିବ। ଫାତେହା ସରିଲା ପରେ ବାବାଙ୍କ ଭକ୍ତମାନଙ୍କୁ ଶିରିଣୀ ଭୋଗ ବଣ୍ଟନ କରାଯିବ। ସକାଳରୁ ବାବାଙ୍କ ସମାଧିଠାରେ ବାବାଙ୍କ ଭକ୍ତମାନେ ଚାଦର ଚଢ଼ାଇ ଦର୍ଶନ କରିପାରିବେ। ଏହି ଫାତେହା ଉତ୍ସବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରୁ ବାବାଙ୍କ ଭକ୍ତମାନେ ଯୋଗଦାନ କରିବେ। ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବ ପାଳନ କରିବାକୁ ଗୁଲ୍‌ସନେ ଗୌସପାକ ଟ୍ରଷ୍ଟ ପକ୍ଷରୁ ବାବାଙ୍କ ଭକ୍ତମାନଙ୍କୁ ନିବେଦନ କରିଛନ୍ତି।

## ହିନ୍ଦୀ ଶିକ୍ଷକ ସଙ୍ଘ ପକ୍ଷରୁ 'ହିନ୍ଦୀ ଦିବସ'



ଭଦ୍ରକ,୨୦।୯ (ସମିସ): ଭଦ୍ରକ ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘ ପକ୍ଷରୁ "ହିନ୍ଦୀ ଦିବସ-୨୦୨୬' ସ୍ଥାନୀୟ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର ମୁଖ୍ୟ ଅତିଥି, ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ, କଟକର ଅଧ୍ୟକ୍ଷ ପ୍ରଫେସର ସତ୍ୟରଞ୍ଜନ ପଣ୍ଡା ମୁଖ୍ୟ ବକ୍ତା, ହିନ୍ଦୀ ଶିକ୍ଷା ସମିତି କଟକର ପ୍ରାକ୍ତନ ମହାସଚିବ ଶ୍ରୀବତ୍ସ କରଶର୍ମା, କୋଷାଧ୍ୟକ୍ଷ ନଟବର ରାଉଳ ତଥା ଭଦ୍ରକ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗ ଅଧ୍ୟକ୍ଷ ଅନିଲ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ଦଶା ଓ ଦିଶା ବିଷୟରେ ଆଲୋକପାତ କରିଥିଲେ। ପ୍ରଦୀପ କୁମାର ଜେନାଙ୍କ ସମ୍ପାଦନାରେ ସଙ୍ଘର ମୁଖପତ୍ର 'ଭାବୋଦୟ'ର ଉନ୍ମୋଚନ କରାଯାଇଥିଲା। ସଂଘର ସଚିବ ପ୍ରକାଶ ଚନ୍ଦ୍ର ଖଟୁଆ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଭାପତି ଦେବକିଶୋର ଦାଶ ସଭାପତିତ୍ୱ କରିଥିଲେ। ସରୋଜ କୁମାର ପଣ୍ଡା ବେଦପାଠ କରିଥିଲେ। ସୁଶାନ୍ତ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନିଗ୍ଧାରାଣୀ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ହିନ୍ଦୀ ଦିବସ ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଦାୟୀ ହିନ୍ଦୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବକୁ ପଲ୍ଲବୀରାଣୀ ପ୍ରଧାନ, ପିଙ୍କି ପ୍ରିୟଦର୍ଶିନୀ ପଣ୍ଡା, ଶ୍ରୀକାନ୍ତ କୁମାର ପଣ୍ଡା, କାର୍ତ୍ତିକ ଚନ୍ଦ୍ର କର ପରିଚାଳନା କରିଥିବାବେଳେ ଜିଲ୍ଲାର ସମସ୍ତ ହିନ୍ଦୀ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାସନ୍ ଚାଉଳରୁ ବଞ୍ଚିତ ପକ୍ଷାଘାତ ରୋଗୀ

ବେତାଳିଗାଁ,୨୦।୯ (ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ସାନାଳପୁର ଗାଁର ପ୍ରାୟ ୭୦ ବର୍ଷୀୟା ବିଧବା ନେତ ଯେନା ପକ୍ଷାଘାତରେ ପୀଡ଼ିତ ହୋଇ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି। ସ୍ୱାମୀଙ୍କ ଅକାଳ ବିୟୋଗ ପରେ ସନ୍ତାନ ନ ଥିବାରୁ ସେ ବହୁ ଦିନରୁ ବାପଘରକୁ ଫେରିଆସି ଭାଇଙ୍କ ଆଶ୍ରୟରେ ରହୁଛନ୍ତି। ମୂଲମଜୁରୀ କରି ଜୀବନ ଚଳାଉଥିବା ଭାଇ ମଧ୍ୟ ବାତ ରୋଗରେ ଆକ୍ରାନ୍ତ ହେବାରୁ ପରିବାରର ଆର୍ଥିକ ସ୍ଥିତି ଦୟନୀୟ ହୋଇପଡ଼ିଛି। ଗତ ୩-୪ ବର୍ଷ ହେଲା ନେତ ପକ୍ଷାଘାତରେ ପୀଡ଼ିତ। ହାତ ଗୋଡ଼ ଅକାମୀ ହୋଇଥିବାରୁ ନିଜେ ଚଳପ୍ରଚଳ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ଭଙ୍ଗା ଚାଳ ଛପର ଘରେ ଅସହାୟ ଅବସ୍ଥାରେ ରହୁଥିବା ନେତଙ୍କୁ ସରକାରଙ୍କ ପକ୍ଷରୁ ମାସିକ ୧ ହଜାର ଟଙ୍କା ବିଧବା ଭତ୍ତା ମିଳୁଛି। ତେବେ ବ୍ୟାଙ୍କ ଯିବା ପାଇଁ ଅଟୋ ଭଡ଼ାରେ ପ୍ରାୟ ୩୦୦ ଟଙ୍କା ଖର୍ଚ୍ଚ ହୋଇଯାଉଥିବାରୁ ଅବଶିଷ୍ଟ ୭୦୦ ଟଙ୍କାରେ ଚଳିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ପୂର୍ବରୁ ତାଙ୍କୁ ରାସନ୍ ଚାଉଳ ମିଳୁଥିଲା। ମାତ୍ର ପକ୍ଷାଘାତ ପରେ ବାୟୋମେଟ୍ରିକ୍‌ରେ ଟିପ୍ ଚିହ୍ନଟ ନ ହେବାରୁ ରାସନ୍ ପାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ପରେ ବହୁ ଅନୁରୋଧ ପରେ ତାଙ୍କ ନାମ ଭାଉଜ ରୀନା ଯେନାଙ୍କ ରାସନ୍ କାର୍ଡରେ ସଂଯୋଗ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଡିଓ ଓ ରାସନ୍ ବିକ୍ରେତା ସହଯୋଗ କରିଥିବା ଜଣାପଡ଼ିଛି। କିଛି ମାସ ରାସନ୍ ପାଇବା ପରେ ଏବେ ପୁଣି ବାୟୋମେଟ୍ରିକ୍ ଟିପ ଦେବା ଆବଶ୍ୟକ ହେଉଥିବାରୁ ସେ ରାସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ପକ୍ଷାଘାତରେ ହାତ ଅକାମୀ ହୋଇଥିବାବେଳେ ନେତ ଟିପ ଦେବେ କିପରି ଏହାକୁ ନେଇ ପରିବାର ଓ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗତ ୩-୪ ମାସ ହେଲା ସେ ରାସନ୍ ଚାଉଳ ପାଇ ନ ଥିବା ଅଭିଯୋଗ ହୋଇଛି। ଅର୍ଥ ଓ ଲୋକବଳର ଅଭାବ ସାଙ୍ଗକୁ ଚଳପ୍ରଚଳ ପାଇଁ ତାଙ୍କ ପାଖରେ ହ୍ୱିଲ୍ ଚେୟାର ମଧ୍ୟ ନାହିଁ। ଏଭଳି ଅସହାୟ ବୃଦ୍ଧାଙ୍କ ସ୍ଥିତିକୁ ମାନବିକତା ଦୃଷ୍ଟିରେ ବିଚାର କରି ତୁରନ୍ତ ରାସନ୍ ଯୋଗାଣ ପୁନଃ ଆରମ୍ଭ, ବାୟୋମେଟ୍ରିକ୍ ସମସ୍ୟାର ବିକଳ୍ପ ବ୍ୟବସ୍ଥା, ହ୍ୱିଲ୍ ଚେୟାର, ଆବଶ୍ୟକ ଚିକିତ୍ସା ସହାୟତା ଏବଂ ଯୋଗ୍ୟ ସରକାରୀ ସୁବିଧା ତାଙ୍କ ନିକଟରେ ପହଞ୍ଚାଇବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ଟିପ ଚିହ୍ନ ଦେଇପାରୁନାହାନ୍ତି ବୃଦ୍ଧା ନେତ ଯେନା**




## ସହିଦ ସ୍ମୃତି ସ୍ମାରକୀ ପ୍ରତିଯୋଗିତା



ସହିଦନଗର,୨୦।୯ (ସମିସ): ଧାମନଗର ବ୍ଲକ୍ ସହିଦ ନଗରସ୍ଥିତ ସହିଦ ସ୍ମୃତି ରକ୍ଷା ସମିତି ପକ୍ଷରୁ ୩ୟ ବାର୍ଷିକ ଜିଲ୍ଲାସ୍ତରୀୟ ସହିଦ ସ୍ମାରକୀ ପ୍ରତିଯୋଗିତା ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ ଲିଖନ ବକ୍ତୃତା ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ବିଭାଗକୁ ନେଇ ୧୫୫ ଜଣ ସ୍କୁଲ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଭଦ୍ରକ ବ୍ଲକ୍ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ପ୍ରଧାନଶିକ୍ଷକ ସମୀର ଜେନା, ସାହିତ୍ୟିକ ଶରତ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମିତି ଉପସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ଆଭିମୁଖ୍ୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର, ବରିଷ୍ଠ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସାହିତ୍ୟିକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଗାଳ୍ପିକ ଅଧ୍ୟାପକ ଧୀରଞ୍ଜନ ପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ବରିଷ୍ଠ ଚିତ୍ରଶିଳ୍ପୀ ରତିକାନ୍ତ ନାୟକ, ଶିକ୍ଷକ ଧର୍ମେନ୍ଦ୍ର ଦାସ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ ପ୍ରମୁଖ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୨ ତାରିଖ ୮୪ତମ ସହିଦ ଦିବସ ସମାରୋହରେ ପୁରସ୍କୃତ କରାଯିବ ବୋଲି ସ୍ମୃତିରକ୍ଷା ସମିତି ପକ୍ଷରୁ କୁହାଯାଇଛି।

## ସନ୍ଦୀପ ସ୍ୱାଇଁ ଧୂଷୁରୀ ଏନ୍‌ଏସି ବିଜେଡି ସଭାପତି ନିଯୁକ୍ତ



ଭଦ୍ରକ,୨୦।୯ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ନୂତନ ଭାବେ ଗଠିତ ଧୂଷୁରୀ ଏନ୍‌ଏସିର ପ୍ରଥମ ବିଜେଡି ନଗର ସଭାପତି ଭାବେ ଯୁବନେତା ସନ୍ଦୀପ ଶଙ୍କର ସ୍ୱାଇଁ(ମଣ୍ଟୁ)ଙ୍କୁ ନିଯୁକ୍ତି ମିଳିଛି। ଜଣେ ଲଢୁଆ ଯୁବ ବିଜେଡି ନେତା ଭାବେ ପରିଚିତ ଶ୍ରୀ ସ୍ୱାଇଁଙ୍କ ସମେତ ଧୂଷୁରୀ ଏନ୍‌ଏସି ବିଜେଡି କମିଟିର ମୋଟ୍ ୧୧ ଜଣଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଦେଶକ୍ରମେ ଦଳର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀପ୍ରସାଦ ମିଶ୍ର ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ସମ୍ପ୍ରତି ଧୂଷୁରୀ ସେବା ସମବାୟ ସମିତିର ସଭାପତି ଦାୟିତ୍ୱରେ ଥିବା ଶ୍ରୀ ସ୍ୱାଇଁ ଆଗାମୀ ଦିନରେ ଧୂଷୁରୀ ଏନ୍‌ଏସି ଅଞ୍ଚଳରେ ବିଜେଡିକୁ ଅଧିକରୁ ଅଧିକ ସଶକ୍ତ କରିବାକୁ ସଂକଳ୍ପବଦ୍ଧ ବୋଲି କହିବା ସହ ତାଙ୍କର ଏହି ନୂତନ ନିଯୁକ୍ତି ଲାଗି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ଏବେର ଧାମନଗର ବ୍ଲକ୍ ଅଧ୍ୟକ୍ଷ ଶର୍ମିଷ୍ଠା ବେହେରାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।

# ୯୪ ବର୍ଷୀୟା ବୃଦ୍ଧାଙ୍କୁ ୬ ମାସ ହେଲା ମିଳୁନି ଭତ୍ତା

### ଅଭାବ ଅନାଟନ ଭିତରେ ଜୀବନ ସହ ସଂଗ୍ରାମ କରୁଛନ୍ତି ରୋବେତୁନ ବିବି



ଧାମନଗର/ଅସୁରାଳି,୨୦।୯ (ସମିସ): ଧାମନଗର ବ୍ଲକ୍ ସାହାସପୁର ପଞ୍ଚାୟତ ଅଧୀନ ଜଗନ୍ନାଥ ସାହି ଗାଁର ବୃଦ୍ଧା ରୋବେତୁନ ବିବି(୯୪) ବୟସାଧିକ୍ୟ ସହ ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ ନିଜେ କୌଣସି କାର୍ଯ୍ୟାଳୟକୁ ଯାଇ ନିଜ ସମସ୍ୟା ଜଣାଇବା ସମ୍ଭବ ହେଉନାହିଁ। ବୟସର ଅପରାହ୍ଣରେ ପହଞ୍ଚିଛନ୍ତି ବୃଦ୍ଧା ରୋବେତୁନ ବିବି। ଶରୀର ଅସୁସ୍ଥ। ଚାଲିବାକୁ ଶକ୍ତି ନାହିଁ। ଏଭଳି ସମୟରେ ତାଙ୍କ ପାଇଁ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାର ଭତ୍ତା ଥିଲା ଏକମାତ୍ର ଆଶା। ହେଲେ ଦୀର୍ଘ ୬ ମାସ ହେଲା ସେହି ଭତ୍ତା ବନ୍ଦ ହୋଇଯାଇଥିବାରୁ ଅଭାବ ଅନାଟନ ମଧ୍ୟରେ ଦୁଃଖରେ ଦିନ କାଟୁଛନ୍ତି ରୋବେତୁନ।

ସୂଚନାନୁଯାୟୀ, ଗତ ୬ ମାସ ହେବ ମଧୁବାବୁ ପେନ୍‌ସନ୍ ଯୋଜନାର ଭତ୍ତା ପାଇନାହାନ୍ତି। ଭତ୍ତା ବନ୍ଦ ହୋଇଯିବା ପରେ ପରିବାର ଲୋକେ ଏନେଇ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ପଞ୍ଚାୟତ ଅଧିକାରୀ, ସରପଞ୍ଚ ଏବଂ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିବା କହିଛନ୍ତି। ହେଲେ ଦୀର୍ଘଦିନ ଧରି ଦୌଡ଼ି ଦୌଡ଼ି ମଧ୍ୟ ଭତ୍ତା ପାଇପାରୁ ନାହାନ୍ତି। ବୟସର ଭାରରେ ନଇଁ ପଡ଼ିଥିବା ରୋବେତୁନଙ୍କ ପାଇଁ ଏହି ଭତ୍ତା ତାଙ୍କ ଦୈନନ୍ଦିନ ଜୀବନର ଏକ ମୁଖ୍ୟ ଆଶ୍ରୟ। ଔଷଧ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ଅର୍ଥର ଆବଶ୍ୟକତା ରହିଛି। କିନ୍ତୁ ୬ ମାସ ଧରି ଭତ୍ତା ନ ମିଳିବାରୁ ପରିବାର ଉପରେ ମଧ୍ୟ ଅତିରିକ୍ତ ଆର୍ଥିକ ଚାପ ପଡୁଥିବା କୁହାଯାଉଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସମସ୍ୟା ସମାଧାନ ପାଇଁ ସେମାନେ ଅନେକଥର ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଯାଇଛନ୍ତି। ତଥାପି ଏପର୍ଯ୍ୟନ୍ତ ଭତ୍ତା ମିଳୁନାହିଁ। ଜଣେ ୯୪ ବର୍ଷୀୟା ବୃଦ୍ଧାଙ୍କୁ ନିଜ ଅଧିକାରର ଭତ୍ତା ପାଇଁ ବାରମ୍ବାର କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଥିବା ଘଟଣା ଏବେ ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଛି। ଏଭଳି ବୃଦ୍ଧ ଓ ଅସହାୟ ହିତାଧିକାରୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ବୃଦ୍ଧା ରୋବେତୁନ ବିବିଙ୍କ ଭତ୍ତା ସମ୍ପର୍କିତ ତଥ୍ୟ ଯାଞ୍ଚ କରି ବକେୟା ଭତ୍ତା ସହ ନିୟମିତ ଭତ୍ତା ପ୍ରଦାନର ବ୍ୟବସ୍ଥା କରିବାକୁ ପରିବାର ପକ୍ଷରୁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ନିକଟରେ ଦାବି କରାଯାଇଛି।

### ବନ୍ୟା ଉଜାଡ଼ିଦେଲା ଚାଷ; ରଣ ଶୁଝିବା ଚିନ୍ତାରେ ଚାଷୀ

# ଋଣ ଛାଡ଼ ନିମନ୍ତେ ନାନ୍ଦପୁର ପଞ୍ଚାୟତରେ ଚାଷୀ ମେଳି



ଆରଡ଼ି,୨୦।୯ (ସମିସ): ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଲଗାତାର ପାଞ୍ଚ ଥର ବନ୍ୟା ଆସିବା ଫଳରେ ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନାନ୍ଦପୁର, ଆରଡ଼ି, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର ପ୍ରାୟ ୨୪ଟି ଗ୍ରାମ ପାଖାପାଖି ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଜଳମଗ୍ନ ହୋଇ ରହିଲା। ବୈତରଣୀ ନଦୀରେ ବୋଡକଠାରେ ସୃଷ୍ଟି ହୋଇଥିବା ୫୦୦ ଫୁଟ୍ ଲମ୍ବର ଘାଇ ଯୋଗୁଁ ଟିକେ ନଦୀରେ ପାଣି ବଢ଼ିଲେ ପୂରା ତଳିଆ ଅଞ୍ଚଳ ବୁଡ଼ିଯାଉଥିଲା। ଲଗାଣ ବର୍ଷା ସହିତ ବାରମ୍ବାର ବନ୍ୟା ଫଳରେ ଏହି ଅଞ୍ଚଳର ଚାଷ ଜମିଗୁଡ଼ିକ ସମ୍ପୂର୍ଣ୍ଣ ପାଣିରେ ଦୁଇ ମାସରୁ ଊର୍ଦ୍ଧ୍ୱ ବୁଡ଼ିକି ରହିଲା। ବନ୍ୟା ଆସିବା ପୂର୍ବରୁ ଆରଡ଼ି ଅଞ୍ଚଳରେ ସମ୍ପୂର୍ଣ୍ଣ ଚାଷ କାମ ସରିଯାଇଥିବାରୁ ବନ୍ୟା ଛାଡ଼ିବା ପରେ ଚାଷୀମାନଙ୍କ ପାଖରେ ନା ଥିଲା ବିହନ ନା ସମୟ ନା ସମ୍ବଳ। ପୂରାପୂରି ଅସହାୟ ଅବସ୍ଥାରେ ଥିଲେ ଚାଷୀ। ଏହି ଅଞ୍ଚଳରେ କେବଳ ଧାନ ଚାଷ ହିଁ ହୋଇଥାଏ। ଚାଷୀମାନେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆରଡ଼ି ଶାଖା ଓ ଚାନ୍ଦବାଲି ସମବାୟ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ, ଯାହା ସମ୍ପୂର୍ଣ୍ଣ ଭାବେ ବନ୍ୟାରେ ନଷ୍ଟ ହୋଇଯାଇଛି। ଆଜି ଚାଷୀର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଚାଷୀଙ୍କ ଦୁଃଖ କହିଲେ ନ ସରେ। ବର୍ତ୍ତମାନ ଜମିରୁ ପାଣି ଛାଡ଼ିଯାଇଥିଲେ ବି ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ଗଜା ଧୋଇ ନିମନ୍ତେ ଇନ୍‌ପୁଟ୍ ଟଙ୍କା ସହିତ ପୂର୍ଣ୍ଣ ଭାବରେ ଋଣ ଛାଡ଼ କରିବା ନିହାତି ଜରୁରୀ ହୋଇ ପଡ଼ିଛି। ରବିବାର ନାନ୍ଦପୁର ପଞ୍ଚାୟତର ଶତାଧିକ ଚାଷୀ ଭୂଇଁପୁର ତାରିଣୀ ଛକ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ବୈଠକ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଋଣ ଛାଡ଼ ଓ ଧୋଇ ଟଙ୍କା ପ୍ରଦାନ ସହିତ ପୁନଶ୍ଚ ରବି ଚାଷ ନିମନ୍ତେ ବିହନ ଯୋଗାଇଦେବା ପାଇଁ ଦାବି କରିଛନ୍ତି।

ଏହି ଚାରି ପଞ୍ଚାୟତରେ ଚାଷ ହୋଇଥିବା ୩୩୦୦ ହେକ୍ଟର ଚାଷ ଜମିରେ ଆଦୌ ଧାନ ଗଛ ନ ଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। ବିଶେଷକରି ନାନ୍ଦପୁର ପଞ୍ଚାୟତର ପହଣା, ବାଙ୍କାମୁହାଁ, ପାଳଟପୁର, ଭୂଇଁପୁର, କୋଇଲେଖା ଓ ନାନ୍ଦପୁର ଗାଁର ଚାଷୀମାନେ ଏକତ୍ରିତ ହୋଇ ଜିଲ୍ଲାପାଳ ଭଦ୍ରକ, ବିଧାୟକ ଚାନ୍ଦବାଲି, ସାଂସଦ ଭଦ୍ରକ, କୃଷି ମନ୍ତ୍ରୀ ଓଡ଼ିଶା ସରକାରଙ୍କ ନିକଟରେ ଦରଖାସ୍ତ ମାଧ୍ୟମରେ ଦାବି ଜଣାଇଛନ୍ତି। ଯଦି ଆଗାମୀ ଦିନରେ ସରକାର ସେମାନଙ୍କ କଥା କର୍ଣ୍ଣପାତ ନ କରନ୍ତି ଚାଷୀମାନେ ବାଧ୍ୟ ହୋଇ ନିଜର ନ୍ୟାର୍ଯ୍ୟ ଦାବି ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ; ସହକାରୀ ଶିକ୍ଷକ ନିଲମ୍ବିତ

ବନ୍ତ/ଆଗରପଡ଼ା,୨୦।୯ (ସମିସ)

କର୍ତ୍ତବ୍ୟରେ ଚରମ ଅବହେଳା, ଉପରିସ୍ଥ ଅଧିକାରୀଙ୍କୁ ଅବାଧ୍ୟତା ଏବଂ ବେଆଇନ ଭାବେ ସ୍କୁଲ ରେକର୍ଡ ନିଜ ପାଖରେ ରଖିବା ଅଭିଯୋଗରେ ବନ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସରମରାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସୋମନାଥ ବିଶ୍ୱାଳଙ୍କୁ ତତ୍କାଳ ଚାକିରିରୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ଓଡ଼ିଶା ନାଗରିକ ସେବା (ବର୍ଗୀକରଣ, ନିୟନ୍ତ୍ରଣ ଓ ଅପିଲ୍) ନିୟମାବଳୀ, ୧୯୬୨ର ନିୟମ-୧୨ ଅନୁସାରେ ବ୍ଲକ୍ ଶିକ୍ଷା ଅଧିକାରୀ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ବିରୋଧରେ ଅସତ୍ ଉଦ୍ଦେଶ୍ୟ ରଖି ସ୍କୁଲର ସରକାରୀ ନଥିପତ୍ର ଅନଧିକୃତ ଭାବେ ନିଜ ହେପାଜତରେ ରଖିବା ଭଳି ଗୁରୁତର ଅଭିଯୋଗ ରହିଛି। ଏହି ଘଟଣାରେ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ମଧ୍ୟ କରାଯିବ। ନିଲମ୍ବନ ଅବଧି ମଧ୍ୟରେ ତାଙ୍କର ମୁଖ୍ୟ କାର୍ଯ୍ୟାଳୟ ତେଲନଦୀ ସ୍ଥିତ ବାଲିପୋଖରୀ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି। ଏହି ସମୟରେ ସେ କୌଣସି ଅନ୍ୟ ବ୍ୟବସାୟ ବା ଚାକିରିରେ ନିୟୋଜିତ ନ ଥିବାର ପ୍ରମାଣପତ୍ର ଦାଖଲ କରିବା ପରେ ତାଙ୍କୁ ୫୦ ପ୍ରତିଶତ ଗୁଜୁରାଣ ଭତ୍ତା ମିଳିବ ବୋଲି ଆଦେଶରେ କୁହାଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସରମରା ପିଡିଏମ୍ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଏହି ନିଲମ୍ବନ ଆଦେଶ ପଠାଯିବା ସହ ଶ୍ରୀ ବିଶ୍ୱାଳଙ୍କଠାରୁ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ତୁରନ୍ତ ବୁଝିନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ଏବେ ସ୍ଥାନୀୟ ଶିକ୍ଷା ବିଭାଗରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

**ଉଭୟ ପୂର୍ବତନ ଓ ଏବେର ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା**

ପ୍ରକାଶ ଥାଉକି, ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରମରାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରୁ ପ୍ରଥମେ ଅଗଷ୍ଟ ୧୧ ତାରିଖରେ ୯୫ ହଜାର ଟଙ୍କା ଚେକ୍ ମାଧ୍ୟମରେ କାବବରାଙ୍ଗସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ଉଠାଯାଇଥିଲା। ତା'ପରେ ପୁଣି ଅଗଷ୍ଟ ୨୪ ତାରିଖରେ ୬୨ ହଜାର ଟଙ୍କା ଉଠାଉଥିବାବେଳେ ସନ୍ଦେହ ହେବାରୁ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବ୍ୟାଙ୍କ ଅଧିକାରୀ ଫୋନ୍ ମାଧ୍ୟମରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅଭିଷେକ ସାହୁ ନାମକ ବ୍ୟକ୍ତି ୬୨ ହଜାର ଟଙ୍କା ଉଠାଇବାକୁ ଆପଣଙ୍କ ବିଦ୍ୟାଳୟର ଚେକ୍ ନେଇ ଆସିଥିବାର ଜଣାଇଥିଲେ। ମାତ୍ର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟରୁ ଟଙ୍କା ଉଠାଣ ପାଇଁ କାହାରିକୁ ଚେକ୍ ପ୍ରଦାନ କରାଯାଇ ନ ଥିବା ପ୍ରକାଶ କରିଥିଲେ। ତାଙ୍କ ଉତ୍ତର ପାଇବା ପରେ ବ୍ୟାଙ୍କ ଅଧିକାରୀ ଚେକ୍ କ୍ଲିୟର କରି ନ ଥିଲେ। ପରେ ଏ ବାବଦରେ ଉକ୍ତ ବିଦ୍ୟାଳୟ ତରଫରୁ ଏକ ଏତଲା ବନ୍ତ ଥାନାରେ କରାଯାଇଥିବା ଜଣାପଡ଼ିଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନ ଏବଂ ଅନ୍ୟଜଣେ ସହକାରୀ ଶିକ୍ଷୟିତ୍ରୀଙ୍କ ନାମରେ କାଦବରାଙ୍ଗସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଏକ ଯୁଗ୍ମ ଆକାଉଣ୍ଟ ରହିଛି। ଅଢ଼େଇ ମାସ ହେବ ନୂତନ ଭାବେ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ପ୍ରିୟମ୍ବଦା ରାଉତଙ୍କୁ ଉଭୟ କେଉଁ କାରଣରୁ ଆର୍ଥିକ କାରବାର ଦାୟିତ୍ୱ ପ୍ରଦାନ କରି ନ ଥିଲେ ବା ସେମାନେ ଜାଣିଶୁଣି ଦାୟିତ୍ୱ ଅର୍ପଣ କରି ନ ଥିଲେ ଏବଂ ସରକାରୀ ବିଦ୍ୟାଳୟର ଚେକ୍ କିପରି ଦୁଇ ଦୁଇ ଅନ୍ୟ ହାତକୁ ଗଲା, ଯାହା କି ତଦନ୍ତସାପେକ୍ଷ। ଏସବୁ ଜାଣିଶୁଣି ଉକ୍ତ ବିଦ୍ୟାଳୟରୁ ସରକାରଙ୍କ ଅର୍ଥକୁ ହରିଲୁଟ୍ କରାଯାଉଥିବାର ଅନୁମେୟ ଅଟେ।

ଏହି ସବୁ ଅଭିଯୋଗକୁ ନେଇ ସୂଚନା ଅଧିକାର କର୍ମୀ ବିକାଶ ଧଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ୍ ଶିକ୍ଷାଧିକାରୀ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷାଧିକାରୀ ସରମରା ପିଡିଏମ୍ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନ ଏବଂ ଏବେର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେଣୁ ଉଭୟଙ୍କ ସମୟସୀମା ସରିଯିବା ପରେ ତାଙ୍କ ଉପରେ ଜିଲ୍ଲା ଶିକ୍ଷାଧିକାରୀ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାକୁ ସମସ୍ତଙ୍କ ଅପେକ୍ଷା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ଫାଇଲ୍ ନାଲି ଫିତା ତଳେ ରହିଯିବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ଭଦ୍ରକରେ ଡକାୟତି ଯୋଜନା ପଣ୍ଡ; ୨ ଗିରଫ

**ଭଦ୍ରକ,୨୦।୯ (ସମିସ):** ଡକାୟତି ପାଇଁ ଅସ୍ତ୍ରଶସ୍ତ୍ର ସହ ଏକାଠି ହୋଇଥିବା ଏକ ଗ୍ୟାଙ୍ଗ୍‌ର ଯୋଜନାକୁ ପଣ୍ଡ କରିଛି ଭଦ୍ରକ ଟାଉନ୍ ଥାନା ପୁଲିସ। ସହରାଞ୍ଚଳର ବାଗୁରାଇ ପଡ଼ିଆରେ ଚଢ଼ଉ କରି ପୁଲିସ ୨ ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୩ ଜଣ ଫେରାର୍ ହୋଇଯାଇଛନ୍ତି।

ପୁଲିସ ସୂଚନାନୁଯାୟୀ, ଗତ ଶନିବାର ଭୋର୍ ପ୍ରାୟ ୩ଟା ୧୫ରେ ଏସ୍‌ଆଇ ଚମ୍ପାବତୀ ମାରାଣ୍ଡିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ବାଗୁରାଇ ପଡ଼ିଆରେ ୫ ଜଣ ମାରଣାସ୍ତ୍ର ସହ ଡକାୟତି ପାଇଁ ଏକାଠି ହୋଇଥିବା ଖବର ମିଳିଥିଲା। ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଘେରଉ କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଦୌଡ଼ି ପଳାଇଥିବାବେଳେ ୨ଜଣ ଧରାପଡ଼ିଥିଲେ। ଅନ୍ୟ ୩ ଜଣ ବାଇକ୍‌ରେ ଖସି ପଳାଇଥିଲେ। ଗିରଫ ୨ଜଣ ହେଲେ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ପାତ୍ରସାହିର ତାପସ ପାତ୍ର(୨୪) ଓ ଇନ୍ଦୁପୁରାର ସତ୍ୟବ୍ରତ ଦାସ (୨୫)। ସେମାନଙ୍କଠାରୁ ଗୋଟିଏ ଲୁହାରଡ୍, ଗୋଟିଏ ଛୁରୀ, ୨ଟି ମୋବାଇଲ୍, ୫ଟି ବିଅର ବୋତଲ, ସିଗାରେଟ୍ ଓ ଏକ ବାଇକ୍ (ଓଡି-୦୯-ଏଡି-୨୪୭୮) ଜବତ ହୋଇଛି। ଏନେଇ ଭଦ୍ରକ ଟାଉନ୍ ଥାନାରେ କେସ୍ ନମ୍ବର ୫୭୪/୨୦୨୬ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଏ.ପି. ମହାପାତ୍ର ତଦନ୍ତଭାର ନେଇଥିବାବେଳେ ଫେରାର୍ ୩ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ତଦନ୍ତ ଜାରି ରଖିଛି।

**ମାରଣାସ୍ତ୍ର, ବାଇକ୍ ଓ ମୋବାଇଲ୍ ଜବତ; ୩ ଫେରାର୍**

## ପେପର ବିକି ପେଟ ପୋଷୁଛନ୍ତି ଯାତ୍ରା କଳାକାର ବିଦ୍ୟାଧର

**ବାରିକପୁର,୨୦।୯ (ସମିସ):** ସମୟ ଥିଲା ରାଜ ଦରବାରରେ ବୟୋଜ୍ୟେଷ୍ଠ କଳାକାରମାନଙ୍କୁ ରାଜାମାନେ ଧନରତ୍ନ ଦେଇ ସମ୍ମାନିତ କରୁଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି। ମଞ୍ଚରୁ ଅଭିନୟ ଛାଡ଼ିବା ପରେ ଅନେକ କଳାକାର ଦୁଃଖଦାୟକ ଭାବେ ଜୀବନ ଅତିବାହିତ କରୁଛନ୍ତି। ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ଗାଁର ଯାତ୍ରା କଳାକାର ବିଦ୍ୟାଧର ଜେନା ଏବେ ଦାରିଦ୍ର୍ୟର କଷାଘାତରେ ସଂଗ୍ରାମରତ। ଗାଁ ଡ୍ରାମାଠାରୁ ଯାତ୍ରା ମଞ୍ଚ ଯାଏଁ ଯାଇଥିବା କଳାକାର ଜଣକ ଏବେ ଆର୍ଥିକ ଅନାଟନ ଭିତରେ ଗତି କରୁଛନ୍ତି। ବିଦ୍ୟାଧର ଏବେ ଝାଟିମାଟି ଘରେ ରହୁଥିବା ସହ ପେପର ବିକ୍ରି କରି ପେଟ ପୋଷୁଛନ୍ତି।



**ଝାଟିମାଟି ଘରେ ବିତୁଛି ଜୀବନ**

ପାଖାପାଖି ୨୦ ବର୍ଷ ଧରି ଯାତ୍ରା ଜଗତରେ ପାର୍ଶ୍ୱ ନାୟକ ଭୂମିକାରେ ଅଭିନୟ କରିଥିବା ବିଦ୍ୟାଧରଙ୍କ ପ୍ରଥମ ଯାତ୍ରା ଗୁରୁ ହେଉଛନ୍ତି ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା। ତାଙ୍କ ଆଶୀର୍ବାଦକୁ ପାଥେୟ କରି ସେ ଫକୀରସାହାଣୀ, ମା' ବାସନ୍ତୀ, ସୁବର୍ଣ୍ଣ ରେଖା, ପାରିଜାତ ଆଦି ନାଟ୍ୟ ଅନୁଷ୍ଠାନରେ ଅଭିନୟ କରିଛନ୍ତି। ଯାତ୍ରା ମଞ୍ଚରେ ଐତିହାସିକ, ପୌରାଣିକ, କାଳ୍ପନିକ, ସାମାଜିକ ନାଟକରେ ସେ ନିଖୁଣ ଅଭିନୟ କରିଛନ୍ତ। ସେତେବେଳେ ଯାତ୍ରା ପାର୍ଟିରେ କଳାକାରମାନଙ୍କୁ ଆଜିକାଲି ପରି ଏତେଟା ଆର୍ଥିକ ସହାୟତା ମିଳୁ ନ ଥିଲା। ତେଣୁ ବିଦ୍ୟାଧର ଯାତ୍ରା ପାର୍ଟିରୁ ବିଦାୟ ନେଇଥିଲେ। ଗାଁରେ ଶ୍ରମଜୀବୀ ଭାବେ ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ହେବ ବିଦ୍ୟାଧରଙ୍କ ୨ଟି ଝିଅ ବିବାହ ହୋଇଥିବାବେଳେ ସ୍ୱାମୀ-ସ୍ତ୍ରୀ ଦୁହେଁ ଏବେ ଚଳିବା କଷ୍ଟକର ହେଉଛି। ୫ ଗୁଣ୍ଠ ଜମି ଓ ରାସନ ଚାଉଳ ଗଣ୍ଡାକ ଦୁହିଁଙ୍କ ଚଳିବା ପାଇଁ ନିଅଣ୍ଟ ହେଉଛି। ଏହାଛଡ଼ା ରୋଗାକ୍ରାନ୍ତ ପତ୍ନୀଙ୍କ ଔଷଧ ଖର୍ଚ୍ଚ ମଧ୍ୟ ରହିଛି। କିଛି ରୋଜଗାର ପାଇଁ ଗାଁକୁ ଗାଁ ବୁଲି ପେପର ବିକୁଥିବା କଳାକାର ଜଣକ ବର୍ଷ ବର୍ଷ ଧରି ଝାଟିମାଟି ଘରେ ରହୁଛନ୍ତି। ସରକାରୀ ଭାବେ ବାସଗୃହ କିମ୍ବା କଳାକାର ଭତ୍ତାଟିଏ ମଧ୍ୟ ସେ ପାଇନାହାନ୍ତି। ନିଜ ଅଭିନୟ ଯାଦୁରେ ଅନେକ ଦର୍ଶକଙ୍କ ମନୋରଞ୍ଜନ କରିଥିବା କଳାକାର ଜଣକ ମନ ଏବେ ସତେଯେମିତି ମଳିନ ପଡ଼ିଯାଇଛି। ଅନେକ ଦାରିଦ୍ର୍ୟତା ଭିତରେ ଜୀଇଁ ରହିଥିବା ଶାନ୍ତସରଳ ସ୍ୱାଭିମାନ କଳାକାର ବିଦ୍ୟାଧର ଏ ବିଷୟରେ କେବେ କେଉଁଠି ମଧ୍ୟ ସ୍ୱର ଉତ୍ତୋଳନ କରିନାହାନ୍ତି। ସରକାର ବରିଷ୍ଠ କଳାକାରମାନଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ବେଳେ ବିଦ୍ୟାଧରଙ୍କ କ୍ଷେତ୍ରରେ କିନ୍ତୁ ବ୍ୟତିକ୍ରମ ଘଟିଛି। ଏପରି ସ୍ଥଳେ ୬୫ ବର୍ଷୀୟ କଳାକାର ଜଣଙ୍କୁ ବାସଗୃହ ସହିତ କଳାକାର ଭତ୍ତାଟିଏ ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ବିଷ୍ଣୁ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଦୋଳସାହି,୨୦।୯ (ସମିସ):** ବିଶିଷ୍ଟ ସାହିତ୍ୟିକ, କବି, ସାମ୍ବାଦିକ, ଘାସଫୁଲ ଓଡ଼ିଆ ପତ୍ରିକାର ସମ୍ପାଦକ ତଥା ପ୍ରାକ୍ତନ ବିଧାୟକ ବିଷ୍ଣୁ ସେଠୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ତିହିଡ଼ି ବ୍ଲକ୍ ଅଧୀନ କୁବେରା ପଞ୍ଚାୟତର ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଓ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବା ସହ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଐଶାନ୍ୟ ଚଣ୍ଡୀ ମଣ୍ଡଳ ସଭାପତି ସାଇ ଶରଣ ବେହେରା ନେତୃତ୍ୱ ନେଇଥିଲେ।



## ସାଳନ୍ଦୀରେ ବୁଡ଼ି ମହିଳା ମୃତ

**ବନ୍ତ/ଆଗରପଡ଼ା,୨୦।୯ (ସମିସ):** ରବିବାର ସାଳନ୍ଦୀ ନଦୀରେ ବୁଡ଼ିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାର ଜଣାପଡ଼ିଛି। ମହାନ୍ତିପଡ଼ା ଗ୍ରାମର ବାବାଜୀ ଚରଣ ସାହୁଙ୍କ ସ୍ତ୍ରୀ କୌଶଲ୍ୟା ସାହୁ(୭୦) ସବୁଦିନ ପରି ରବିବାର ମଧ୍ୟ ସାଳନ୍ଦୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବୁଡ଼ି ଯାଇଥିବାର ଆଶଙ୍କା କରି କୌଶଲ୍ୟାଙ୍କୁ ଖୋଜାଖୋଜି କରିଥିଲେ। ପରେ ଦମକଳ ବାହିନୀ ଖୋଜାଖୋଜି ଆରମ୍ଭ କରିଥିଲା। ଏହି ଗ୍ରାମର ଅମର ଶତପଥି ଓ ସତ୍ୟପ୍ରକାଶ ପଢ଼ିଆରୀ କୌଶଲ୍ୟା ବାଉଁଶ ବୁଦାରେ ଲାଗିଥିବାର ଦେଖି ଦମକଳ ବାହିନୀକୁ କହିବା ପରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ଅଣାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

## ଜୀବନଜ୍ୟୋତି ପଲାଇ ତିହିଡ଼ି ବ୍ଲକ୍ ବିଜେଡି ସମ୍ପାଦକ



**ତିହିଡ଼ି,୨୦।୯ (ସମିସ):** ପାଳିଆ ପଞ୍ଚାୟତ ସମିତିସଭ୍ୟ ଜୀବନଜ୍ୟୋତି ପଲାଇଙ୍କୁ ତିହିଡ଼ି ବ୍ଲକ୍ ବିଜେଡିର ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ତୃଣମୂଳସ୍ତରରେ ଲୋକଙ୍କ ସହ ଯୋଗାଯୋଗ ଓ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ସକ୍ରିୟ ଭୂମିକା ରହିଛି। ନୂଆ ଦାୟିତ୍ୱ ମିଳିବା ପରେ ଜୀବନଜ୍ୟୋତି କହିଛନ୍ତି ଯେ, ଲୋକଙ୍କ ବିଶ୍ୱାସ, ଆଶୀର୍ବାଦ ଓ ସହଯୋଗକୁ ସାଥି କରି ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସେବାରେ ନିଷ୍ଠାର ସହ କାର୍ଯ୍ୟ କରିବି। ଆଗାମୀ ଦିନରେ ବିଜେଡିକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରାଯିବ। ଏହି ଦାୟିତ୍ୱ ପାଇବା ପରେ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲାର ସବୁ ନେତୃମଣ୍ଡଳୀଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ସାଧାରଣ ଲୋକଙ୍କ ନ୍ୟାୟ ଓ ଅଧିକାର ପାଇଁ ବିଜେଡି ପକ୍ଷରୁ ଦୃଢ଼ ପ୍ରତିବାଦର ସ୍ୱର ଉଠାଇବେ ବୋଲି ଜୀବନଜ୍ୟୋତି କହିଛନ୍ତି।

## ବାଳିକା ହାଇସ୍କୁଲ ଛାତ୍ରୀଙ୍କ ସଫଳତା





**ବନ୍ତ/ଆଗରପଡ଼ା,୨୦।୯ (ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ତମସା ନାଥ ଯୋଗରେ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ଚିମି ମୁର୍ମୁ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଜିଲ୍ଲାସ୍ତରରେ ଆୟୋଜିତ ଖେଳକୁଦ ପ୍ରତିଯୋଗିତାରେ ତମସା ପ୍ରଥମ ସ୍ଥାନ ଓ ଚିମି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ତଥା ବିଇଓ ଇନ୍‌ଚାର୍ଜ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ଭୀମସେନ ପାଳ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଞ୍ଜିତା ଶିଅଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ, ସାବିତ୍ରୀ ଦାଶ, ବିଦ୍ୟୁତ୍‌ଲତା ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ବନ୍ତ/ଆଗରପଡ଼ା,୨୦।୯ (ସମିସ):** ଆଗରପଡ଼ା ନିକଟସ୍ଥ ରାଉତରାପୁର ଗ୍ରାମର ସ୍ୱର୍ଗତ ରଙ୍ଗା ଖଟୁଆଙ୍କ ପୁତ୍ର ଯୁବ ବ୍ୟବସାୟୀ ଅର୍ଜୁନ ଖଟୁଆ (୪୭)ଙ୍କର ଅକାଳ ବିୟୋଗ ଘଟିଛି। ସେ ରବିବାର ଘରେ ବସିଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମେଡିକାଲରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଅର୍ଜୁନ ଜଣେ ଶାନ୍ତ, ସରଳ, ମେଳାପୀ ଓ ପରୋପକାରୀ ଯୁବକ ଥିଲେ। ତାଙ୍କର ବିଧବା ପତ୍ନୀ ସମେତ ୨ ପୁଅ-ଝିଅ ଅଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବଜ୍ରପାତ ମୁକାବିଲା ନିମନ୍ତେ ତାଳଗୋଟମା ରୋପଣ

**ତିହିଡ଼ି,୨୦।୯ (ସମିସ):** ବଜ୍ରପାତଜନିତ ମୃତ୍ୟୁ ଓ କ୍ଷୟକ୍ଷତି ରୋକିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ଲକ୍ଷ୍ୟରେ ଅଭିନବ ପ୍ରୟାସ ଆରମ୍ଭ କରିଛି ତିହିଡ଼ି ଯୁବମଞ୍ଚ। ତାଳ ଚାରା ରୋପଣ ଓ ସଂରକ୍ଷଣ ମାଧ୍ୟମରେ ବଜ୍ରପାତର ବିପଦ ହ୍ରାସ କରିବା ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ଚଳିତ ବର୍ଷ ମଧ୍ୟ ଆରମ୍ଭ ହୋଇଛି ମିଶନ ତାଳ ଗୋଟମା। ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରବିବାର କୁବେରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପାଳିଆ ନଦୀକୂଳରେ ୫୦ରୁ ଊର୍ଦ୍ଧ୍ୱ ତାଳ ମଞ୍ଜି ରୋପଣ କରାଯାଇଛି।



ଆଗାମୀ ଦିନରେ ତିହିଡ଼ି ବ୍ଲକ୍‌ର ବିଭିନ୍ନ ନଦୀକୂଳ, ପୋଖରୀ ହୁଡ଼ା ଏବଂ ଖୋଲା ସ୍ଥାନରେ ତାଳମଞ୍ଜି ରୋପଣ କରାଯିବ। ଏହି ଅଭିଯାନ କେବଳ ତାଳ ଚାରା ରୋପଣରେ ସୀମିତ ରହିବ ନାହିଁ। ତାଳଗଛର ଗୁରୁତ୍ୱ ଓ ଏହାର ସଂରକ୍ଷଣ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ବଜ୍ରପାତରୁ ସୁରକ୍ଷା ସହ ପରିବେଶର ସନ୍ତୁଳନ ରକ୍ଷା ଦିଗରେ ଏହି ପ୍ରୟାସ ଏକ ସକାରାତ୍ମକ ପଦକ୍ଷେପ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ତିହିଡ଼ି ଯୁବମଞ୍ଚର ପ୍ରତିବର୍ଷର ଏହି ପ୍ରୟାସକୁ ପ୍ରାକ୍ତନ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମଧ୍ୟ ଉଚ୍ଚପ୍ରଶଂସା କରିଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସମାଜସେବୀ ସନାତନ ସାହୁ, ଅଜୟ ବେହେରା, ନୀଳାମ୍ବର ସେଠୀ, ନିର୍ମଳ ଚନ୍ଦ୍ର ମହାଳିକ ଓ ଭବାନୀ ଶଙ୍କର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ତାଳ ମଞ୍ଜି ରୋପଣରେ ସହଯୋଗ କରିଥିଲେ।

## ଅଣପଞ୍ଜୀକୃତ ଠିକାଦାରଙ୍କୁ ଲକ୍ଷାଧିକ ଟଙ୍କା ପ୍ରଦାନ ଅଭିଯୋଗ

**ଭଦ୍ରକ,୨୦।୯ (ସମିସ):** ଜିଏସ୍‌ଟି ପଞ୍ଜୀକରଣ ନ ଥିବା ଠିକାଦାରଙ୍କୁ ସରକାରୀ ନିର୍ମାଣ କାର୍ଯ୍ୟ ବାବଦରେ ଲକ୍ଷାଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ଏବେ ଭଦ୍ରକ ପୂର୍ତ୍ତ ବିଭାଗ ପାଇଁ ଅଡୁଆ ସୃଷ୍ଟି କରିଛି। ଏହି ଘଟଣାରେ କୋରାପୁଟ ସିଟି ଏବଂ ଜିଏସ୍‌ଟି ସର୍କଲ୍‌ର ସହକାରୀ କମିସନର ଭଦ୍ରକ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନୋଟିସ୍ ଜାରି କରି ସମ୍ପୂର୍ଣ୍ଣ ତଥ୍ୟ ଓ ଦସ୍ତାବିଜ୍ ଦାଖଲ କରିବାକୁ କହିଛନ୍ତି। ଏହି ନୋଟିସ୍ ନଂ-୨୦୨୨/୧୯.୯.୨୬। ଆସନ୍ତା ୩୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ସମୟ ଦିଆଯାଇଛି।

ନୋଟିସ୍‌ରେ ଉଲ୍ଲିଖିତ ତଥ୍ୟ ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ 'ମେସର୍ସ ଦେବେନ୍ଦ୍ର ନାୟକ' ନାମରେ ଥିବା ଠିକାଦାରଙ୍କୁ ବିଭିନ୍ନ କାର୍ଯ୍ୟ ବାବଦରେ ବିଲ୍ ପେମେଣ୍ଟ କରାଯାଇଥିଲା। ତେବେ ଜିଏସ୍‌ଟି ବିଭାଗର ତଥ୍ୟ ଯାଞ୍ଚ ସମୟରେ ଉକ୍ତ ଠିକାଦାରଙ୍କ ଜିଏସ୍‌ଟି ପଞ୍ଜୀକରଣ ସ୍ଥିତି ନେଇ ପ୍ରଶ୍ନ ଉଠିଥିବା ନୋଟିସ୍‌ରୁ ଜଣାପଡ଼ିଛି। ଘଟଣାର ତଦନ୍ତ ପାଇଁ ଓଜିଏସ୍‌ଟି/ସିଜିଏସ୍‌ଟି ଆଇନ-୨୦୧୭ର ଧାରା ୧୫୦ ଅନୁଯାୟୀ ବିଭାଗଠାରୁ ବିଭିନ୍ନ ତଥ୍ୟ ମଗାଯାଇଛି। ଏଥିରେ ୨୦୨୨-୨୩ ଓ ୨୦୨୩-୨୪ର ସାର୍ଟିଫାଏଡ୍ ଲେଜର କପି, ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ସମୁଦାୟ ଅର୍ଥର ବିବରଣୀ, ପେମେଣ୍ଟ ମାଧ୍ୟମ ଓ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ମଗାଯାଇଛି। ସେହିପରି ୱାର୍କ ଅର୍ଡର, ଚୁକ୍ତିନାମା, ଏଷ୍ଟିମେଟ୍, ଟ୍ୟାକ୍ସ ଇନ୍‌ଭଏସ୍ ଏବଂ ଜିଏସ୍‌ଟି ଧାରା-୫୧ ଓ ଆୟକର ଆଇନ ଅନୁଯାୟୀ କଟାଯାଇଥିବା ଟିଡିଏସ୍ ଓ ଚାଲାଣର ବିବରଣୀ ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ନୋଟିସ୍ ଜାରି ପରେ ସରକାରୀ ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ଜିଏସ୍‌ଟି ସ୍ଥିତି ଯାଞ୍ଚ, ବିଲ୍ ପେମେଣ୍ଟ ଏବଂ ଟିଡିଏସ୍ କାଟ୍ ନିୟମର ଅନୁପାଳନ ନେଇ ପ୍ରଶ୍ନ ଉଠିଛି। ସେପ୍ଟେମ୍ବର ୩୦ ସୁଦ୍ଧା ପୂର୍ତ୍ତ ବିଭାଗ କ'ଣ ତଥ୍ୟ ଦେଉଛି ଏବଂ ତାହା ଆଧାରରେ ଜିଏସ୍‌ଟି ବିଭାଗର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ଉପରେ ଏବେ ନଜର।

**ଭଦ୍ରକ ପୂର୍ତ୍ତ ବିଭାଗକୁ ସିଟି ଏଣ୍ଡ ଜିଏସ୍‌ଟି ନୋଟିସ୍; ୩୦ ସୁଦ୍ଧା ତଥ୍ୟ ଦାଖଲ ନିର୍ଦ୍ଦେଶ**

## ବିନା ଟେଣ୍ଡରରେ ୩୯ କାମକୁ କାର୍ଯ୍ୟାଦେଶ!

**ଭଦ୍ରକ,୨୦।୯ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ବିନା ଟେଣ୍ଡରରେ ୩୯ଟି ମରାମତି କାମକୁ କାର୍ଯ୍ୟାଦେଶ ଦିଆଯାଇଥିବା ତଥ୍ୟ ବିଧାନସଭାରେ ସ୍ପଷ୍ଟ ହୋଇଛି। ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଏହି କାମ ମଧ୍ୟରେ ୧୭ଟି ରାସ୍ତା ଓ ୨୨ଟି କୋଠାବାଡ଼ି ମରାମତି ରହିଛି। ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ତାରକା ଚିହ୍ନିତ ପ୍ରଶ୍ନ ନଂ. ୯୧୨ର ଉତ୍ତରରେ ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଏହି ତଥ୍ୟ ଦିଆଯାଇଛି।

ବିଭାଗୀୟ ତଥ୍ୟ ଅନୁଯାୟୀ, ୨୩ ଅଗଷ୍ଟ ୨୦୧୮ ର ପୂର୍ତ୍ତ ବିଭାଗ ଅଫିସ୍ ମେମୋରାଣ୍ଡମ୍ ନମ୍ବର ୧୨୯୧୪ ଆଧାରରେ ଆବେଦନକାରୀ ଇଞ୍ଜିନିୟର ଠିକାଦାରଙ୍କୁ ଏହି କାମ ଦିଆଯାଇଛି। ନିୟମ ଅନୁଯାୟୀ 'ଏ' ଶ୍ରେଣୀର ଡିଗ୍ରୀଧାରୀ ଠିକାଦାରଙ୍କୁ ବର୍ଷକୁ ସର୍ବାଧିକ ୩ଟି ଏବଂ 'ବି' ଶ୍ରେଣୀର ଡିପ୍ଲୋମାଧାରୀ ଠିକାଦାରଙ୍କୁ ୨ଟି କାମ, ପ୍ରତ୍ୟେକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ବିନା ଟେଣ୍ଡରରେ ଦିଆଯାଇପାରିବ। ନରେନ୍ଦ୍ରପୁର, ପଞ୍ଚୁଟିକିରି, ବଡ଼ନହୁଣିପାଳ, ନାଉରିପୋଖରୀ ଓ ପୀରହାଟରେ ରାସ୍ତା ମରାମତି ଏବଂ ଘଣ୍ଟେଶ୍ୱର, ମୋଟୋ, ସାରଣା, ଆରଡ଼ି, କରଞ୍ଜମାଳ ଓ ଧାମରାରେ ଆର୍‌ଆଇ ଅଫିସ୍, ପୁଲିସ ଫାଣ୍ଡି ଓ ସରକାରୀ କର୍ମଚାରୀଙ୍କ ବାସଭବନ ମରାମତି କରାଯାଇଛି। ତେବେ ୨ ବର୍ଷରେ ବିନା ଟେଣ୍ଡରରେ ୩୯ଟି କାମକୁ କାର୍ଯ୍ୟାଦେଶ ଏବଂ ସମସ୍ତ କାମ ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ତଥ୍ୟ ଏବେ ଚାନ୍ଦବାଲିର ନିର୍ମାଣ କାର୍ଯ୍ୟକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ କରିଛି।

**ବିଧାନସଭାରେ ତଥ୍ୟ: ଚାନ୍ଦବାଲିରେ ୨ ବର୍ଷରେ ୫ ଲକ୍ଷରୁ କମ୍ ମୂଲ୍ୟର କାମ**

## ଜିଓମାର୍ଟ କର୍ମଚାରୀଙ୍କୁ ଆକ୍ରମଣ; ୩ ଜଣଙ୍କ ନାଁରେ ମାମଲା

**ଭଦ୍ରକ,୨୦।୯ (ସମିସ):** ଭଦ୍ରକ ଟାଉନ୍ ଥାନା ଅନ୍ତର୍ଗତ ନେହେରୁ ଷ୍ଟାଡିୟମ୍ ନିକଟରେ ଥିବା ଜିଓମାର୍ଟର ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ, ମାରପିଟ୍ ଓ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁସାରେ, ବାଂଶଡ଼ା ଥାନା ଅନ୍ତର୍ଗତ ହଳଦିଆ ଘଣ୍ଟେଶ୍ୱର ଅଞ୍ଚଳର ଦୀପ୍ତିକାନ୍ତ ସାହୁ ଭଦ୍ରକ ନେହେରୁ ଷ୍ଟାଡିୟମ୍ ନିକଟସ୍ଥ ଜିଓମାର୍ଟରେ କାର୍ଯ୍ୟ କରନ୍ତି। ଗତ ଶନିବାର ସେ କାର୍ଯ୍ୟରେ ଥିବା ସମୟରେ ମାନସ ନାୟକ, ଗିରିଧାରୀ ଓ ରାଜେନ୍ଦ୍ର ନାମକ ୩ ଜଣ ଯୁବକ ମଦ୍ୟପାନ କରି ତାଙ୍କୁ ଦୋକାନ ବାହାରକୁ ଡାକିଥିଲେ। ସେଠାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରି ତଳେ କଚାଡ଼ି ଦେଇଥିଲେ ଏବଂ ଆଙ୍ଗୁଠି ପକାଇଥିଲେ। ଏହା ସହ ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବା ସହ ପରିବାର ଲୋକଙ୍କୁ ଦେଖିନେବାକୁ ଧମକ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ଦୀପ୍ତିକାନ୍ତ ଭଦ୍ରକ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(ନଂ-୫୬୮/୨୬) ରୁଜୁ କରିଛି। ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସୁରେନ୍ଦ୍ର ରାଉତ ଏହି ମାମଲାର ତଦନ୍ତଭାର ଗ୍ରହଣ କରିଛନ୍ତି।

### ଆରଡ଼ିରେ ନାମକୁ ମାତ୍ର ଚାଲିଛି ସରକାରୀ ଆୟୁର୍ବେଦ ଚିକିତ୍ସାଳୟ

# ରାତ୍ରି ଜଗୁଆଳି ଓ ସଫେଇ କର୍ମଚାରୀ ଚଳାଉଛନ୍ତି ଡାକ୍ତରଖାନା

ଆରଡ଼ି,୨୦।୯ (ସମିସ)





**ସପ୍ତାହରେ ଥରେ ଆସନ୍ତି ଭାରପ୍ରାପ୍ତ ଡାକ୍ତର**

ଅତୀତରେ ଯେଉଁ ଆୟୁର୍ବେଦିକ ବିଜ୍ଞାନୀଗଣ ସେମାନଙ୍କର ଅଲୌକିକ ପ୍ରତିଭା ଓ ସାଧନା ବଳରେ ଭାରତୀୟ ଚିକିତ୍ସା ବିଜ୍ଞାନରେ ଉତ୍କର୍ଷ ସାଧନ ସହିତ ଚିକିତ୍ସା ବିଜ୍ଞାନର ବିଭିନ୍ନ ତଥ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ବହୁ ପୂର୍ବରୁ ଆୟୁର୍ବେଦିକ ଚିକିତ୍ସାର ବହୁଳ ଭାବେ ପ୍ରଚାରପ୍ରସାର ଥିବାରୁ ଓଡ଼ିଶା ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲ୍ଲା ଆଖଣ୍ଡଳମଣି ଧାମରେ ୧୯୪୯ ମସିହାରେ ଏକ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ପୂର୍ବାପେକ୍ଷା ଏହି ଚିକିତ୍ସାର ଗୁରୁତ୍ୱ ବର୍ତ୍ତମାନ କମିଥିଲେ ବି ଭିନ୍ନ ଭିନ୍ନ ଚେରମୂଳିରୁ ନିର୍ମିତ ବଜ୍ର କବଚ ଭଳି ଔଷଧ ବହୁ ଦରକାରୀ ହୋଇଥାଏ। କିନ୍ତୁ ପରିତାପର ବିଷୟ ୭୭ ବର୍ଷର ପୁରୁଣା ଏହି ଚିକିତ୍ସାଳୟ କେବଳ ନାମକୁ ମାତ୍ର ଚାଲିଛି। ଆବଶ୍ୟକ ଅନୁସାରେ ଘର, ଷ୍ଟୋର୍ ଘର, ଡାକ୍ତରଙ୍କ ଚ୍ୟାମ୍ବର, ରୋଗୀ ବସିବା ସ୍ଥଳ, ଶୌଚାଳୟ ଆଦି ସମସ୍ତ ବ୍ୟବସ୍ଥା ଥିବା ସତ୍ତ୍ୱେ ଏଠାକୁ ରୋଗୀ ନ ଆସିବାର କାରଣ କେବଳ ନିୟମିତ ଭାବେ ଡାକ୍ତର ନ ଆସିବା ହେତୁ ସୃଷ୍ଟି ହୋଇଛି। ସପ୍ତାହରେ ଗୋଟିଏ ଦିନ ଗୁରୁବାରକୁ ଛାଡ଼ିଦେଲେ ବାକି ୬ ଦିନ ଖୋଲା ରହିବାର ନିୟମ ଥିଲେ ବି ଏଠାରେ ନିଯୁକ୍ତି ଥିବା ଡାକ୍ତର ଗୌତମୀ ପ୍ରିୟଦର୍ଶିନୀ ମାତ୍ର ଦିନଟିଏ ଆସିବା ବି କଷ୍ଟ ହୋଇପଡୁଛି। ଏହି ଡାକ୍ତରଖାନାରେ ଜଣେ ଡାକ୍ତରଙ୍କ ସମେତ ଜଣେ ଆସିଷ୍ଟାଣ୍ଟ ସମର କୁମାର ମଳିକ ଓ ଜଣେ ସଫେଇ କର୍ମଚାରୀ ତାପସ କୁମାର ଦାସ ଓ ଜଣେ ରାତ୍ରି ଜଗୁଆଳି କ୍ଷୀରସିନ୍ଧୁ ମାଝୀ ନିଯୁକ୍ତି ହୋଇଥିବାବେଳେ ନିୟମିତ କେବଳ ରାତ୍ରି ଜଗୁଆଳି ଓ ସଫେଇ କର୍ମଚାରୀ ରହୁଛନ୍ତି।

ଶନିବାର ଖବର ସଂଗ୍ରହ କଲାବେଳେ ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ରୋଗୀ ପଞ୍ଜୀକରଣ ରେଜିଷ୍ଟର ବି ନ ଥିଲା। ପଚାରିବାରୁ ଉତ୍ତର ଆସିଲା ଡାକ୍ତର ନେଇଯାଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ସରକାର ଡାକ୍ତରଖାନା ପାଇଁ ସମସ୍ତ ସୁବିଧାସୁଯୋଗ ଦେବା ସହିତ ଔଷଧ ଓ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେଇ ମଧ୍ୟ ରୋଗୀ ସେବା ଆଦୌ ହେଉ ନାହିଁ। ଡାକ୍ତରଖାନାରେ ମୁଖ୍ୟ ହେଲେ ଡାକ୍ତର। ଯଦି ଡାକ୍ତର ନ ଆସିବେ ତାହେଲେ ଅବସ୍ଥା କ'ଣ ହେବ। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ପାଇ ଡ୍ୟୁଟିକୁ ନିୟମିତ ନ ଆସିବା ଏହା କି ପ୍ରକାର ସୌଜନ୍ୟତା। ସଫେଇ କର୍ମଚାରୀ ଓ ରାତ୍ରି ଜଗୁଆଳି ରୋଗୀ ଦେଖିବେ ଏହା ହେଉଛି ବାସ୍ତବତା। ଉକ୍ତ ଅଧିକାରୀ ଜଣକ ଭାବିବା ଦରକାର ସେ କାହାକୁ ଠକୁଛନ୍ତି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହିତ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଡାକ୍ତରଖାନରେ ପାଚେରି ଓ ମୁଖଶାଳା ନ ଥିବାରୁ ବୁଲା ଗାଇଗୋରୁ ଓ ଷଣ୍ଢମାନେ ପରିବେଶକୁ ଅପରିଷ୍କାର କରୁଛନ୍ତି। ସରକାର ତ୍ୱରିତ ବେଗରେ ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

**ଅବକାରୀ ବିଭାଗର ଚଢ଼ଉ**

# ଘରୁ ମହୁଲ ଓ ୩୦ ହଜାର ଟଙ୍କା ଜବତ

ବିଶୋଇ,୨୦।୯ (ସମିସ)



- ଅବକାରୀ ବିଭାଗ ବିରୁଦ୍ଧରେ ଥାନାରେ ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲା ଅବକାରୀ ବିଭାଗ

ବିଶୋଇ ଥାନା ଅନ୍ତର୍ଗତ ଏନ.ବି ପୋଖରିଆ ପଞ୍ଚାୟତ କୁଲଗିଡ଼ିହି ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଉକ୍ତ ଗ୍ରାମର ରାମାୟ ମାରାଣ୍ଡିଙ୍କ ଘର ମଧ୍ୟରେ ଅବକାରୀ ବିଭାଗର ଚଢ଼ଉ ସମୟରେ ବିଭାଗର ଅଧିକାରୀ ରାମାୟ ମାରାଣ୍ଡିଙ୍କ ଘର ମଧ୍ୟରୁ ମହୁଲ, ଆଧାରକାର୍ଡ ସହିତ ଘର ମଧ୍ୟରେ ଥିବା ୩୦ ହଜାର ନଗଦ ଟଙ୍କା ଜବତ କରି ବିଶୋଇ ଅବକାରୀ ଅଫିସକୁ ନେଇ ଆସିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ରାମାୟ ମାରାଣ୍ଡି ଆଜି ବିଶୋଇ ଥାନାରେ ଅବକାରୀ ବିଭାଗ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି।

ଗତ ଶୁକ୍ରବାର ଦିନ ଅବକାରୀ ବିଭାଗ ଡିଏସପି ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ବିଶୋଇ, ବହଳଦା ଓ ରାଇରଙ୍ଗପୁର ଅବକାରୀ ଥାନାର ଏକ ଟିମ ବିଶୋଇ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଏନବି ପୋଖରିଆ ପଞ୍ଚାୟତର କୁଲଗିଡ଼ିହି ଗ୍ରାମର ରାମାୟ ମାରାଣ୍ଡିଙ୍କ ବାସଗୃହରେ ମଧ୍ୟ ଚଢ଼ଉ କରି ଘର ମଧ୍ୟରେ ଗଚ୍ଛିତ ଥିବା ମହୁଲ ସହିତ ରାମାୟ ମାରାଣ୍ଡିଙ୍କ ସ୍ତ୍ରୀ କୋଇଲି ମାରାଣ୍ଡିଙ୍କ ଆଧାର କାର୍ଡ ଜବତ କରି ଅବକାରୀ ଥାନାକୁ ଆଣିଥିଲେ। ଚଢଉ ସମୟରେ ରାମାୟ ମାରାଣ୍ଡି ଓ ତାଙ୍କ ସ୍ତ୍ରୀ କୋଇଲି ମାରାଣ୍ଡି ବିଲ କାମ ଯାଇଥିବାବେଳେ ଘର ମଧ୍ୟରେ ତାଙ୍କ ୧୫ ବର୍ଷର ପୁଅ ଏକାକି ଥିଲେ। ଚଢ଼ଉରେ ସାମିଲ ଥିବା ଅବକାରୀ ଟିମ ତାଙ୍କ ପୁଅକୁ ବାକ୍ସ ଚାବି ଖୋଲାଇ ଏଥିରୁ ୩୦ ହଜାର ଟଙ୍କା ନେଇଥିବା ନେଇ ରାମାୟ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ନେଇ ଶନିବାର ରାମାୟ ବିଶୋଇ ଅବକାରୀ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ଅବକାରୀ ବିଭାଗ ନଗଦ ଟଙ୍କା ଆଣିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ଆଜି ରାମାୟ ଗ୍ରାମବାସୀଙ୍କ ସହିତ ମିଶି ବିଶୋଇ ଥାନାକୁ ଯାଇ ଅବକାରୀ ବିଭାଗ ଚଢ଼ଉ ସମୟରେ ତାଙ୍କ ବାସଗୃହରୁ ୩୦ ହଜାର ଟଙ୍କା ଜବତ କରିବା ନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅପରାହ୍ନ ସମୟରେ ଗ୍ରାମବାସୀଙ୍କ ସହିତ ମିଶି ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ବିଷୟରେ ଆମେ ଅବକାରୀ ବିଭାଗର ଅଧିକାରୀଙ୍କୁ ପଚାରି ବୁଝିଥିଲୁ ଅଧିକାରୀଙ୍କ କହିବା ମୁତାବକ, ରାମାୟଙ୍କ ଘରୁ ନଗଦ ଟଙ୍କା ଜବତ କରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ରାମାୟଙ୍କ ବାସଗୃହରୁ କେବଳ ବିପୁଳ ପରିମାଣର ମହୁଲ ଓ ତାଙ୍କ ସ୍ତ୍ରୀ କୋଇଲିଙ୍କ ଆଧାରକାର୍ଡର ଜେରକ୍ସ କୋପି ଜବତ କରାଯାଇଛି। ଘରେ ବେଆଇନ ମହୁଲ ଗଚ୍ଛିତ କରିବା ନେଇ ଅବକାରୀ ବିଭାଗ ପକ୍ଷରୁ କୋଇଲିଙ୍କ ବିରୁଦ୍ଧରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି ବୋଲି ଅବକାରୀ ଅଧିକାରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଘଟଣାର ସତ୍ୟତା ସ୍ପଷ୍ଟ ନ ଥିବାବେଳେ ଅଧିକ ତଦନ୍ତ ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ ବୋଲି ଚର୍ଚ୍ଚା ହୋଇଛି।

**ଇନ୍ଦୋ ପର୍ବ ପାଇଁ ଜଙ୍ଗଲରୁ ଆସିଲା କାଠ**

## ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ବାରିପଦା, ୨୦।୯ (ସମିସ): ଇନ୍ଦୋ ପର୍ବକୁ ନେଇ ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ପରିସରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନି ର୍ଦ୍ଦେ ଶ କ୍ର ମେ ଦେବୋତ୍ତର ବିଭାଗ ପକ୍ଷରୁ ଆଜି ଇନ୍ଦୋ ପର୍ବର ଆବଶ୍ୟକତା ପାଇଁ ଜଙ୍ଗଲରୁ କାଠ ଅଣାଯାଇ ମନ୍ଦିର ନିକଟରେ ପହଞ୍ଚାଯାଇଛି। ଦେବୋତ୍ତର ବିଭାଗର ଛାଟିଆ ଶ୍ରୀ ମୁଚିରାମଙ୍କ ନେତୃତ୍ୱରେ ଜଙ୍ଗଲରୁ କାଠ ଅଣାଯାଇଥିଲା। ଏହି କାର୍ଯ୍ୟ ସମୟରେ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। କାଠ ଅଣାଯିବା ଓ ଆବଶ୍ୟକ କାର୍ଯ୍ୟ ସମ୍ପାଦନରେ ରଥ ମହାରଣା ଆଲୋକନାଥ ମହାରଣା, କ୍ଷିତୀଶ ମହାରଣା, ରବୀନ୍ଦ୍ର ମହାରଣା, ହରିଶ ମହାରଣା, ହରିମୋହନ ମହାରଣା ଓ ଶମ୍ଭୁନାଥ ରଣାଙ୍କ ସମେତ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ଇନ୍ଦୋ ପର୍ବର ପାରମ୍ପରିକ ରୀତିନୀତି ଓ ଆବଶ୍ୟକ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି କାଠ ପହଞ୍ଚିବା ପରେ ମନ୍ଦିର ପକ୍ଷରୁ ପରବର୍ତ୍ତୀ ପ୍ରସ୍ତୁତି ଆରମ୍ଭ ହେବ। ପର୍ବକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଦେବୋତ୍ତର ବିଭାଗ, ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମନ୍ୱୟ ରହିଥିବା ଦେଖିବାକୁ ମିଳିଛି।



**ଧାଙ୍ଗୁଡ଼ିମୁତାରେ ପଣ୍ଡିତ ଲାକୋ ବଦ୍ରାଙ୍କ ଜୟନ୍ତୀ**

## ୬ ଦଫା ଦାବିରେ ବିଶାଳ ଶୋଭାଯାତ୍ରା

ବାରିପଦା, ୨୦।୯(ସମିସ): କୁସୁମୀ ବ୍ଲକର ବାଦାମପାହାଡର ଧାଙ୍ଗୁଡ଼ିମୁତାଠାରେ ହୋ ଭାଷାର ବର୍ଣ୍ଣମାଳା ଲିପି ତଥା ୱାରାଂଚିତିର ଉଦ୍ଭାବନ କର୍ତ୍ତା ପଣ୍ଡିତ ଲାକୋ ବଦ୍ରାଙ୍କ୧୦୭ତମ ଜୟନ୍ତୀ ଧୂମଧାମରେ ପାଳିତ ହୋଇଯାଇଛି। କୁସୁମୀ ବ୍ଲକର ସମସ୍ତ ହୋ ଗ୍ରାମର ହଜାର ହଜାର ମହିଳା, ପୁରୁଷ ଓ ଯୁବକ/ଯୁବତୀ ଏଥିରେ ସାମିଲ ହୋଇ ଗୁରୁଙ୍କ ଜୟନ୍ତୀ ଅତି ଆନନ୍ଦ ଉଲ୍ଲାସରେ ପାରମ୍ପାରିକ ରୀତିନୀତି ଅନୁସାରେ ଦିଉରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ୬ ଦଫା ଦାବି ନେଇ କୁସୁମୀ ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଅଭିମୁଖେ ଏକ ବିଶାଳ ଜନଆନ୍ଦୋଳନ ଶୋଭାଯାତ୍ରା କରାଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଉଦ୍ଦେଶ୍ୟରେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ ଓ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦାବିରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ରାଜ ଭାଷା କମିଟି ଅଧ୍ୟକ୍ଷ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ହୋ ଗ୍ରାମର ଜାହିରା ପୀଠର ଉନ୍ନତୀକରଣ, ଜାହିରା ପୀଠ ନ ଥିବା ହୋ ଗ୍ରାମରେ ଜାହିରା ସ୍ଥାପନ, ଦିଉରୀଙ୍କୁ ସରକାରୀ ଭତ୍ତା ପ୍ରଦାନ କରିବା, ହୋ ଓ କୋହ୍ଲ ଜନଜାତିଙ୍କୁ ସରକାରୀ ଦସ୍ତାବିଜରେ ଗୋଟିଏ ଜାତି ହୋ' ଭାବେ ଉଲ୍ଲେଖ କରିବା, ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ ପାଇଁ କେନ୍ଦ୍ରକୁ ସୁପାରିଶ ଓ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଆଦି ଦାବିରହିଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ପଣ୍ଡିତ ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଆଶୀର୍ବାଦ ନେଇଥିଲେ। ଦ୍ୱିଦିବସୀୟ ଫୁଟବଲ ଫାଇନାଲ ଖେଳର ଶୁଭାରମ୍ଭ କରିବା ସହିତ ଏକ ପେଡ଼ ମା କେ ନାମରେ ବୃକ୍ଷରୋପଣ କରାଯାଇଥିଲା। କୁସୁମୀ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ହୋ ଗ୍ରାମରୁ ନିମନ୍ତ୍ରିତ ହୋଇଥିବା ଦିଉରୀଙ୍କୁ ମନ୍ତ୍ରୀ ଉତ୍ତରୀୟ ଓ ପବିତ୍ର ଶାଳ ଗଛ ଚାରା ଉପହାର ଦେଇ ସମ୍ମାନିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଦିଉରୀମାନେ ଆଦିବାସୀ ହୋ ସମାଜ ରାକା ଆକାଳାର ନେତୃତ୍ୱରେ ମନ୍ତ୍ରୀଙ୍କୁ ନିଜର ଦାବି ଓଡିଶା ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ମନ୍ତ୍ରୀ ହୋ ସମାଜର ଭାଷା, ଧାର୍ମିକ ପୃଷ୍ଠଭୂମି, ଶିକ୍ଷା, କ୍ରୀଡା, ସଂସ୍କୃତିର ସୁରକ୍ଷା ଓ ଏହାର ସାମଗ୍ରୀକ ବିକାଶ ଉପରେ ଉପସ୍ଥିତ ନିଜ ହୋ ସମାଜର ଲୋକଙ୍କୁ ଉଦବୋଧନ ଦେଇଥିଲେ। ସରକାରୀ କ୍ଷେତ୍ରରେ ଲାକୋ ବଦ୍ରାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରିବା ପାଇଁ ସରକାର ଚିନ୍ତା କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ପୁତୁଲ ହାଇବ୍ରୁ, ଅଜିତ ତିରିଆ, ମନୋରଞ୍ଜନ ତିରିଆ, ଶ୍ୱେତା ଚାତାର, ରାଇରଙ୍ଗପୁର ଡିଏଫଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଗର ସିଙ୍କୁ, ସଞ୍ଜୟ ତିରିଆ, ହିନ୍ଦୁରାଇ ହେମ୍ବ୍ରମ, ଆଜାଦ ଚାତାର, ଟୁରା ହେମ୍ବ୍ରମ, ତୁରାମ ଦେଓଗାମ, ଗୋମେୟା ଅମ୍ପ, ଶୋକ ତିରିଆ, ଜୟ ବିକାଶ ପିଙ୍ଗୁଆ, ଶାସ୍ତ୍ରୀ ଗୋଡ଼ସୋରା, ସୁନୀଲ ଚାତାର ଓ ସମସ୍ତ ଧାଙ୍ଗୁଡ଼ିମୂତା ପଞ୍ଚାୟତ ଓ କୁସୁମୀ ବ୍ଲକର ହୋ ସମାଜ ବୁଦ୍ଧିଜୀବୀ ସହଯୋଗ କରିଥିଲେ।



## ଧଳାବଣିରେ ପଣ୍ଡିତ ଲାକୋ ବଦ୍ରାଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତି ଉନ୍ମୋଚନ



ଯଶିପୁର,୨୦।୯ (ସମିସ): ଯଶିପୁର ବ୍ଲକ ଧଳାବଣି ପଞ୍ଚାୟତର ଧଳାବଣିଠାରେ ଆଜି ଭଞ୍ଜଲକ୍ଷ୍ମୀ ଲାକୋ ବଦ୍ରା ୟୁଥ କ୍ଲବ ଆନୁକୂଲ୍ୟରେ ଅତଗୁରୁ ଲାକୋ ବଦ୍ରାଙ୍କ ୧୦୭ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଆଦିବାସୀ ଯୁବ ନେତା ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ କମିଟି ସଭାପତି ଘାସିରାମ ପୂର୍ତ୍ତି ଆବାହକ ଲକ୍ଷ୍ମଣ ସାୟାଁ ଓ ରଘୁନାଥ ମାର୍ଣ୍ଡି, ସଂଯୋଜକ ସଂଗ୍ରାମ ମୁନ୍ଦୁୟାଙ୍କ ତତ୍ତ୍ୱାବଧାନରେ ନୂତନ ଭାବେ ନିର୍ମିତ ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଧଳାବଣି ମିନି -ଷ୍ଟାଡିୟମରେ ମୂର୍ତ୍ତି ସ୍ଥାପନ ସହିତ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯଶିପୁର ବିଡିଓ ମାଧବ ବିରୁଆ ଆଗାମୀ ଦିନରେ ଆଦିବାସୀ ସମାଜ ନିଶାଠାରୁ ଦୂରେଇ ରହିବା, ଶିକ୍ଷିତ ହେବା ସହ ସଚେତନ ହେବା ଓ ସମସ୍ତେ କ୍ରୀଡା କ୍ଷେତ୍ରରେ ଆଗକୁ ନେବା ପାଇଁ ଧଳାବଣି ମିନି ଷ୍ଟାଡିୟମର ଉନ୍ନତିକରଣ ନିତାନ୍ତ ଦରକାର ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯଶିପୁର ଥାନା ଅଧିକାରୀ ରାଜେଶ ସେଠୀ ହୋ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ଚଳଣି, ବେଶ ଭୁଷା, ଧର୍ମ ଓ ଲିପିକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତେ ଆଗକୁ ଆସିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ହୋ ସମାଜ ସଭାପତି ମୋଟକା ବିରୁଆ, ଉପାଧ୍ୟକ୍ଷ ସୀତାରାମ ଚାତାର, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ହୋ ଓ ମିନତୀ ତିରିୟା, ସଂଗଠକ ଚିରଞ୍ଜୀବ କାରୁଆ, ରାମଚନ୍ଦ୍ର ସାୟାଁ, ଶ୍ୟାମ ସିଧୁ, ଲଦ ହୋ, ତୁରାମ ବାର୍ଯ୍ୟ, ସମାଜସେବୀ ଦର୍ପ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ। ଶ୍ରୀ ହେମ୍ବ୍ରମଙ୍କ ଦ୍ୱାରା ହୋ ସମାଜର ୱାରାଙ୍ଗ ଚିକି ଲିପିର ସ୍ରଷ୍ଟା ଅତ ଗୁରୁ ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତ ସ୍ଥାପନ କରିଥିବାରୁ ଖୁସିର ଲହରି ଖେଳିଯାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଡୁରୁମୁଙ୍ଗା, ୨୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କପାସପଡା ଡୁମୁରିଆ ରାସ୍ତାର କେତାଙ୍ଗ ନିକଟରେ ଏକ ବାଇକ ସହ ମୋପେଡ ମୁହାଁମୁହିଁ ଧକ୍କା ହେବା ଫଳରେ ମୋପେଡ୍‌ରେ ଥିବା ଚିନାମାଳିପଶି ଗ୍ରାମର ଗୋବିନ୍ଦ ବେହେରା (୭୧) ଗୁରୁତର ହୋଇଥିଲେ। ଘଟଗାଁ ଡାକ୍ତରଖାନାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ପରିଚୟ ମିଳି ପାରିନାହିଁ। ଢେଙ୍କିକୋଟ ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅନୁପସ୍ଥିତ; ବିଭାଗ ଜାଣିନି

ତେଲକୋଇ, ୨୦।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶିକ୍ଷାବିଭାଗ ଅଧୀନରେ ଥିବା ଦେଉଳଡିହା କ୍ଲଷ୍ଟର ନୂଆଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ବହୁ ଦିନ ଅନୁପସ୍ଥିତ ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟରେ ଥିବା ପ୍ରଧାନଶିକ୍ଷକ ପ୍ରକାଶଚନ୍ଦ୍ର ବେହେରା ଗଣେଶ ପୂଜା ଦିନଠାରୁ ସରକାରୀ ଛୁଟି ବ୍ୟତୀତ ଅଦ୍ୟାବଧି ବିଦ୍ୟାଳୟକୁ ଆସୁ ନ ଥିବା ନେଇ ଶିକ୍ଷା ବିଭାଗ ପାଖରେ ମଧ୍ୟ ସୂଚନା ନ ଥିବା ଜଣାପଡ଼ିଛି। ଏଭଳି କାର୍ଯ୍ୟ ପ୍ରତି ଶିକ୍ଷା ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଦାୟିତ୍ୱରେ ଥିବା ସିଆରସିସି ଖଗେଶ୍ୱର ନାୟକ କହିଛନ୍ତି ଯେ ତାଙ୍କ ପାଖକୁ କୌଣସି ଛୁଟି ଦରଖାସ୍ତ ଆସି ନାହିଁ। ଛୁଟି ଦରଖାସ୍ତଟି ପ୍ରଧାନଶିକ୍ଷକ ବିଦ୍ୟାଳୟର ଅଫିସଗୃହର ଟେବୁଲ୍ ଉପରେ ରଖାଯାଇଥିବା ବେଳେ ତାହା ସନ୍ଦେହ ଘେରରେ ରହିଛି। ତେବେ ଉକ୍ତ ବିଦ୍ୟାଳୟରେ ୨ଜଣ ଶିକ୍ଷକ ରହିଥିବା ବେଳେ ଖୋଦ୍ ପ୍ରଧାନଶିକ୍ଷକ ଗଣେଶ ପୂଜା ଭଳି ଦିନ ମଧ୍ୟ ଅନୁପସ୍ଥିତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷା ବିଭାଗ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଏଭଳି ମନମାନି ପାଇଁ କ'ଣ କାର୍ଯ୍ୟାନୁଷ୍ଠାନ ନେବ ତାହା ଦେଖିବାକୁ ବାକି ରହିଲା।



## ରକ୍ତ କର୍କଟ ରୋଗୀଙ୍କ ପାଇଁ ଜରୁରିକାଳୀନ ପ୍ଲେଟଲେଟ ଦାନ

ବାରିପଦା, ୨୦।୯ (ସମିସ): ମାନବିକତା ଓ ସେବା ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛନ୍ତି ମୟୂରଭଞ୍ଜର ନିୟମିତ ରକ୍ତଦାତା ଡ ନିରୋଜ କୁମାର ପୋଥାଲ। ଭୁବନେଶ୍ୱରସ୍ଥ ଏମ୍ସ ହସ୍ପିଟାଲରେ ଜଟିଳ ରକ୍ତକର୍କଟ ରୋଗରେ ଚିକିତ୍ସାଧୀନ ୨୩ ବର୍ଷୀୟ ଯୁବକ ହିତେଶ ନାଥଙ୍କ ପାଇଁ ଜରୁରିକାଳୀନ ଭାବେ ଏବି ପଜିଟିଭ ପ୍ଲେଟଲେଟର ଆବଶ୍ୟକତା ଥିବା ଖବର ପାଇ ଡ ନିରୋଜ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ହିତେଶ ଦୀର୍ଘଦିନ ଧରି ରକ୍ତକର୍କଟ ରୋଗରେ ପୀଡ଼ିତ ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଚିକିତ୍ସା ସମୟରେ ବାରମ୍ବାର ରକ୍ତ ଓ ପ୍ଲେଟଲେଟର ଆବଶ୍ୟକତା ପଡୁଛି। ପରିବାରର ଏକମାତ୍ର ପୁଅ ହିତେଶ କରୋନା ସମୟରେ ମାଆଙ୍କୁ ହରାଇଥିବାରୁ ତାଙ୍କ ପିତା ରତିକାନ୍ତ ନାଥ ହିଁ ତାଙ୍କର ଏକମାତ୍ର ଆଶା ଓ ଭରସା। ପୁଅର ଚିକିତ୍ସା ପାଇଁ ରତିକାନ୍ତ ବହୁ କଷ୍ଟ ସହି ନିୟମିତ ଭାବେ ବିଭିନ୍ନ ସମାଜସେବୀ ଓ ରକ୍ତଦାତାଙ୍କ ସହଯୋଗରେ ରକ୍ତ ଓ ପ୍ଲେଟଲେଟ ଯୋଗାଡ଼ କରିଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ହିତେଶଙ୍କ ପାଇଁ ତୁରନ୍ତ ପ୍ଲେଟଲେଟର ଆବଶ୍ୟକତା ହେବାରୁ ତାଙ୍କ ପିତା ରତିକାନ୍ତ ନାଥ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ ନରେଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିଥିଲେ। ଡ ସାହୁ ତୁରନ୍ତ ବାରିପଦାର ନିୟମିତ ରକ୍ତଦାତା ଡ ପୋଥାଲଙ୍କୁ ଏହି ଆବଶ୍ୟକତା ବିଷୟରେ ଜଣାଇବାରୁ ସେ ବସ୍ ଯୋଗେ ଭୁବନେଶ୍ୱର ଯାତ୍ରା କରି ପ୍ଲେଟଲେଟ ଦାନ କରିଥିଲେ।



## ରଙ୍ଗାଧରଙ୍କୁ ମିଳିବ ଜାତୀୟ ଅବସରପ୍ରାପ୍ତ ଶିକ୍ଷକ ସମ୍ମାନ

ଆନନ୍ଦପୁର, ୨୦।୯ (ସମିସ): ଅବସର ପରେ ମଧ୍ୟ ଶିକ୍ଷା ଓ ସମାଜସେବାକୁ ଜୀବନର ଧ୍ୟେୟ କରି ନିରନ୍ତର ସେବା ଯୋଗାଇ ଆସୁଥିବା ଓଡ଼ିଶାର ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗାଧର ମହାରଣା ୨୦୨୬ ମସିହାର ଜାତୀୟ ଶ୍ରେଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨ ଅକ୍ଟୋବର, ଗାନ୍ଧୀ ଜୟନ୍ତୀ ଅବସରରେ ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ଜାତୀୟ ସମ୍ମାନ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। କେନ୍ଦୁଝର ଜିଲ୍ଲା ଘସିପୁରା ଅଞ୍ଚଳର ଖଲିଆମେଣ୍ଟା ଗ୍ରାମର ଶ୍ରୀ ମହାରଣା ନିଜ ଜୀବନର ବଡ଼ ଅଂଶ ଶିକ୍ଷା କ୍ଷେତ୍ରକୁ ସମର୍ପିତ କରିଛନ୍ତି। ୮୩ ବର୍ଷ ବୟସରେ ମଧ୍ୟ ଥମିନାହିଁ ତାଙ୍କ ସେବାର ଯାତ୍ରା। ରକ୍ତଦାନ ଶିବିର, ବୃକ୍ଷରୋପଣ, ଗ୍ରାମୀଣ ସ୍ୱାସ୍ଥ୍ୟ ସହାୟତା, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ସହ ସାମାଜିକ ଏକତା ଓ ଭାଇଚାରା ପ୍ରସାରରେ ସେ ଆଜି ବି ସକ୍ରିୟ। ପାରମ୍ପରିକ ଆୟୁର୍ବେଦିକ ଜ୍ଞାନ ମାଧ୍ୟମରେ ମଧ୍ୟ ସେ ଅସହାୟ ଲୋକଙ୍କୁ ସହାୟତା କରିଆସୁଛନ୍ତି। ଶ୍ରୀ ମହାରଣାଙ୍କ ଏହି ସମ୍ମାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଓଡ଼ିଶାର ଗୌରବ ବୋଲି ଅଭିହିତ କରିଛନ୍ତି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜଣେ ଶିକ୍ଷକଙ୍କ ଅବସର ଚାକିରିରୁ ହୋଇପାରେ, କିନ୍ତୁ ସମାଜ ପ୍ରତି ତାଙ୍କ ସେବାରୁ ନୁହେଁ: ରଙ୍ଗାଧର ମହାରଣାଙ୍କ ଜୀବନ ଏହି ବାର୍ତ୍ତାର ଏକ ଉଜ୍ଜ୍ୱଳ ଉଦାହରଣ।



**ଅନ୍ଧ ବିଶ୍ୱାସ**

## ମେଡିକାଲରେ ମୃତ ଯୁବକଙ୍କୁ ଝାଡ଼ିଲେ ଗୁଣିଆ

ଆନନ୍ଦପୁର, ୨୦।୯ (ସମିସ): ପୁଣି ଥରେ ଅନ୍ଧବିଶ୍ୱାସ ମାୟାରେ ସଭ୍ୟ ସମାଜ। ସାପ କାମୁଡାର ଶିକାର ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିବାପରେ ପରିବାର ଓ ସମ୍ପର୍କୀୟମାନେ ଗୁଣିଆ ଡକାଇଲେ। ସେଠାରେ ଗୁଣିଆ ଆସି ମୃତଦେହକୁ ଝାଡି ସାପ ବିଷ ଉତାରିବାକୁ ଚେଷ୍ଟା କରିଥିଲେ। ଶେଷରେ ଯୁବକ ଆଉ ନଥିବା ଗୁଣିଆ ମଧ୍ୟ ସ୍ୱୀକାର କରିଥିଲେ। ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟଠାରେ ଏଭଳି ଘଟଣା ଘଟିଛି। ଘଷିପୁରା ଥାନା ଭଣ୍ଡାରିଡିହା ଗାଁର ଯୁବକ ସୁଶୀଲ କୁମାର ଭିତିରିଆଙ୍କୁ ମଧ୍ୟାହ୍ନରେ ଘର ନିକଟରେ ଏକ ବିଷଧର ସାପ କାମୁଡିଥିଲା। ପରିବାର ଓ ସାହି ପଡିଶା ମିଶି ତୁରନ୍ତ ତାଙ୍କୁ ନେଇ ଆନନ୍ଦପୁର ଚିକିତ୍ସାଳୟଠାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଓଡିଶା ଅଣଗେଜେଟେଡ୍ ଆନନ୍ଦପୁର ବନସେବା ସଂଘର କାର୍ଯ୍ୟନିର୍ବାହୀ ପରିଷଦ ଗଠିତ

ଆନନ୍ଦପୁର, ୨୦।୯ (ସମିସ): ଓଡିଶା ଅଣଗେଡେଟେଡ୍ ବନସେବା ସଂଘ ଆନନ୍ଦପୁର ଜୋନର ନୂତନ କାର୍ଯ୍ୟନିର୍ବାହୀ ପରିଷଦ ନିର୍ବାଚନ ଆଜି ଆନନ୍ଦପୁର ବନଖଣ୍ଡ ଅଧିକାରୀଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଡିଏଫଓ ପ୍ରଶାନ୍ତ ପଣ୍ଡା, ସହକାରୀ ବନ୍ୟ ସଂରକ୍ଷକ ଉମାକାନ୍ତ ଦାସ, ଡେପୁଟି ରେଞ୍ଜର ବ୍ରହ୍ମାନନ୍ଦ ବେହେରା, ବାରିପଦା ଅ ଣ ଗେ ଜେ ଟେ ଡ୍ ସେବା ସଂଘ ସଭାପତି ଧିରେନ୍ଦ୍ର ପାତ୍ର, ସମ୍ପାଦକ ପ୍ରଶାନ୍ତ ସିଂସାମନ୍ତ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ଅମରେନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ସଭାରେ ବନପାଳ ମଳୟ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଧିରେନ୍ଦ୍ର ପାତ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। କାର୍ଯ୍ୟନିର୍ବାହୀ ପରିଷଦର ସଭାପତି ଭାବେ ଅମେରେନ୍ଦ୍ର ନାଥ ଏବଂ ସମ୍ପାଦକ ଭାବେ ମଳୟ ସାହୁ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ସଙ୍ଗିତାରାଣୀ ଶାଷିନୀ, ଯୁଗ୍ମ ସମ୍ପାଦକ ଭାବେ ରଶ୍ମିରଂଜନ ରାଉତ, ସହକାରୀ ସମ୍ପାଦକ ଭାବେ ଅବିନାଶ ପରିଡା ଏବଂ କୋଷାଧ୍ୟକ୍ଷ ଭାବେ ବାପୁଜୀ ସାହୁ ନିର୍ବାଚିତ ହୋଇଥିଲେ। ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିଙ୍କ ଗହଣରେ ଶପଥ ପାଠ କରାଯାଇ ସ୍ୱାଗତ କରାଯାଇଥିଲା।



## ଭାଗବତ ମେମୋରିଆଲ ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



**ତାରିଣୀ ଏକାଦଶକୁ ହରାଇ ଚାମ୍ପିଅନ ହେଲା ଝାଡ଼ଗ୍ରାମ ଏକାଦଶ**

ଚମ୍ପୁଆ, ୨୦।୯ (ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମରେ ଚାରିଦିନ ଧରି ଚାଲିଥିବା ଭାଗବତ ମେମୋରିଆଲ ମହିଳା ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଝାଡ଼ଗ୍ରାମ ଫୁଟବଲ ଏକାଦଶ ଦଳ ୧-୦ ଗୋଲରେ ତାରିଣୀ ଫୁଟବଲ ଏକାଡେମୀକୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଟ୍ରଫି ହାସଲ କରିଛି। କେନ୍ଦୁଝର ତାରିଣୀ କ୍ଲବ ଓ ଚମ୍ପୁଆ ମର୍ଣ୍ଣିଂ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ମହିଳା ଫୁଟବଲ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଅନ୍ତିମ ଦିନରେ ଦୁଇଟି ମ୍ୟାଚ୍ ହୋଇଥିଲା। ତୃତୀୟ ସ୍ଥାନ ପାଇଁ କେନ୍ଦ୍ରାପଡ଼ା ଏକାଦଶ ଓ ଆସାମର ଗୌହାଟି ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ପରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଝାଡ଼ଗ୍ରାମ ଏକାଦଶ ଓ ତାରିଣୀ ଫୁଟବଲ ଏକାଡେମୀ ମୁହାଁମୁହିଁ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଥାନାଧିକାରୀ ସରୂପ ରଞ୍ଜନ ନାୟକ, କେଶବ ମହାନ୍ତ, ରମେଶଚନ୍ଦ୍ର ପ୍ରଧାନ, ସିଦ୍ଧାର୍ଥ ସିଂହ, ହବି ଦାସ ଓ ଅଗୁନୁ ଚରଣ ମହାନ୍ତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ତାରିଣୀ ଫୁଟବଲ ଏକାଡେମୀର ନିର୍ଦ୍ଦେଶକ ଗଣେଶ୍ୱର ମହାନ୍ତ, ଏକାଡେମୀର ସଭାପତି ବୀରେନ୍ଦ୍ର ମହାନ୍ତ ଏବଂ ଭାଗବତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରତିଷ୍ଠାତା ଇନ୍ଦୁମତୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ମହିଳା ଫୁଟବଲ ପ୍ରତି ନୂଆ ଉତ୍ସାହ ସୃଷ୍ଟି କରିବା ସହ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାରେ ସହାୟକ ହୋଇଛି।

## କରମ ପର୍ବ ପାଇଁ ବୈତରଣୀ ନଦୀରୁ ଉଠିଲା ଜାୱା

ଡୁରୁମୁଙ୍ଗା, ୨୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କୁଆପଶିଠାରେ କରମ ପର୍ବ ପାଳନ ପାଇଁ ପାରମ୍ପରିକ ରୀତିନୀତିରେ ଜାୱା ଉଠାଯାଇଛି। କୁଆପଶିଠାରେ ବ୍ଲକସ୍ତରୀୟ କରମ ପର୍ବ ଆୟୋଜନ ହେବାକୁ ଥିବାବେଳେ ଏହାକୁ ନେଇ କୁଡୁମୀ ସମାଜ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ତିନି ଦିନ ଧରି ଝୁମର ନୃତ୍ୟ ସହ ବିଭିନ୍ନ ପାରମ୍ପରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। କରମ ପର୍ବର ପରମ୍ପରା ଅନୁଯାୟୀ ରବିବାର କୁଡୁମୀ ସମାଜର ମହିଳା ଓ ପୁରୁଷମାନେ ପୁଣ୍ୟତୋୟା ବୈତରଣୀ ନଦୀର ଧାନବେଣୀ ଘାଟରୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରି ଜାୱା ଉଠାଇଥିଲେ। ପରେ ଝୁମର ନୃତ୍ୟ ଓ ଗୀତର ତାଳେ ତାଳେ ଜାୱାକୁ କୁଆପଶି ଗ୍ରାମ କରମ ଆଖଡା ସ୍ଥାନକୁ ଅଣାଯାଇଥିଲା। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା କୁଡୁମୀ ଜାତିର ଉପଦେଷ୍ଟା ଲାଲମୋହନ ମହାନ୍ତ, କରମ ସଭାପତି ପୁଷ୍ପଲତା ମହାନ୍ତ, ସମ୍ପାଦକ ଦମୟନ୍ତୀ ମହାନ୍ତ, କୋଷାଧ୍ୟକ୍ଷ ଅର୍ଜୁନ ଚରଣ ମହାନ୍ତ, ଓଡ଼ିଶା କୁଡୁମୀ ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ରାଜ୍ୟ ଯୁବ ସମ୍ପାଦକ ବିଶ୍ୱଜିତ ମହାନ୍ତ, ସଂଯୋଜକ ତଥା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ତ୍ରିନାଥ ମହାନ୍ତ, ଖଗେଶ୍ୱର ମହାନ୍ତ, ପବିତ୍ର ମହାନ୍ତ, ବସନ୍ତ ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ବିରଞ୍ଚି ମହାନ୍ତ, ପ୍ରମିଳା ମହାନ୍ତ, କଲ୍ୟାଣୀ ମହାନ୍ତ, ଫକୀର ମୋହନ ମହାନ୍ତ ଓ ସୌମ୍ୟରଞ୍ଜନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। କୁଆପଶି ଗ୍ରାମରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବ୍ଲକସ୍ତରୀୟ କରମ ପର୍ବକୁ ସଫଳ କରିବା ପାଇଁ ଆୟୋଜକ ଓ କୁଡୁମୀ ସମାଜ ପକ୍ଷରୁ ପ୍ରସ୍ତୁତି ଚାଲିଛି।



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ମିଳିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ। ଉଧାର ଟଙ୍କା ଫେରି ପାଇବେ ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ପରିଶ୍ରମର ଫଳ ମିଳିବ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୫- ଆଣ୍ଟଲାଣ୍ଟା ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନି ଗଠନ ହେଲା।
- ୧୯୮୪- ବ୍ରୁନେଇ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୯୯-ମଧ୍ୟ ତାଇୱାନ୍‌ରେ ଆସିଥିବା ଚି- ଚି ଭୂମିକମ୍ପ ଯୋଗୁଁ ପାଖାପାଖି ୨୪୦୦ ଲୋକଙ୍କ ପ୍ରାଣହାନି।
- ୨୦୦୪- ଆମେରିକା ଲିବିୟା ଉପରୁ ଆର୍ଥିକ ପ୍ରତିବନ୍ଧକ ହଟାଇଲା।

## ବିଶ୍ୱ ଆଲ୍‌ଝିମର ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଆଲ୍‌ଝିମର ଦିବସ' ଭାବରେ ପାଳନ କରାଯାଏ। ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଆଲ୍‌ଝିମର ରୋଗ ଏବଂ ଡିମେନ୍‌ସିଆ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ନେଇ ସମାଜରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା। ଆଲ୍‌ଝିମର ହେଉଛି ମସ୍ତିଷ୍କ ସହ ଜଡ଼ିତ ଏକ ଗମ୍ଭୀର ରୋଗ, ଯାହା ଧୀରେ ଧୀରେ ମଣିଷର ସ୍ମୃତିଶକ୍ତି ଓ ଚିନ୍ତା କରିବାର କ୍ଷମତାକୁ ନଷ୍ଟ କରିଦିଏ। ବୟସ ବଢ଼ିବା ସହିତ ଆଲ୍‌ଝିମର ସମସ୍ୟା ଦେଖାଯାଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା କୋଷଗୁଡ଼ିକର ବିକାଶରେ ବାଧା ସୃଷ୍ଟି ହୋଇ ଏହା ନଷ୍ଟ ହେବାରେ ଲାଗେ। ଏଥିଯୋଗୁଁ ଭୁଲାପଣ ସମସ୍ୟା ଦେଖାଯାଏ। ଏହି ସମସ୍ୟାକୁ ଡିମେନ୍‌ସିଆ କୁହାଯାଏ। ଆଲ୍‌ଝିମର ଡିମେନ୍‌ସିଆର ମୂଳ କାରଣ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟକ୍ଷମତା କମିଯାଏ। ଆଲ୍‌ଝିମରର ଚିକିତ୍ସା କରା ନ ଗଲେ ଏହା ପାରାଲିସିସ୍ ଆଡ଼କୁ ନେଇଯାଏ। ୧୯୦୭ ମସିହାରେ ଏହି ରୋଗକୁ ପ୍ରଥମେ ଠାବ କରାଯାଇଥିଲା। ଏହି ରୋଗ ଉପରେ ଜନସଚେତନା ସୃଷ୍ଟି ଲାଗି ସେପ୍ଟେମ୍ବର ୨୧କୁ ବିଶ୍ୱ ଆଲ୍‌ଝିମର ଦିବସ ଭାବେ ପାଳନ କରାଯାଉଛି। ଏହାସହ ୨୦୧୨ରୁ ସେପ୍ଟେମ୍ବର ମାସକୁ ଆଲ୍‌ଝିମର ମାସ ଭାବେ ପାଳନ କରାଯାଉଛି। ଏହାକୁ ଜର୍ମାନୀର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଅଲୋଇସ୍ ଆଲ୍‌ଝିମରଙ୍କ ନାମରେ ନାମକରଣ କରାଯାଇଛି। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା ଆଲିମଏଡ୍ ନାମକ ପ୍ରୋଟିନ୍ ଖଣ୍ଡମାନ ଜମି ରହିଥାଏ। ଏଥିଯୋଗୁଁ ମସ୍ତିଷ୍କର ସ୍ନାୟୁକୋଷ ମାନ ମରିଯାନ୍ତି। ଫଳରେ ଜଣକର ସ୍ମୃତିଶକ୍ତି ହ୍ରାସ ପାଇଥାଏ। ଏଥିଯୋଗୁଁ ନିତିଦିନିଆ କାମ, ଗାଧୋଇବା, ଖାଇବା, କଥାବାର୍ତ୍ତା କରିବା ଓ ପୋଷାକ ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ। ବଂଶଗତ କାରଣ, ମସ୍ତିଷ୍କରେ ଆଘାତ, ମାନସିକ ବିଷାଦ ଓ ଉଚ୍ଚ ରକ୍ତଚାପ ଏହି ରୋଗର ଆଶଙ୍କାକୁ ବଢ଼ାଇଦିଏ। ପ୍ରାୟ ୬୫ ବର୍ଷ ପରେ ଶତକଡ଼ା ପ୍ରାୟ ୫ରୁ ୧୦ଭାଗ ଲୋକଙ୍କଠାରେ ଏହି ରୋଗ ଦେଖାଯାଇଥାଏ। ଏହି ରୋଗର ପ୍ରଥମ ଲକ୍ଷଣ ହେଉଛି, ଲୋକଟି ଦିନର ଛୋଟ ଛୋଟ କାମ, ଟଙ୍କା ପଇସା, ଚାବି, ଘଣ୍ଟା, ଟଙ୍କା, ପାନିଆ ଇତ୍ୟାଦି କେଉଁଠି ରଖିଛି, ସେ ସବୁ ଭୁଲିଯାଏ। ଆସ୍ତେ ଆସ୍ତେ ନିକଟରେ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ଲୋକଟି ଭୁଲିଯାଏ। କ୍ରମଶଃ ନିଜର ଅନ୍ତରଙ୍ଗ ଲୋକମାନଙ୍କୁ ମଧ୍ୟ ଚିହ୍ନିପାରେ ନାହିଁ। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରେ। ନିଜର ନିତ୍ୟକର୍ମ ଯଥା - ଗାଧୋଇବା, ଖାଇବା ଇତ୍ୟାଦି ଠିକ୍ ଭାବରେ କରିପାରେ ନାହିଁ। ଏହି ରୋଗ ବହୁଦିନ ହେଲେ ବ୍ୟକ୍ତିର ସ୍ମରଣ ଶକ୍ତି ଆଦୌ ରହେ ନାହିଁ। ଅବାନ୍ତର କଥା କହିଥାଏ। ନୂଆ ଜିନିଷ କିମ୍ବା ନୂଆ କାମ କିଛି ବୁଝିପାରେ ନାହିଁ। ଔଷଧ ଚିକିତ୍ସା ଏହି ରୋଗକୁ ସଂପୂର୍ଣ୍ଣ ଭାବେ ଭଲ କରିପାରିବ ନାହିଁ, ମାତ୍ର ଏହାର ଲକ୍ଷଣକୁ କିଛି ମାତ୍ରାରେ କମ୍ କରିହେବ। ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ। ଏପରି ରୋଗୀଙ୍କୁ ବଡ଼ ବଡ଼ ବାକ୍ୟ ନ କହି ଛୋଟ ଛୋଟ ଶବ୍ଦ, ଯେପରି ସେ ବୁଝିପାରିବେ। ଏହା ବ୍ୟତୀତ ନିୟମିତ ଭାବେ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗକୁ ଦୂରେଇ ଦେବା ପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଉଚିତ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- "The Earlier You Know, The More You Can Do" ଅର୍ଥାତ୍, ସମୟ ଥାଉ ଥାଉ ଏହି ରୋଗକୁ ଚିହ୍ନିବା ଏବଂ ଏହା ବିଷୟରେ ସଚେତନ ହେବା ହିଁ ଏହାର ସବୁଠାରୁ ବଡ଼ ପ୍ରତିକାର। ବର୍ତ୍ତମାନ ସୁଦ୍ଧା ଆଲ୍‌ଝିମର ରୋଗକୁ ସମ୍ପୂର୍ଣ୍ଣ ଭଲ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବା ଚିକିତ୍ସା ବାହାରି ନାହିଁ, ଉପଯୁକ୍ତ ପଦକ୍ଷେପ ଦ୍ୱାରା ରୋଗର ଗତିକୁ ଧିମା କରାଯାଇପାରିବ।

## ଆନ୍ତର୍ଜାତିକ ଶାନ୍ତି ଦିବସ



ସାରା ବିଶ୍ୱରେ ଯୁଦ୍ଧ ବିଭୀଷିକା ଦୂର କରି ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ଆନ୍ତର୍ଜାତିକ ଶାନ୍ତି ଦିବସ ଭାବେ ପାଳନ କରାଯାଉଛି। ୧୯୮୧ରେ ମିଳିତ ଜାତିସଂଘ 'ଆନ୍ତର୍ଜାତିକ ଶାନ୍ତି ଦିବସ' ପାଳନ କରିବାକୁ ଘୋଷଣା କରିଥିଲା। ୧୯୮୨ରେ ପ୍ରଥମ ଥର ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ କରାଗଲା। ୧୯୮୨ରୁ ୨୦୦୧ ପର୍ଯ୍ୟନ୍ତ ସେପ୍ଟେମ୍ବର ମାସର ତୃତୀୟ ମଙ୍ଗଳବାରକୁ ଆନ୍ତର୍ଜାତିକ ଶାନ୍ତି ଦିବସ ଭାବରେ ପାଳନ କରାଯାଉଥିଲା। ୨୦୦୨ ମସିହାଠାରୁ ସେପ୍ଟେମ୍ବର ୨୧କୁ 'ଆନ୍ତର୍ଜାତିକ ଶାନ୍ତି ଦିବସ' ଭାବେ ପାଳନ କରାଯାଉଛି। ସମଗ୍ର ବିଶ୍ୱରେ ଯୁଦ୍ଧ ଏବଂ ହିଂସା ରୋକିବା, ଦେଶ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବା ଏବଂ ଶାନ୍ତିର ବାର୍ତ୍ତା ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ବିଶ୍ୱରେ ଅଶାନ୍ତ ଓ ଅରାଜଗତାର ବାତାବରଣ ଦେଖାଯିବା ସହ ସାମ୍ପ୍ରଦାୟିକ ହିଂସା ଭଳି ଘଟଣା ଦେଖାଯାଉଥିବାରୁ ଏହି ଦିବସ ପାଳନର ଗୁରୁତ୍ୱ ବଢିଯାଉଛି । ଏହି ଦିନ ମିଳିତ ଜାତିସଂଘର ମୁଖ୍ୟାଳୟ ନ୍ୟୁୟର୍କ ଠାରେ ଥିବା "ଶାନ୍ତି ଘଣ୍ଟି" ବଜାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଏ। ଧଳା କପୋତକୁ ଶାନ୍ତିର ଦୂତ ଭାବେ ବିବେଚନା କରାଯାଏ। ତେଣୁ ବିଶ୍ୱ ଶାନ୍ତି ଦିବସ ପାଳନ ଉପଲକ୍ଷେ ଧଳା କପୋତ ଉଡ଼ାଯାଇ ବିଶ୍ୱବାସୀଙ୍କୁ ଶାନ୍ତିର ବାର୍ତ୍ତା ଦିଆଯାଏ। ଏହି ଦିନ ସାରା ବିଶ୍ୱରେ ୨୪ ଘଣ୍ଟା ପାଇଁ ଅସ୍ତ୍ରବିରତି ବା ଯୁଦ୍ଧ ବନ୍ଦ ରଖିବାକୁ ଜାତିସଂଘ ଆହ୍ୱାନ ଦେଇଥାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି "ଶାନ୍ତିରେ ବିନିଯୋଗ କରନ୍ତୁ -ପ୍ରତ୍ୟେକ ବ୍ୟକ୍ତି ପାଇଁ, ପ୍ରତ୍ୟେକ ସ୍ଥାନରେ, ପ୍ରତିଦିନ।"

## ବଲିଉଡ୍‌ରେ ନୂଆ ରାବଣ

ନୀତେଶ ତିୱାରୀଙ୍କ ଆଗାମୀ ମେଗା ବଜେଟ୍ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିବାବେଳେ, ଏବେ ବଲିଉଡ୍‌ରେ ଆଉ ଏକ ରାମାୟଣକୁ ନେଇ ଆଲୋଚନା ଜୋର୍ ଧରିଛି। ନିର୍ଦ୍ଦେଶକ ପ୍ରଦୀପ ସାଇନିଙ୍କ ଆଗାମୀ ଚଳଚ୍ଚିତ୍ର 'ମହାକାବ୍ୟ ଶ୍ରୀ ରାମାୟଣ କଥା - ଶ୍ରୀ ରାମ କୀ' ଖୁବ୍ ଶୀଘ୍ର ପରଦାକୁ ଆସୁଛି। ଏହି ଫିଲ୍ମରେ ସବୁଠାରୁ ବଡ଼ ଆକର୍ଷଣ ସାଜିଛନ୍ତି ଏହାର ମୁଖ୍ୟ କଳାକାର ଏବଂ ସେମାନଙ୍କ ଚରିତ୍ର। ବିଶେଷ କରି ରାବଣ ଭୂମିକାରେ ନଜର ଆସିବାକୁ ଥିବା ଅଭିନେତା ରଜନୀଶ ଦୁଗ୍ଗଲ ଏବଂ ମାତା ସୀତା ଭୂମିକା କରୁଥିବା 'କଚ୍ଚା ବାଦାମ' ଫେମ୍ ଅଞ୍ଜଳି ଆରୋରାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମଡେଲିଂ ଦୁନିଆରୁ ଅଭିନୟକୁ ଆସିଥିବା ରଜନୀଶ ଦୁଗ୍ଗଲ ଜଣେ ପ୍ରତିଭାବାନ ଅଭିନେତା। ୨୦୦୮ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ହରର୍ ଫିଲ୍ମ '୧୯୨୦' ରୁ ସେ ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କ ଲୁକ୍ ଏବଂ ଅଭିନୟକୁ ଦେଖି ଲାଗୁଥିଲା ଯେ, ସେ ବଲିଉଡ୍‌ର ଜଣେ ଆଗଧାଡ଼ିର କଳାକାର ହେବେ। ପରବର୍ତ୍ତୀ ସମୟରେ ଭାଗ୍ୟ ତାଙ୍କ ସାଥ୍ ଦେଲାନାହିଁ। ସେ 'ଡେଞ୍ଜରସ ଇସ୍କ', 'ଏକ ପହେଲି ଲୀଲା', 'ଲାଲ୍ ଇସ୍କ' ଏବଂ 'ବଜହ୍ ତୁମ୍ ହୋ' ଭଳି ଅନେକ କମ୍ ବଜେଟ୍ ଏବଂ ଫ୍ଲପ୍ ଫିଲ୍ମରେ କାମ କଲେ। ବଲିଉଡ୍‌ରେ ବଡ଼ ସଫଳତା ନ ମିଳିବାରୁ ସେ ଅନେକ ଟେଲିଭିଜନ ଶୋ କରିବାକୁ ଲାଗିଲେ। ଏବେ ସେ ଓଟିଟି ପ୍ଲାଟଫର୍ମରେ 'ଇନ୍ସପେକ୍ଟର ଅବିନାଶ' ଭଳି ଶୋ'ରେ ନଜର ଆସୁଛନ୍ତି, କିନ୍ତୁ ଯେଉଁ ଷ୍ଟାରଡମ୍‌ର ସେ ହକଦାର ଥିଲେ, ତାହା ଏପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ। ରଜନୀଶଙ୍କ କ୍ୟାରିୟର ପାଇଁ ଏହି ନୂଆ 'ରାମାୟଣ'ରେ ରାବଣର ଶକ୍ତିଶାଳୀ ଚରିତ୍ର ଏକ ବଡ଼ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ରାବଣ ଭଳି ଏକ ଜଟିଳ ଏବଂ ପ୍ରଭାବଶାଳୀ ଚରିତ୍ର ପାଇଁ ଜଣେ ଅଭିନେତାଙ୍କୁ ଲୁକ୍, ବଡି ଲାଙ୍ଗୁଏଜ୍ ଏବଂ ଶକ୍ତିଶାଳୀ ଡାଇଲଗ୍ ଡେଲିଭରି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ପଡ଼ିଥାଏ।

ବଲିଉଡ୍ ଇତିହାସରେ ଅରବିନ୍ଦ ତ୍ରିବେଦୀ କିମ୍ବା ନିକିତିନ ଧୀରଙ୍କ ଭଳି କଳାକାରମାନେ ରାବଣ ଭୂମିକା କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଯଦି ରଜନୀଶ ରାବଣ ଚରିତ୍ରକୁ ଦର୍ଶକଙ୍କ ହୃଦୟରେ ବସାଇବାରେ ସଫଳ ହୁଅନ୍ତି, ତେବେ ବର୍ଷ ବର୍ଷ ଧରି ସେ ଅପେକ୍ଷା କରିଥିବା ମେଗା ହିଟ୍ ତାଙ୍କୁ ମିଳିଯାଇପାରେ। ଅପରପକ୍ଷରେ ରଣବୀର କପୁର-ଯଶ୍‌ଙ୍କ 'ରାମାୟଣ'ର କ୍ରେଜ୍ ଭିତରେ ଏହି ଛୋଟ ବଜେଟ୍‌ର ଫିଲ୍ମଟି ଦର୍ଶକଙ୍କୁ କେତେ ଆକୃଷ୍ଟ କରୁଛି, ତାହା ଦେଖିବାକୁ ବାକି ରହିଲା।



## ସ୍ୱସ୍ତି

## ସୁନିଆ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୨୩ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସେହିପରି ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଅବଶ୍ୟ ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ଅନନ୍ତ ବ୍ରତ



ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ପାଳନ କରାଯାଏ ଅନନ୍ତ ବ୍ରତ। ଉଭୟ ପୁରୁଷ ଓ ମହିଳା ଏହି ବ୍ରତ ପାଳନ କରନ୍ତି। ଏହି ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଭଗବାନ ବିଷ୍ଣୁଙ୍କ ଅନନ୍ତ ଶୟନ ମୁଦ୍ରା ପୂଜା ପାଏ। ସେହିପରି ଥରେ ଏହି ବ୍ରତ କଲେ ୧୪ ବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ ନିଷ୍ଠାର ସହ ଏହାକୁ ପାଳନ କରାଯାଏ। ମହାଭାରତ କାଳରେ ଅନନ୍ତ ଚତୁର୍ଦ୍ଦଶୀ ବ୍ରତ ଆରମ୍ଭ ହୋଇଥିବା କୁହାଯାଏ। ତେବେ ଅନନ୍ତ ବ୍ରତରେ ଭଗବାନ ବିଷ୍ଣୁଙ୍କ ଅନନ୍ତ ସ୍ୱରୂପକୁ ପ୍ରସନ୍ନ କରିବା ଏବଂ ଅନନ୍ତ ଫଳ ପାଇବା ଇଚ୍ଛାରେ ଏହି ବ୍ରତ ରଖାଯାଏ। ଏହି ଦିନ ବ୍ରତ ରଖାଯାଏ ଏବଂ ବିଷ୍ଣୁ ସହସ୍ରନାମ ପାଠ କରାଯାଏ।

ଧାତୁ ନିର୍ମିତ ଅନନ୍ତଙ୍କ ପ୍ରତିମା ପୂଜା କରାଯାଏ। ଅନନ୍ତ ଦେବଙ୍କ ପ୍ରତିମା ଚତୁର୍ଭୁଜ ବିଶିଷ୍ଟ ହେବା ଆବଶ୍ୟକ। ନାନା ରତ୍ନ ଅଳଙ୍କାର ସହିତ ଚାରିଭୁଜରେ ଶଙ୍ଖ, ଚକ୍ର, ଗଦା , ପଦ୍ମ ଧାରଣ କରିଥାନ୍ତି। ସେହିପରି ଏହିଦିନ ପୁରୁଣା ବ୍ରତକୁ ଫିଟାଯାଏ ଏବଂ ତାହାକୁ କ୍ଷୀରରେ ପକାଯାଏ। ଏହାପରେ ବ୍ରତଧାରୀ ନୂଆ ବ୍ରତ ଧାରଣ କରନ୍ତି। ପୁରୁଷମାନେ ଡାହାଣ ଏବଂ ମହିଳାମାନେ ବାମ ମଣିବନ୍ଧରେ ବ୍ରତ ଧାରଣ କରନ୍ତି। ଏହି ବ୍ରତକୁ ରକ୍ଷାସୂତ୍ର ମଧ୍ୟ କୁହାଯାଏ। ତେବେ ବ୍ରତରେ ପଡୁଥିବା ୧୪ ଗଣ୍ଠି ଭଗବାନ ଶ୍ରୀହରିଙ୍କ ୧୪ ଲୋକର ପ୍ରତୀକ ବୋଲି କୁହାଯାଇଥାଏ। ଧନ ଓ ସନ୍ତାନ ପ୍ରାପ୍ତି କାମନାରେ ଏହି ବ୍ରତ ପାଳନ କରାଯାଏ। ଏହି ବ୍ରତ ସମସ୍ତ ପ୍ରକାର କଷ୍ଟରୁ ମୁକ୍ତି ଦେଇ ସମସ୍ତ ବିପତ୍ତିରୁ ଉଦ୍ଧାର କରିଥାଏ।

## ଭାଗବତ ଜନ୍ମ



**ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ବିରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।**

ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥିକୁ ଶ୍ରୀକୃଷ୍ଣଙ୍କର ବିଗ୍ରହ ଭାବେ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୨୬ ତାରିଖରେ ଏହା ପଡୁଛି।

## ଲକ୍ଷ୍ମୀ ନାରାୟଣ ଯୋଗ

### ବଦଳିବ ୪ ରାଶିଙ୍କ ଭାଗ୍ୟ

ଏଥର ପିତୃପକ୍ଷ ଲକ୍ଷ୍ମୀ ନାରାୟଣ ଯୋଗରୁ ଆରମ୍ଭ ହେବ। ପିତୃପକ୍ଷ ଆରମ୍ଭ ହେବାର ଦିନକ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୬ରେ ଶୁକ୍ର ତୁଳା ରାଶିକୁ ପ୍ରବେଶ କରିବେ। ଏଠାରେ ଏବେ ବୁଧ ବିରାଜମାନ ଅଛନ୍ତି। ଶୁକ୍ର-ବୁଧ ସଂଯୋଗ ଯୋଗୁଁ ଲକ୍ଷ୍ମୀ ନାରାୟଣ ଯୋଗ ସୃଷ୍ଟି ହେବ। ତେବେ ଏହା ଏକ ଶକ୍ତିଶାଳୀ ଯୋଗ ହୋଇଥିବାରୁ ଏହାକୁ ବେଶ୍ ଦୁର୍ଲଭ ବୋଲି କୁହାଯାଏ। ସେପ୍ଟେମ୍ବର ୨୭ରୁ ଏହି ଅଦ୍ଭୁତ ସଂଯୋଗର ଲାଭ ୪ ରାଶିଙ୍କୁ ମିଳିବ।

**ମିଥୁନ:** ମିଥୁନ ରାଶି ବ୍ୟକ୍ତିବିଶେଷଙ୍କୁ ଲକ୍ଷ୍ମୀ ନାରାୟଣ ଯୋଗ ଦ୍ୱାରା ପୁରୁଣା ନିବେଶରୁ ଲାଭ ମିଳିବ। କୌଣସି ବଡ଼ ଖୁସି ଖବର ମିଳିବ। ଅଟକି ରହିଥିବା କାମ ପୂରା ହେବ। ସେୟାର୍ ବଜାର, ମିଡିଆ ସହ ଜଡ଼ିତ ଲୋକଙ୍କୁ ଲାଭ ମିଳିବ।

**ତୁଳା:** ତୁଳା ରାଶି ବ୍ୟକ୍ତିଙ୍କୁ ପିତୃପୁରୁଷଙ୍କ ଆଶୀର୍ବାଦରୁ ବ୍ୟବସାୟରେ ଲାଭ ମିଳିବ। ବିଦେଶ ଯାତ୍ରା ଯୋଗ ରହିଛି। ବିଦେଶ ସହ ଜଡ଼ିତ କାମରେ ସଫଳତା ମିଳିବ। ମାନସିକ ଚାପ କମ୍ ହେବ।

**ଧନୁ:** ଶ୍ରାଦ୍ଧ ପକ୍ଷରୁ ଧନୁ ରାଶି ବ୍ୟକ୍ତିଙ୍କ ଉଭୟ ଆୟ ଏବଂ ଖର୍ଚ୍ଚ ବଢ଼ିବ। ନୂତନ ଚାକିରି ଯୋଗ ରହିଛି। ବ୍ୟବସାୟରେ ଲାଭ ହେବ।

**କୁମ୍ଭ:** ଭାଗ୍ୟ ସାଥ୍ ଦେବ। ମିଡିଆ, ମାର୍କେଟିଂ, କଳା ସହ ଜଡ଼ିତ ଲୋକଙ୍କୁ ଖୁସି ଖବର ମିଳିବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। ବୈବାହିକ ଜୀବନରେ ମଧୁରତା ବଢ଼ିବ।

## ବାହାଘର ପୂର୍ବରୁ ଘରେ କେଉଁ ଜିନିଷ ରଖିବେନି

**ଘରେ ବିବାହ ଭଳି ମାଙ୍ଗଳିକ କାର୍ଯ୍ୟ ହେଉଥିଲେ ଘରକୁ ସୁନ୍ଦର ଓ ପରିଷ୍କାର ରଖିବା ଉଚିତ। ତେବେ ବାସ୍ତୁ ଅନୁସାରେ ବାହାଘର ପୂର୍ବରୁ କିଛି ଜିନିଷ ଏଭଳି ଅଛି, ଯାହାକୁ ଘରୁ ବାହାର କରିଦେବା ଭଲ।**

- ଘରେ କୌଣସି ପ୍ରକାର ଭଙ୍ଗା କାଚ ଥିଲେ ତାହାକୁ ତୁରନ୍ତ ଘରୁ ବାହାର କରି ଦିଅନ୍ତୁ। ଏହାକୁ ନକାରାତ୍ମକ ଶକ୍ତି ସହିତ ଯୋଡ଼ି ଦେଖାଯାଏ।
- ଘରେ ଘଣ୍ଟା ଖରାପ ହୋଇଯାଇଥିଲେ ତାହାକୁ ବାହାର କରି ଦିଅନ୍ତୁ। ବାସ୍ତୁ ଅନୁସାରେ, ଏହା ଉନ୍ନତିରେ ବାଧା ଆଣେ।
- ଡ୍ରେସ ଆଲମାରିକୁ ସଫା ରଖନ୍ତୁ। ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରୁ ନ ଥିବା ପୋଷାକକୁ ଅସହାୟଙ୍କୁ ଦାନ ଦିଅନ୍ତୁ।



- ବାସ୍ତୁ ଅନୁସାରେ, ଶୁଖିଲା ତଥା ଝାଉଁଳା ଗଛ ଘରେ ରଖନ୍ତୁ ନାହିଁ। ଘରେ କୌଣସି ଗଛ ଶୁଖିଯାଇଥିଲେ ତାହାକୁ ତୁରନ୍ତୁ ବାହାର କରିଦିଅନ୍ତୁ। ଏହା ଦ୍ୱାରା ଘରେ ନକାରାତ୍ମକତା ରହିବ ନାହିଁ, ସୁନ୍ଦର ଲାଗିବ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ଖରାପ ବୈଦ୍ୟୁତିକ ଉପକରଣ ଏବଂ କଳଙ୍କି ଲାଗିଥିବା ଜିନିଷକୁ ଘରେ ରଖନ୍ତୁ ନାହିଁ। କାର୍ଯ୍ୟରେ ବାଧା ସୃଷ୍ଟି କରେ।

# ଆଇଚି-ନାଗୋୟା ଏସିଆନ୍ ଗେମ୍ସ
# ଡବଲ ରୌପ୍ୟରୁ ଭାରତର ପଦକ ଅଭିଯାନ

ଟୋକିଓ,୨୦।୯ (ଏଜେନ୍ସି)

ଆଇଚି-ନାଗୋୟାଠାରେ ଆଜିଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ଏସିଆନ ଗେମ୍ସ-୨୦୨୬ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭାରତକୁ ଡବଲ ରୌପ୍ୟ ପଦକ ସଫଳତା ମିଳିଛି। ଉଭୟ ପଦକ ସୁଟିଂରୁ ମିଳିଛି। ଏଲାଭେନିଲ ଭାଲାରିଭାନ ଉଭୟ ପଦକ ଜିତାଇବାରେ ସଫଳ ହୋଇଛନ୍ତି। ଏହା ଛଡ଼ା ପ୍ରଥମ ଦିନରେ ଭାରତ ଆଉ କିଛି ପଦକ ଜିତିବା ସ୍ପଷ୍ଟ କରିଛି। କ୍ରିକେଟରେ ମହିଳା ଦଳ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛି। ସ୍ୱର୍ଣ୍ଣପଦକ ଲାଗି ମଙ୍ଗଳବାର ଶ୍ରୀଲଙ୍କା ସହ ଭାରତର ମୁକାବିଲା ହେବ। ମିକ୍ସଡ ମାର୍ଶିଆଲ ଆର୍ଟ୍ସରେ ଫାଇଟର ସୁଚିକା ତାରିୟାଲ ଆଉ ଏକ ପଦକ ନିଶ୍ଚିତ କରିଛନ୍ତି। ମହିଳା ପାରମ୍ପରିକ ଏମ୍‌ଏମ୍‌ଏ ୬୦ କିଲୋଗ୍ରାମ୍ ଲଢ଼େଇରେ ସୁଚିକା ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଭାରତକୁ ଆଉ ଏକ ପଦକ ମିଳିବା ନିଶ୍ଚିତ ହୋଇଛି। ହକି ଓ ଟିଟିରେ ଭାରତର ଉଭୟ ଦଳ ଉଦ୍‌ଘାଟନୀ ମୁକାବିଲାରେ ସହଜ ବିଜୟ ହାସଲ କରିଛନ୍ତି। ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ଜାପନ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟେକ୍‌ବଲରେ ଭାରତକୁ ଉଭୟ ମହିଳା ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ଚତୁର୍ଥ ସ୍ଥାନ ମିଳିଛି। କ୍ରିମ୍‌ସି ଡି ସୁଜା ଉଭୟ ମୁକାବିଲାରେ ପରାଜିତ ହୋଇଛନ୍ତି। ପୁରୁଷ ୧୦୦ ମିଟର ସନ୍ତରଣରେ ଓଡ଼ିଆ ପ୍ରତିଯୋଗୀ ଋଷଭ ଦାସ ୬ଷ୍ଠ ସ୍ଥାନରେ ରହିଛନ୍ତି। ଆଜିର ଖେଳରେ ଓଡ଼ିଆ ଭାବେ ଋଷଭଙ୍କ ବ୍ୟତୀତ ପୁରୁଷ ହକି ଦଳ ପାଇଁ ଖେଳୁଥିବା ଶିଳାନନ୍ଦ ଲାକ୍ରା ଡବଲ ଗୋଲ ଦେଇ ଭାରତର ବିଜୟରେ ସାମିଲ ହୋଇଛନ୍ତି। ଅନ୍ୟ ବିଭାଗରେ ଭାରତ କେବଳ ଲଢୁଆ ଖେଳରେ ସନ୍ତୁଷ୍ଟ ହୋଇଛି।

## ପ୍ରଥମ ଦିନରେ ଏଲାଭେନିଲ୍ ଜିତାଇଲେ ପଦକ



୨୦ତମ ଏସିଆ ଗେମ୍ସର ପ୍ରଥମ ଦିନରେ ସୁଟିଂରେ ଭାରତକୁ ୨ଟି ପଦକ ମିଳିଛି। ଉଭୟ ପଦକ ଜିତାଇବାରେ ଏଲାଭେନିଲ ଭାଲାରିଭାନ ସଫଳ ହୋଇଛନ୍ତି।

ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ୨ଟି ଯାକ ରୌପ୍ୟ ପଦକ ମିଳିଛି। ଟିମ୍ ଇଭେଣ୍ଟରେ ଏଲାଭେନିଲଙ୍କ ସହ ସୋନମ ମାସ୍କର, ବିଦାର୍ସା ବିନୋଦ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ଏହା ପରେ ଇଣ୍ଡିଭିଜୁଆଲ ଇଭେଣ୍ଟରେ ଏଲାଭେନିଲ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ନ ପାରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ୨୫୨.୪ ପଏଣ୍ଟ ପାଇଥିଲାବେଳେ ଏସୀୟ ରେକର୍ଡ କରିଥିବା ଜାପାନର ହିନତା ତାଇଚି ୨୫୩ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକରେ ସନ୍ତୁଷ୍ଟ ହୋଇଥିଲେ। କୋରିଆର ହ୍ୟୋଜିନ୍ ବାନଙ୍କୁ କାଂସ୍ୟ ପଦକ ମିଳିଥିଲା। ଏଲାଭେନିଲଙ୍କ ନାମରେ ବିଶ୍ୱରେକର୍ଡ ଥିବାରୁ ଭାରତ ଏଥିରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ସମ୍ଭବ ହୋଇ ନ ଥିଲା। ଗୁଆଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ସୁଟିଂରୁ ୨୨ଟି ପଦକ ପାଇଥିଲା। ଏହା ମଧ୍ୟରେ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ଥିଲା। ଆଇଚି-ନାଗୋୟାରେ ଭାରତ ଏହି ସଂଖ୍ୟା ଅତିକ୍ରମ କରିବ ବୋଲି ଆଶା ରଖିଛି।



● ମହିଳା କ୍ରିକେଟରେ ଶେଫାଳିଙ୍କ ଅପରାଜିତ ଶତକ

## ସ୍ୱର୍ଣ୍ଣପଦକ ଲାଗି ଭାରତ-ଶ୍ରୀଲଙ୍କା ମୁକାବିଲା

ନିଶିନ୍,୨୦।୯ (ଏଜେନ୍ସି): ଯୁବ ଓପନର ଶେଫାଳି ବର୍ମାଙ୍କ ଅପରାଜିତ ଶତକ, ନନ୍ଦିନୀ ଶର୍ମା ଓ ଦୀପ୍ତି ଶର୍ମାଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଏସିଆନ୍ ଗେମ୍ସ ମହିଳା




କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ବାଂଲାଦେଶକୁ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ଏହାର ଅର୍ଥ ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଭାରତ ଓ ଶ୍ରୀଲଙ୍କା ମଙ୍ଗଳବାର ଦିନ ପରସ୍ପର ସହ ଲଢ଼େଇ କରିବେ। ଅନ୍ୟ ଏକ ସେମିଫାଇନାଲରେ ଶ୍ରୀଲଙ୍କା ୮ ୱିକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଧିନାୟିକା ଚାମରି ଆଟାପାଟୁ ଅପରାଜିତ ୮୩ ରନ୍ କରି ଶ୍ରୀଲଙ୍କାକୁ ଜିତାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଶେଫାଳି ୪୯ ବଲ୍‌ରେ ୩ ଚୌକା ଓ ୯ ଛକା ସହ ଠିକ୍ ୧୦୦ ରନ୍ କରି ଟି-୨୦ କ୍ରିକେଟରେ ପ୍ରଥମ ଶତକ ହାସଲ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୩୩ ବଲ୍‌ରେ ୪୦ ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ବଲ୍‌ରେ ୩୭ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ବାଂଲାଦେଶ ୧୫.୪ ଓଭରରେ ମାତ୍ର ୮୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦିଲାରା ଅକତର ୨୭ ରନ୍ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଦୀପ୍ତି ୭ ରନ୍ ଓ ନନ୍ଦିନି ୨୫ ରନ୍ ଦେଇ ୩ଟି ଲେଖାଏଁ ୱିକେଟ ପାଇଥିଲେ। ସ୍ପିନର ଶ୍ରୀ ଚରଣିଙ୍କୁ ୨ଟି, ଶ୍ରେୟଙ୍କା ପାଟିଲ ଓ ପେସର କ୍ରାନ୍ତି ଗୌଡ଼ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

### ମନ୍ଧାନା ଟି-୨୦ରେ ଟପ୍ ସ୍କୋରର

ଏସିଆ ଗେମ୍ସର ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୧୯ ବଲ୍‌ରୁ ୫ ଚୌକା ଓ ୨ଛକା ସହ ୩୭ ରନ୍ କରିଥିବା ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ବିଶ୍ୱରେ ସର୍ବାଧିକ ଟି-୨୦ ରନ୍ କରିଛନ୍ତି। ଏହି ମ୍ୟାଚ୍ ପରେ ସମସ୍ତ ଟି-୨୦ରେ ମନ୍ଧାନାଙ୍କ ମୋଟ ରନ୍ ପହଞ୍ଚିଛି ୪୭୬୧ରେ। ଏହା ଫଳରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କ ନାମରେ ଥିବା ରେକର୍ଡକୁ ମନ୍ଧାନା ଅତିକ୍ରମ କରିଥିଲେ। ବେଟ୍‌ସ ୪୭୫୮ ରନ୍ କରି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରର ହରମନପ୍ରୀତ କୌର ୪,୨୮୭, ଶ୍ରୀଲଙ୍କାର ଚାମରି ଆଟାପାଟୁ ୪,୨୮୨ ଓ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ୩,୮୧୭ ରନ୍ କରି ପଞ୍ଚମ ସ୍ଥାନରେ ରହିଛନ୍ତି। ପୂର୍ବରୁ ମନ୍ଧାନା ମଧ୍ୟ ସମସ୍ତ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡ କରିଥିଲେ।

## ଓଡ଼ିଆ ସନ୍ତରଣକାରୀ ଋଷଭ ଷଷ୍ଠ

ନାଗୋୟା,୨୦।୯ (ଏଜେନ୍ସି): ଭାରତର ଋଷଭ ଦାସ ଏସିଆନ୍ ଗେମ୍ସ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲରେ ଷଷ୍ଠ ସ୍ଥାନରେ ରହିଛନ୍ତି।



ସନ୍ତରଣରେ ଭାରତୀୟ ସନ୍ତରଣକାରୀମାନେ ଫାଇନାଲରେ ପ୍ରବେଶ କରିବାରେ ଅସଫଳ ହେଉଥିଲାବେଳେ ଋଷଭ କିଛି ଆଶା ସୃଷ୍ଟି କରିଥିଲେ। କିନ୍ତୁ ଫାଇନାଲରେ ସେ ୫୪.୭୭ ସେକେଣ୍ଡ ସମୟ ନେଇ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ସେ ତୃତୀୟ ହିଟ୍‌ସରେ ୫୪.୮୫ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଋଷଭ ହେଉଛନ୍ତି ଜଣେ ଓଡ଼ିଆ ଓ ସେ ମହାରାଷ୍ଟ୍ର ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଛନ୍ତି।

## ଟେକ୍‌ବଲ୍‌ରେ ଡି ସୁଜା ଚତୁର୍ଥ

ଆଇଚି-ନାଗୋୟା,୨୦।୯ (ଏଜେନ୍ସି): ଏସିଆନ ଗେମ୍ସରେ ପ୍ରଥମଥର ଖେଳାଯାଉଥିବା ଟେକବଲ୍‌ରେ ଭାରତ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛି। ଏହି ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ଭାରତର କ୍ରିମସି ଡିସୁଜା କାଂସ୍ୟ ପଦକ ମୁକାବିଲାରେ ଜାପାନର ୟୁଇନା ସାକାମୋଟୋଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ସେହିପରି ମିକ୍ସଡ ଡବଲ୍ସର କାଂସ୍ୟ ପଦକ ମୁକାବିଲାରେ ମଧ୍ୟ ଭାରତକୁ ପରାଜିତ ହେବାକୁ ପଡ଼ିଛି। ଭାରତ ପକ୍ଷରୁ ଡିସୁଜା ଓ ମହମ୍ମଦ୍ ଆନସ ବେଗ୍ ଭିଏତ୍‌ନାମର ହୋଆଙ୍ଗ ମିନ୍ ଥାନ୍ ଓ ଜିଆ ଏନ୍‌ଗି ଟ୍ରିନ୍‌ଙ୍କଠାରୁ ହାରିଯିବା ଫଳରେ ଭାରତ ପଦକ ଲାଭରୁ ବଞ୍ଚିତ ହୋଇଛି।

## ମହିଳା ଟିଟି ଟିମ୍ ଅପରାଜେୟ

ଟୋକିଓ,୨୦।୯ (ଏଜେନ୍ସି): ଏସିଆନ ଗେମ୍ସ ମହିଳା ଟିଟି ଗ୍ରୁପ୍ ପର୍ଯ୍ୟାୟରେ ଭାରତ ତାହାର ଦୁଇଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଇଣ୍ଡୋନେସିଆକୁ ହରାଇବା ପରେ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ସିଙ୍ଗାପୁରକୁ ୩-୨ରେ ପରାସ୍ତ କରିଛି। ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ଇରାନଠାରୁ ପରାଜିତ ହୋଇଛି।

ମହିଳା ବ୍ୟାଡ୍‌ମିଣ୍ଟନରେ ଭାରତ ୩-୦ରେ କାଜାଖସ୍ଥାନକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ଜାପାନ ସହ ମୁକାବିଲା କରିବାକୁ ଯୋଗ୍ୟତା ଅର୍ଜନ କରିଛି।

## ହକିରେ ଭାରତର ବୃହତ୍ ବିଜୟ
## ମହିଳା ଦଳ ୧୯-୦ରେ ଜିତିଲା

କାକାମିଗାହାରା,୨୦।୯ (ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ଏସିଆନ ଗେମ୍ସ ମହିଳା ହକିରେ ଭାରତ ୧୯-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଭାରତ ପକ୍ଷରୁ ଦୀପିକା କୁମାରୀ ସର୍ବାଧିକ ୮ଟି, ଲାଲରେମସିଆମି, ଇଶିକା ୩ଟି ଲେଖାଏଁ, ବଲଜିତ କୌର, ନେହା, ନବନୀତ କୌର ଓ ଲାଲଥାଣ୍ଟଲୁଆଙ୍ଗି ୨ଟି ଲେଖାଏଁ, ସାକ୍ଷୀ ରାଣା ଗୋଟିଏ ଗୋଲ ସ୍କୋର କରିଥିଲେ। ଦୀପିକା ପେନାଲ୍ଟି କର୍ଣ୍ଣରରୁ ୬ଟି ଗୋଲ ସ୍କୋର କରିଥିଲେ। ଗ୍ରୁପ୍-ବି' ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଥିବା ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଇଣ୍ଡୋନେସିଆ ସହ ଆସନ୍ତାକାଲି ଖେଳିବ।



### ଦିଲପ୍ରୀତ୍‌ଙ୍କ ୪, ଶିଳାନନ୍ଦଙ୍କ ଡବଲ ଗୋଲ

ପୁରୁଷ ହକିରେ ଭାରତ ୧୩-୧ ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଦୀଲପ୍ରିତ ସିଂହ ସର୍ବାଧିକ ୪ଟି, ଓଡ଼ିଶାର ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଓ ସୁଖଜିତ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏମାନଙ୍କ ବ୍ୟତୀତ ହରମନପ୍ରୀତ ସିଂହ, ମନଦୀପ ସିଂହ, ଜୁଗରାଜ ସିଂହ ଓ ଅଭିଷେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ୧୩ଟି ମଧ୍ୟରୁ ୧୦ଟି ଫିଲ୍ଡ ଗୋଲ ଦେଇଥିଲା। ସୂଚନାଯୋଗ୍ୟ ଭାରତଠାରୁ ୪୦ଟି ଗୋଲ ଖାଇବା ପରେ ଏହି ମ୍ୟାଚ୍‌ରେ ଇଣ୍ଡୋନେସିଆ ପ୍ରଥମଥର ଗୋଲ ସ୍କୋର କରିବାରେ ସଫଳ ହୋଇଛି। ଆସନ୍ତା ମଙ୍ଗଳବାର ଶ୍ରୀଲଙ୍କା ସହ ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

## ତାକୁମି ଜିତିଲେ ପ୍ରଥମ ସ୍ୱର୍ଣ୍ଣ

ଆଇଚି-ନାଗୋୟା,୨୦।୯ (ଏଜେନ୍ସି): ଆୟୋଜକ ଜାପାନର ତାକୁମି ହୋଜୋ ଆଇଚି-ନାଗୋୟା ଏସିଆନ ଗେମ୍ସ-୨୦୨୬ର ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରବିବାର ସକାଳେ ଅନୁଷ୍ଠିତ ଟ୍ରାଏଥଲନରେ ସେ ପ୍ରଥମସ୍ଥାନ ଅଧିକାର କରି ଏହି ସଫଳତା ପାଇଛନ୍ତି। ଏହି ସ୍ୱର୍ଣ୍ଣ ବିଜୟ ସହ ସେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି।

## ୧୩ ବର୍ଷରେ ଗେମ୍ସ ରେକର୍ଡ

ଚୀନ୍‌ର ୟୁ ଜିଦି ମାତ୍ର ୧୩ ବର୍ଷ ବୟସରେ ଏସୀୟ ରେକର୍ଡ ଭାଙ୍ଗିବା ସହ ମହିଳା ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆସନ୍ତାମାସ ୧୪ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ୟୁ ଏହି ଦୂରତାକୁ ୨ ମିନିଟ୍ ୦୫.୦୮ ସେକେଣ୍ଡରେ ଅତିକ୍ରମ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୩ ବର୍ଷ ତଳେ ଗୁଆଙ୍ଗଝୋଉ ଏସିଆନ୍ ଗେମ୍ସରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ଝାଙ୍ଗ ୟୁଫେଇ ୨ମିନିଟ୍ ୦୫.୫୭ ସେକେଣ୍ଡ ସମୟନେଇ ଏହି ରେକର୍ଡ କରିଥିଲେ। ଗତବର୍ଷ ମାତ୍ର ୧୨ ବର୍ଷ ବୟସରେ ଚୀନ୍‌ର ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍‌ରେ ଭାଗନେଇ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ସେ ବିଶ୍ୱର ସର୍ବକନିଷ୍ଠ ବିଶ୍ୱଚାମ୍ପିଅନସିପ ପଦକ ବିଜେତା ଭାବେ ବିବେଚିତ ହୋଇଥିଲେ।

## ପଦକ ପକ୍କା କଲେ ସୁଚିକା

କାକାମିଗାହାରା,୨୦।୯ (ଏଜେନ୍ସି): ଭାରତର ସୁଚିକା ତରିଆଲ ଏସିଆନ୍ ଗେମ୍ସରେ ଭାରତ ଲାଗି ଆଉ ଏକ ପଦକ ପକ୍କା କରିଛନ୍ତି। ସେ ଏମ୍‌ଏମ୍‌ଏ (ମିକ୍ସଡ ମାର୍ଟିଆଲ ଆର୍ଟ୍ସ)ର ମହିଳା ପାରମ୍ପରିକ ୬୦ କେଜି ସେମିଫାଇନାଲରେ ପ୍ରବେଶ କରିବା ଫଳରେ ନିୟମ ଅନୁଯାୟୀ ପଦକ ବିଜୟୀ ହେବେ। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ମଙ୍ଗୋଲିଆର ପ୍ରତିଯୋଗୀଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ସେ ସିଙ୍ଗାପୁରର ହୁଇ ହୁନ୍ ଟେଓଙ୍କୁ ଭେଟିବେ। ଏହି ମୁକାବିଲାରେ ସେ ପରାଜିତ ହେଲେ ମଧ୍ୟ ଅତିକମ୍‌ରେ କାଂସ୍ୟ ପଦକ ହାସଲ କରିବେ। ସୂଚନାଯୋଗ୍ୟ ଏମ୍‌ଏମ୍‌ଏ ୬ଟି ଭିନ୍ନ ଭିନ୍ନ ଖେଳକୁ ନେଇ ଆୟୋଜିତ ହୋଇଥାଏ। ଏହି ଖେଳଗୁଡିକ ହେଲା, ଫ୍ରିଷ୍ଟାଇଲ ବିଏମ୍‌ଏକ୍ସ, ଟେକବଲ୍, ପାଡେଲ, ସର୍ଫିଙ୍ଗ୍ ଓ ଭର୍ଚୁଆଲ ଟାଏକ୍ୱୋଣ୍ଡୋ।

ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ଭାଗନେଇଥିବା ଏକମାତ୍ର ପ୍ରତିଯୋଗୀ ବରୁଣ ସାନ୍ୟାଲ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୱାର୍ଟର ଫାଇନାଲ ଲଢ଼େଇରୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଓଜନ କମାଇବାକୁ ଯାଇ ସେ ପୂର୍ବଦିନ କିଛି ଖାଇ ନ ଥିଲେ। ଫଳରେ କ୍ୟୁଇଜ୍‌ରେ ଥିଲାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ନେପାଳର ଜଣେ ପ୍ରତିଯୋଗୀ ବରୁଣଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖି ମେଡିକାଲ ନେଇଥିଲେ। ଚିକିତ୍ସା ପରେ ଏବେ ସେ ସୁସ୍ଥ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ବରୁଣ ବିନା ଲଢ଼େଇରେ ବିଦାୟ ନେଇଛନ୍ତି। ବରୁଣ ହେଉଛନ୍ତି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦର ସଦସ୍ୟ ସଞ୍ଜୀବ ସାନ୍ୟାଲଙ୍କ ପୁଅ।

## କଟକ ପାନ୍ଥର୍ସ -ସମ୍ବଲପୁର ୱାରିୟର୍ସ ଜୋରଦାର ମୁକାବିଲା
# ଓଡ଼ିଶା ଟି-୨୦ ଲିଗ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୦।୯ (ସମିସ)

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୯ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସୁରେଶ ରାଇନା, ଦେବାଶିଷ ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ, ଟୁର୍ଣ୍ଣାମେଣ୍ଟ ସ୍ପନସର ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବା ମୁଖ୍ୟମନ୍ତ୍ରୀ ଘଣ୍ଟି ବଜାଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗ ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଓଡ଼ିଶା କ୍ରିକେଟ ସଂଘର କର୍ମକର୍ତ୍ତା, ବିଧାୟକ ଆଦି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ୬ଟି ଦଳର ଅଧିନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଆଜି ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଓ ରନର୍ସ ଅପ୍ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଶେଷ ଖବର ସୁଦ୍ଧା ୧ ୱିକେଟ ବିନିମୟରେ ୧୩୬ ରନ୍ ସଂଗ୍ରହ କରିନେଇଛି।

ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ ମଧ୍ୟରେ ୯ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହାପରେ ପଏଣ୍ଟର ଶୀର୍ଷରେ ରହିଥିବା ଦଳ ସିଧାସଳଖ ୨୯ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସେହିଭଳି ଦ୍ୱିତୀୟ ଓ ତୃତୀୟ ସ୍ଥାନିତ ଦଳ ମଧ୍ୟରେ ଏକମାତ୍ର କ୍ୱାଲିଫାୟର ମ୍ୟାଚ୍ ସେପ୍ଟେମ୍ବର ୨୮ରେ ଅନୁଷ୍ଠିତ ହେବ।

● ଅଲ୍ ଓଡ଼ିଶା ୬-ରେଡ୍ ଓପନ ସ୍ନୁକର

## ଆଶୁତୋଷଙ୍କୁ ହରାଇ ଆକାଶ ଚାମ୍ପିଅନ



ଭୁବନେଶ୍ୱର,୨୦।୯ (ସମିସ): ଓଡ଼ିଶାର ନଂ-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ୬-୫ଫ୍ରେମ୍‌ରେ ପରାସ୍ତ କରି ଚ୍ୟାଲେଞ୍ଜର ଆକାଶ ମହାପାତ୍ର ଦ୍ୱିତୀୟ ଜିକେ ଅଲଓଡ଼ିଶା ୬-ରେଡ୍ ଓପନ ସ୍ନୁକର ଚାମ୍ପିଅନ ହୋଇଛନ୍ତି। କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଆଜି ଅନୁଷ୍ଠିତ ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ଏକ ବଡ଼ ବିପର୍ଯ୍ୟୟ ସହ ଟାଇଟଲ କବ୍‌ଜା କରିଛନ୍ତି। ଖେଳ ଶେଷରେ ଜିକେ ଗ୍ରୁପ୍ ଅଫ୍ କମ୍ପାନୀର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ବେହେରା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଆକାଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା, ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଲିଆର୍ଡସ ଆଣ୍ଡ ସ୍ନୁକର ଆସୋସିଏସନ ସମ୍ପାଦକ ସମୀର ଅଲି, ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ଅନ୍ୟ ପ୍ରାୟୋଜକମାନେ ଉତ୍ସବରେ ଉପସ୍ଥିତ ଥିଲେ।

## ୧୧ ସ୍ୱର୍ଣ୍ଣ ସହ ଶୀର୍ଷରେ ଚୀନ୍

ଟୋକିଓ,୨୦।୯ (ଏଜେନ୍ସି): ଆଇଚି-ନାଗୋୟା ଏସିଆନ ଗେମ୍ସର ପ୍ରଥମ ଦିନରେ ଚୀନ୍ ୧୧ ସ୍ୱର୍ଣ୍ଣ ସହ ୨୦ଟି ପଦକ ଜିତି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଦଳ ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାସଲ କରିଛି। ଆୟୋଜକ ଜାପାନ ୬ସ୍ୱର୍ଣ୍ଣ, ୭ରୌପ୍ୟ ଓ ୭କାଂସ୍ୟ ସହ ୨୦ଟି ପଦକ ହାସଲ କରି ଦ୍ୱିତୀୟସ୍ଥାନରେ ରହିଛି। ଦକ୍ଷିଣ କୋରିଆ ୪ ସ୍ୱର୍ଣ୍ଣ ସହ ୧୪, କାଜାଖସ୍ତାନ ୩ ସ୍ୱର୍ଣ୍ଣ ସହ ୫, ଥାଇଲାଣ୍ଡ ୩ ସ୍ୱର୍ଣ୍ଣ ସହ ୩ ଓ ମ୍ୟାନ୍‌ମାର ୩ସ୍ୱର୍ଣ୍ଣ ସହ ୩ଟି ପଦକ ଜିତି ପଦକ ତାଲିକାରେ ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନରେ ରହିଛନ୍ତି। ପ୍ରଥମ ଦିନରେ ଭାରତ ୨ଟି ପଦକ ଜିତି ହଂକଂ ସହ ମିଳିତଭାବେ ୧୦ମ ସ୍ଥାନରେ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS